RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI
♦VOLUME- 44 ♦ISSUE-37 ♦FRIDAY ♦31 JULY 2026 ♦PAGE-12 ♦₹ 7.00
♦ବର୍ଷ-୪୪ ♦ସଂଖ୍ୟା-୩୭ ♦ଶୁକ୍ରବାର ♦୩୧ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଜାତୀୟ କ୍ରୀଡ଼ାରେ ରଙ୍ଗବଦଳ

# ଗେରୁଆ ହେଲା 'ମେନ୍ ଇନ୍ ବ୍ଲୁ'




■ ନୂଆଦିଲ୍ଲୀ, ୩୦।୭ (ସମିସ): ଭାରତୀୟ ହକି ଦଳର ଜର୍ସି ରଙ୍ଗ ନୀଳରୁ କମଳା କରିବାକୁ ନିଆଯାଇଛି ନିଷ୍ପତ୍ତି। ଯାହାକୁ ନେଇ ଜାତୀୟସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ହକି ଦଳ ପୋଷାକର ରଙ୍ଗ ପରିବର୍ତ୍ତନ ପରେ 'ମେନ୍ ଇନ୍ ବ୍ଲୁ', 'ଓମେନ୍ ଇନ୍ ବ୍ଲୁ' ଏବେ ଇତିହାସ ପାଲଟିଛି। ଖେଳାଳି ଓ କ୍ରୀଡ଼ା ପ୍ରଶାସକମାନେ ଏହାକୁ କଟୁ ସମାଲୋଚନା କରିଛନ୍ତି। ଓଡ଼ିଶା ସରକାର ବର୍ତ୍ତମାନ ଜାତୀୟ ହକିର ପ୍ରାୟୋଜକ ଥିବାରୁ ସରକାରଙ୍କ ଚାପରେ ଏହି ରଙ୍ଗ ପରିବର୍ତ୍ତନ ହୋଇଥିବା ନେଇ ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। କ୍ରୀଡ଼ାର ଏପରି ରାଜନୀତିକରଣକୁ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ ତଥା ସାଧାରଣ ଲୋକେ ନାପସନ୍ଦ କରିଛନ୍ତି।

ଆସନ୍ତା ମାସରେ ହେବାକୁ ଥିବା ଏଫ୍ଆଇଏଚ୍ ବିଶ୍ୱକପ୍ ପାଇଁ ଭାରତୀୟ ହକି ଦଳର ପାରମ୍ପରିକ ନୀଳ ପୋଷାକ ବଦଳରେ ଗେରୁଆ ଜର୍ସି ବ୍ୟବହାରକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ

### ପ୍ରଶ୍ନ ଉଠାଇଲେ ପୂର୍ବତନ ଖେଳାଳି

### ବିଜେପି-ଆର୍ଏସ୍ଏସ୍କୁ ପ୍ରିୟଙ୍କା ଗାନ୍ଧୀଙ୍କ ସମାଲୋଚନା

ଅଧିନାୟକ ବିରେନ୍ ରସ୍କିନ୍ହାଙ୍କ ସମେତ ଅନେକ ପ୍ରଶଂସକ ଏହି ନିଷ୍ପତ୍ତିକୁ ନାପସନ୍ଦ କରିବା ସହ ଦଳର ପାରମ୍ପରିକ ପରିଚୟ ବଦଳାଇବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଏହାର ସମାଲୋଚନା କରିଛନ୍ତି। ସଂସଦ ଭବନ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରିୟଙ୍କା କହିଛନ୍ତି ଯେ ସରକାର ଚାହିଁଲେ ପୋଷାକର ରଙ୍ଗ କିମ୍ବା ଶିକ୍ଷା ନୀତି ମାଧ୍ୟମରେ ଇତିହାସ ବଦଳାଇବାକୁ ଚେଷ୍ଟା କରିପାରନ୍ତି। କିନ୍ତୁ ଭାରତର ଆତ୍ମା ଓ ମୂଳ ଆଦର୍ଶକୁ କେହି ବଦଳାଇ ପାରିବେ ନାହିଁ। ସତ୍ୟ, ଅହିଂସା, ଭାତୃଭାବ ଓ ଏକତା ଉପରେ ଦେଶର ମୂଳଦୁଆ ଆଧାରିତ। ସ୍ୱାଧୀନତା ସଂଗ୍ରାମ ସତ୍ୟ ଓ ଅହିଂସା ଉପରେ ଆଧାରିତ ଥିଲା ଏବଂ ସେଥିରେ ଆର୍ଏସ୍ଏସ୍ର କୌଣସି ଯୋଗଦାନ ନଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଯନ୍ତରମନ୍ତରରେ ଏକାଠି ହୋଇଥିବା ଯୁବକମାନଙ୍କ ସ୍ୱର ହିଁ ପ୍ରକୃତ ଦେଶର ସ୍ୱର ବୋଲି ଦର୍ଶାଇ, ଜର୍ସି ରଙ୍ଗ ପରିବର୍ତ୍ତନ ଦ୍ୱାରା ଦେଶବାସୀଙ୍କ ମନୋଭାବକୁ ବଦଳାଯାଇପାରିବ ନାହିଁ ▶ପୃଷ୍ଠା-୭

# କ୍ରୀଡ଼ାପ୍ରେମୀଙ୍କ ଭାବନାକୁ ଗଭୀର ଆଘାତ: ନବୀନ

## "ଜାତୀୟ ପ୍ରତୀକ ଦେଶବାସୀଙ୍କୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ, ଭାଗଭାଗ ପାଇଁ ନୁହେଁ"



### ନୀଳ ରଙ୍ଗରେ ଭରିରହିଛି କ୍ରୀଡ଼ା ଐତିହ୍ୟ ସହ ଯୋଡ଼ି ହୋଇଥିବା ଆବେଗ

### ଦୁଇ ବର୍ଷ ହେଲାଣି କେବଳ ରଙ୍ଗ ବଦଳ ନିଶାରେ ମାତିଛନ୍ତି ସରକାର

■ ଭାରତୀୟ ଜାତୀୟ କ୍ରୀଡ଼ା ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ବିଜେପି ସରକାରଙ୍କ ଏପରି ମାନସିକତାକୁ ସମାଲୋଚନା କରିବା ସହ ଏହା ନିମ୍ନମାନର ରାଜନୀତି ବୋଲି ନବୀନ କହିଛନ୍ତି। ଜାତୀୟ ପ୍ରତୀକଗୁଡ଼ିକ ଆମକୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ; ଭାଗ ଭାଗ କରିବା ପାଇଁ ନୁହେଁ। ଏହା ସାରା ଦେଶର ଲକ୍ଷ ଲକ୍ଷ କ୍ରୀଡ଼ାପ୍ରେମୀଙ୍କ ଭାବନାକୁ ଆଘାତ ପହଞ୍ଚାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭାରତୀୟ ହକି ଟିମ୍ର କିମ୍ବଦନ୍ତୀ ଜର୍ସି ରଙ୍ଗକୁ ଗେରୁଆ ରଙ୍ଗରେ ପରିବର୍ତ୍ତନ କରାଯାଇଥିବା ଜାଣି ମୁଁ ଗଭୀର ଭାବେ ମର୍ମାହତ। ଭାରତୀୟ ହକି ଟିମ୍ର ଏହି ନୀଳ ରଙ୍ଗ କେବଳ ଗୋଟିଏ ରଙ୍ଗ ନୁହେଁ। ଏହା ଦେଶର କ୍ରୀଡ଼ା ଐତିହ୍ୟ ସହ ▶ପୃଷ୍ଠା-୭

# ମାଡ଼ିଆସୁଛି 'ମହା' ବନ୍ୟା

- ଉତ୍ତର ଓଡ଼ିଶାରେ ଖସୁଛି ପ୍ରମୁଖ ନଦୀର ଜଳସ୍ତର
- ଉପକୂଳକୁ ବିପଦ ଆଣିଲା ମହାନଦୀ ପାଣି
- ମୁଣ୍ଡଳୀ ଛାଡ଼ିଲା ୯ ଲକ୍ଷ କ୍ୟୁସେକ୍ ବନ୍ୟାଜଳ
- ଫୁଲୁଛି ମହାନଦୀର ସବୁ ଶାଖାନଦୀ
- କଟକ, ଜଗତସିଂହପୁର, ପୁରୀ ଜିଲ୍ଲାକୁ ବିପଦ
- ସତର୍କ ସଙ୍କେତ ଉପରେ ବୈତରଣୀ ଓ ଜଳକା



■ ଭୁବନେଶ୍ୱର, ୩୦।୭ (ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗମ୍ଭୀର ଅବସ୍ଥା ଧାରଣ କରିଛି। ଯଦିଓ ପ୍ରମୁଖ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି, ତଥପି ଏବେ ବି ଶତାଧିକ ଗାଁ ଜଳମଗ୍ନ ଅବସ୍ଥାରେ ରହିଛି। ବୈତରଣୀ ନଦୀ ଆଖୁଆପଦାଠାରେ ହ୍ରାସ ପାଇ ସତର୍କ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ କେବଳ ଜଳକା ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗରେ ଜଳସ୍ତର କମୁଥିବା ସମୟରେ ମହାନଦୀ ସ୍ଥିତି ଏବେ ଏକାଧିକ ଜିଲ୍ଲା ପାଇଁ ଚିନ୍ତା ବଢ଼ାଇଛି। ମହାନଦୀରେ ସନ୍ଧ୍ୟା ସୁଦ୍ଧା ପାଖାପାଖି ୯ ଲକ୍ଷ କ୍ୟୁସେକ ପାଣି ଚାଲୁଥିବାରୁ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ସ୍ଥିତି ଏବେ ବଡ଼ ଆହ୍ୱାନ ସାଜିଛି।

ମହାନଦୀରେ ଟଳମଳ ଅବସ୍ଥା ବେଳେ ଆଗାମୀ ୧୮-୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ହୀରାକୁଦ ଜଳଭଣ୍ଡାରରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୨ଟି ଗେଟ୍ ଖୋଲା ରହିଥିଲେ ମଧ୍ୟ ତଳ ମୁଣ୍ଡରେ ମାତ୍ରାଧିକ ବର୍ଷା ଯୋଗୁଁ ମହାନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ସମୟରେ ଛତିଶଗଡ଼ରେ ହୋଇଥିବା ପ୍ରବଳ ବର୍ଷା ଓ ରୁଲ୍ କର୍ଭ ଅନୁଯାୟୀ ଏବେ ହୀରାକୁଦରେ ଆବଶ୍ୟକତାଠାରୁ ଅଧିକ ପାଣି ଥିବାରୁ ସେଠାରେ ଏବେ ଅଧିକ୍ ଗେଟ୍ ଖୋଲିବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ପୂର୍ବରୁ ମୁଣ୍ଡଳୀ ଦେଇ ୧୦ ଲକ୍ଷ ▶ପୃଷ୍ଠା-୭

## ୬୨୧ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

■ ସମ୍ବଲପୁର, ୩୦।୭ (ସମିସ) : ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର ଡ୍ୟାମ ଓ ବ୍ୟାରେଜରୁ ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇଛି। ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱ ଓ ଡାହାଣ

### ଆଜି ଖୋଲିପାରେ ୧୨ ଗେଟ୍

ପାର୍ଶ୍ୱ ଗୋଟିଏ ଲେଖାଏ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳସ୍ତର ବୃଦ୍ଧି ପାଉଥିବାରୁ ଆସନ୍ତାକାଲି ▶ପୃଷ୍ଠା-୭

## ଛାତ୍ରଙ୍କ ଉପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ

# ସଂସଦରେ ହଟ୍ଟଗୋଳ ଜାରି

■ ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଗତ ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପୁଲିସର ଅମାନୁଷିକ ଓ ବର୍ବର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ସଂସଦରେ ଆଜି ଅଷ୍ଟମ ଦିନ ଧରି ହଟ୍ଟଗୋଳ ଲାଗି ରହିଛି। ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କରିବା ଲାଗି କିଏ ଓ କେଉଁ ପରିସ୍ଥିତିରେ ନିର୍ଦ୍ଦେଶ ଦେଲା, ତାହାର ଉତ୍ତର ଦାବିରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଏହି ହଟ୍ଟଗୋଳ ମଧ୍ୟରେ ରାଜ୍ୟସଭାରେ ପ୍ରଶ୍ନପତ୍ର ଲିକ୍ ବିଲ୍ ଆଗତ ହୋଇଥିବା ବେଳେ ଲୋକସଭାରେ ବନ୍ଦେ ମାତରମ ବିଲ୍ ଗୃହୀତ ହୋଇଯାଇଛି। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

### ସଂସଦରେ 'ପ୍ରଶ୍ନପତ୍ର ଲିକ୍ ନିରୋଧୀ' ଓ 'ବନ୍ଦେ ମାତରମ୍' ବିଲ୍ ପାରିତ

ହଟ୍ଟଗୋଳ ମଧ୍ୟରେ ରାଜ୍ୟସଭାରେ ଆଜି ପ୍ରଶ୍ନପତ୍ର ଲିକ୍ ବିରୋଧୀ ବିଲ ଆଗତ ହୋଇଥିଲା। ଗତକାଲି ଲୋକସଭାରେ ଏହା ଅନୁମୋଦିତ ହୋଇଥିବା ବେଳେ ଆଜି ରାଜ୍ୟସଭାରେ ଆଗତ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ ପ୍ରକୃତ ସମସ୍ୟାକୁ ଦୂର କରିବା ଲାଗି ଏହି ବିଲରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ମୂଳ ସମସ୍ୟା ଭିତରକୁ ନଯାଇ କେବଳ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ଶାନ୍ତ କରିବା ଲାଗି ଏଥିରେ ସଂଶୋଧନ କରାଯାଇଛି। ଭବିଷ୍ୟତରେ ଯେପରି ପ୍ରଶ୍ନପତ୍ର ଲିକ୍ ନହେବ, ସେଥିଲାଗି ଏଥିରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

ଅନ୍ୟପକ୍ଷରେ ଲୋକସଭାରେ ଆଜି ଅଷ୍ଟମ ଦିନ ଧରି ହଟ୍ଟଗୋଳ ଜାରି ରହିଥିଲା। ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଦଳ ହଙ୍ଗାମା ଜାରି ରଖିବାରୁ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ବିରୋଧୀ ▶ପୃଷ୍ଠା-୭

# ମେଡିକାଲ ପିଜି ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ !

■ ବ୍ରହ୍ମପୁର, ୩୦।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍କୁ ଘଟଣାକୁ ନେଇ ଦେଶରେ ଛାତ୍ର ଆନ୍ଦୋଳନ ଓ କେନ୍ଦ୍ରମନ୍ତ୍ରୀ ଇସ୍ତଫା ଦେଇଥିବା ବେଳେ ଅଲ୍ ଓଡ଼ିଶା ମେଡିକାଲ ପିଜି ଶେଷ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ମେଡିକାଲ ପିଜି ସେମିଷ୍ଟାର ପରୀକ୍ଷାରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ସିଧାସଳଖ ବିଭିନ୍ନ ହ୍ୱାଟ୍ସଅପ ଗ୍ରୁପ୍କୁ ପଠାଯାଇଥିବା ଅଭିଯୋଗ ହୋଇଛି। ଚଳିତ ମାସ ୨୧ ତାରିଖରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ଛାତ୍ରଛାତ୍ରୀଙ୍କ ଶେଷ ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

### ଏମକେସିଜି ପରୀକ୍ଷା କେନ୍ଦ୍ରରୁ ସିଧା ହ୍ୱାଟ୍ସଅପକୁ ଯାଉଛି ପ୍ରଶ୍ନପତ୍ର

### ହ୍ୱାଟ୍ସଅପ ଗ୍ରୁପକୁ ପରିଚାଳିତ କରୁଥିଲେ ଏମକେସିଜି ଡାକ୍ତରୀ ଛାତ୍ର

### ଘରୋଇ ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କୁ ବିକ୍ରି ହୋଇଛି ପ୍ରଶ୍ନପତ୍ର!

### ପରୀକ୍ଷାରେ କପି ସୁଯୋଗ ଓ କୋହଳ ପାଇଁ ଅର୍ଥ ଆଦାୟ ଅଭିଯୋଗ

ସକାଳ ୧୦ରୁ ମଧ୍ୟାହ୍ନ ୧ଘଣ୍ଟା ପର୍ଯ୍ୟନ୍ତ ପରୀକ୍ଷା ରହିଥିଲା। ସେହିକ୍ରମେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରୀକ୍ଷା କେନ୍ଦ୍ରରେ ମଧ୍ୟ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ▶ପୃଷ୍ଠା-୭

## ମହାନଦୀ ଜଳବିବାଦ

# କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ବୈଠକ




### ଯୋଗଦେଲେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

### ଦୀପାବଳି ସୁଦ୍ଧା ହେବ ସମସ୍ୟାର ସମାଧାନ: ମୋହନ ମାଝୀ

■ ଭୁବନେଶ୍ୱର, ୩୦।୭ (ସମିସ): ମହନଦୀ ଜଳ ବିବାଦ ପ୍ରସଙ୍ଗରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ତ୍ରିପାକ୍ଷିକ ବୈଠକ। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ଦୁଇ ରାଜ୍ୟର ମୁଖ୍ୟ ସଚିବ ଓ ଉଚ୍ଚ ଅଧିକାରୀମାନେ ଯୋଗ ଦେଇଛନ୍ତି। ବୈଠକଟି ଖୁବ୍ ସକରାତ୍ମକ ଥିବା କୁହାଯାଉଛି ଏବଂ ୩ ମାସ ମଧ୍ୟରେ ଜଳବିବାଦ ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଶାବାଦୀ ଅଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲଙ୍କର ଅଧ୍ୟକ୍ଷତାରେ ମହାନଦୀ ଜଳବଣ୍ଟନ ଏବଂ ପରିଚାଳନା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓଡ଼ିଶାର ଅଧିକାର, ଚାଷୀକୂଳର ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ▶ପୃଷ୍ଠା-୭






## ରାଜଧାନୀର ୭୬ ବର୍ଷର ତାପମାତ୍ରା ତଥ୍ୟକୁ ନେଇ ନୂତନ ଗବେଷଣା

# ଶୀତରାତିରେ ଆହ୍ୱାନ ହୋଇଛି 'ସାଇଲେଣ୍ଟ ହିଟ୍'

■ ବାରିପଦା, ୩୦।୭ (ସମିସ): ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଦିନର ଗରମ ନେଇ ସମସ୍ତେ ପରିଚିତ। ତେବେ ଏବେ ସହରର ରାତିର ତାପମାତ୍ରା ଅଧିକ ଚିନ୍ତାର ବିଷୟ ପାଲଟିଛି। ୧୯୫୦ରୁ ୨୦୨୫ ପର୍ଯ୍ୟନ୍ତ ୭୬ ବର୍ଷର ତାପମାତ୍ରା ତଥ୍ୟକୁ ନେଇ କରାଯାଇଥିବା ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ସହରର ସର୍ବନିମ୍ନ ବା ରାତ୍ରକାଳୀନ ତାପମାତ୍ରା ଦିନର ସର୍ବାଧିକ ତାପମାତ୍ରା ତୁଳନାରେ ଦୁଇଗୁଣାରୁ ଅଧିକ ଦ୍ରୁତ ହାରରେ ବୃଦ୍ଧି ପାଉଛି। ଏହା ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବ୍ୟବହାର ଉପରେ ସିଧାସଳଖ ପ୍ରଭାବ ପକାଉଛି। ଏହି ଗବେଷଣା ବାରିପଦାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ରିମୋଟ ସେନ୍ସିଂ ଓ ଜିଆଇଏସ ବିଭାଗ, ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଏନଭାର୍ନମେଣ୍ଟ ଆଣ୍ଡ କ୍ଲାଇମେଟ ମିଳିତ ଉଦ୍ୟମରେ କରାଯାଇଛି। ଗବେଷକ ଡ. ରୋଶନ ବେଉରିଆ, ଡ. ଦେବବ୍ରତ ନନ୍ଦୀ ଓ ଡ. ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହା ସମ୍ପନ୍ନ ହୋଇଛି। ଏହି ଗବେଷଣା ଜର୍ଣ୍ଣାଲ ଅଫ୍ ଆଟମୋସଫେରିକ୍ ଆଣ୍ଡ ସୋଲାର-ଟେରେଷ୍ଟ୍ରିଆଲ୍ ଫିଜିକ୍ସରେ ପ୍ରକାଶିତ ହୋଇଛି।

### ବଢୁଛି ରାତିର ସର୍ବନିମ୍ନ ତାପମାତ୍ରା

ଗବେଷଣାର ପ୍ରମୁଖ ଚିନ୍ତାର ବିଷୟ ହେଉଛି ଦୈନିକ ତାପମାତ୍ରାର ପାର୍ଥକ୍ୟ କ୍ରମାଗତ ଭାବେ କମିବା। ୧୯୫୦ ଦଶକରେ ଦିନ ଓ ରାତିର ତାପମାତ୍ରା ମଧ୍ୟରେ ପ୍ରାୟ ୯ ଡିଗ୍ରୀ ସେଲସିୟସ୍ ବ୍ୟବଧାନ ଥିବାବେଳେ ବର୍ତ୍ତମାନ ଏହା ପ୍ରାୟ ୮.୩ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି। ଏହାର କାରଣ ଦିନର ତାପମାତ୍ରା କମିବା ନୁହେଁ, ବରଂ ରାତିର ତାପମାତ୍ରା ଦ୍ରୁତ ବୃଦ୍ଧି ପାଇବା। ୧୯୫୦ ପରଠାରୁ ଦିନର ସର୍ବାଧିକ ତାପମାତ୍ରା ପ୍ରତିବର୍ଷ ହାରାହାରି ୦.୦୦୪୪ ଡିଗ୍ରୀ ସେଲସିୟସ୍ ବଢୁଥିବାବେଳେ ରାତିର ସର୍ବନିମ୍ନ ତାପମାତ୍ରା ୦.୦୧୦୨ ଡିଗ୍ରୀ ସେଲସିୟସ୍ ହାରରେ ବୃଦ୍ଧି ପାଉଛି। ବିଶେଷକରି ବର୍ଷାଋତୁ ପରବର୍ତ୍ତୀ ସମୟ ଓ ଶୀତଋତୁରେ ଏହି ପରିବର୍ତ୍ତନ ଅଧିକ ସ୍ପଷ୍ଟ ଦେଖାଯାଉଛି। ବୈଜ୍ଞାନିକମାନଙ୍କ ମତରେ, ଅତ୍ୟଧିକ ଉଷ୍ମ ରାତି ମଣିଷ ପାଇଁ ବେଶୀ ବିପଦଜନକ। ମଣିଷର ଶରୀର ଦିନର ଗରମରୁ ସୁସ୍ଥ ହେବା ପାଇଁ ଥଣ୍ଡା ରାତି ଆବଶ୍ୟକ କରେ। କିନ୍ତୁ ରାତି ଉଷ୍ମ ରହିଲେ ଶରୀରର ବିଶ୍ରାମ ଓ ପୁନରୁଦ୍ଧାର ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଫଳରେ ବୃଦ୍ଧ, ବାହାରେ କାମ କରୁଥିବା ▶ପୃଷ୍ଠା-୭






# ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣ; ୧୦ ପୁଲିସ ମୃତ



**ଗୁଳିବିନିମୟରେ ୧୫ ଆତଙ୍କବାଦୀ ନିପାତ**

ପେଶାୱର, ୩୦।୭ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପାଖତୁନଖ୍ୱା ପ୍ରଦେଶରେ ଗୁରୁବାର ଭୋର ସମୟରେ ଆତଙ୍କବାଦୀମାନେ ଏକ ପୁଲିସ ଫାଣ୍ଡି ଉପରେ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଅତିକମରେ ୧୦ ଜଣ ପୁଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଲିସର ପାଲଟା ଜବାବରେ ୧୫ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆଫଗାନିସ୍ତାନ ସୀମା ନିକଟ ହାଙ୍ଗୁ ଜିଲ୍ଲାରେ ଥିବା ଏକ ପୁଲିସ ଫାଣ୍ଡି ଉପରେ ଏହି ଆକ୍ରମଣ ହୋଇଛି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ରକେଟ୍ ଲଞ୍ଚର ଧରି ଆସିଥିବା ଡଜନ ଡଜନ ଆତଙ୍କବାଦୀ ଫାଣ୍ଡି ଉପରେ ଆଖିବୁଜା ଗୁଳିମାଡ଼ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା। ଅଧିକ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଆତଙ୍କବାଦୀମାନେ ବ୍ୟାପକ କ୍ଷୟକ୍ଷତି ଘଟାଇ ଫେରାର ହୋଇଯାଇଥିଲେ। ଏଥିରେ ଦୁଇ ଡଜନରୁ ଅଧିକ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନଥିଲେ ମଧ୍ୟ ଏହା ପଛରେ ତେହେରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ସଂଗଠନର ହାତ ଥିବା ସନ୍ଦେହ କରାଯାଉଛି। ୨୦୨୨ ମସିହାରେ ପାକିସ୍ତାନ ସରକାରଙ୍କ ସହ ଯୁଦ୍ଧବିରତି ଶେଷ ହେବା ପରେ ତେହେରିକ୍-ଇ-ତାଲିବାନ ପକ୍ଷରୁ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏହି ସଂଗଠନ ଆଫଗାନିସ୍ତାନ ମାଟି ବ୍ୟବହାର କରି ପାକିସ୍ତାନର ସୁରକ୍ଷା କର୍ମୀଙ୍କ ଉପରେ କ୍ରମାଗତ ଆକ୍ରମଣ କରୁଥିବାରୁ ଏହା ପ୍ରଶାସନ ପାଇଁ ଏକ ବଡ଼ ସୁରକ୍ଷା ଆହ୍ୱାନ ପାଲଟିଛି।

### ନ୍ୟୁୟର୍କ ଟାଇମ୍ସକୁ ଜବାବ ଦେଲା ଭାରତ

# ‘ପାକିସ୍ତାନୀ କାଶ୍ମୀର’ ଶବ୍ଦକୁ କଡ଼ା ବିରୋଧ

ୱାସିଂଟନ୍, ୩୦।୭ (ଏଜେନ୍ସି): ପାକିସ୍ତାନ ଦଖଲରେ ଥିବା କାଶ୍ମୀର (ପିଓକେ)କୁ ‘ପାକିସ୍ତାନୀ କାଶ୍ମୀର’ ବୋଲି ସମ୍ବୋଧନ କରିଥିବାରୁ ଆମେରିକାର ଜଣାଶୁଣା ସମ୍ବାଦପତ୍ର ‘ଦି ନ୍ୟୁୟର୍କ ଟାଇମ୍ସ’ ଉପରେ ଭାରତୀୟ ଦୂତାବାସ କଡ଼ା ଆପତ୍ତି ପ୍ରକାଶ କରିଛନ୍ତି। ଆମେରିକାରେ ଥିବା ଭାରତୀୟ ଦୂତାବାସ ସାମାଜିକ ଗଣମାଧ୍ୟମ ‘ଏକ୍ସ’ ରେ ସ୍ପଷ୍ଟ କରିଛି ଯେ ‘ପାକିସ୍ତାନୀ କାଶ୍ମୀର’ ବୋଲି କୌଣସି ଭୌଗୋଳିକ କ୍ଷେତ୍ର ନାହିଁ। ଏହା କେବଳ ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ କାଶ୍ମୀର। ସମଗ୍ର ଜମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଚିରଦିନ ପାଇଁ ରହିବ। ପାକ୍-ଅଧିକୃତ କାଶ୍ମୀରରେ ହୋଇଥିବା ନିକଟତର ଜନଆନ୍ଦୋଳନ ଓ ନିର୍ବାଚନ ଉପରେ ଏକ ରିପୋର୍ଟ ପ୍ରକାଶ କରିବା ସମୟରେ ନ୍ୟୁୟର୍କ ଟାଇମ୍ସ ଏହି ଗ୍ରହଣଯୋଗ୍ୟ ନ ଥିବା ଶବ୍ଦ ବ୍ୟବହାର କରିଥିଲା। ବିଦେଶୀ ଗଣମାଧ୍ୟମଗୁଡ଼ିକ ଦ୍ୱାରା ଭାରତର ସାର୍ବଭୌମତ୍ୱକୁ ଆଘାତ ପହଞ୍ଚାଉଥିବା ଭୁଲ୍ ଶବ୍ଦାବଳୀ କିମ୍ବା ମାନଚିତ୍ର ବ୍ୟବହାରକୁ ଭାରତ ସରକାର ସଦାସର୍ବଦା ଦୃଢ଼ ଭାବରେ ବିରୋଧ କରିଆସିଛନ୍ତି।

## ଭୋଜଶାଳା ନିକଟସ୍ଥ ଜମିରେ ନମାଜ ପାଠ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

ଧାର, ୩୦।୭ (ଏଜେନ୍ସି): ବହୁ ଚର୍ଚ୍ଚିତ ଭୋଜଶାଳା-କମାଲ ମୌଲା ବିବାଦ ମାମଲାରେ ସୁପ୍ରିମକୋର୍ଟ ନିଜର ଆନ୍ତରୀଣ ନିର୍ଦ୍ଦେଶକୁ ସ୍ପଷ୍ଟ କରିଛନ୍ତି। ବିବାଦୀୟ ଭୋଜଶାଳା ପରିସରକୁ ଲାଗି ରହିଥିବା ଦରଘା ଜମିରେ ମୁସଲିମ୍ ସମ୍ପ୍ରଦାୟକୁ ଶୁକ୍ରବାର ନମାଜ ପାଠ କରିବା ପାଇଁ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଓ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କ ପୀଠ ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରତି ଶୁକ୍ରବାର



ଅପରାହ୍ଣ ୧ ଟାରୁ ୩ ଟା ପର୍ଯ୍ୟନ୍ତ ‘ଖସରା ନଂ ୫୯୬’ ସଂଲଗ୍ନ ଜମିରେ ନମାଜ ପାଠ କରାଯାଇପାରିବ। ଏହି ସ୍ଥାନକୁ ଏକ ସ୍ୱତନ୍ତ୍ର ରାସ୍ତା ଥିବାରୁ ଏହା ନମାଜ ପାଇଁ ଉପଯୁକ୍ତ ବୋଲି କୋର୍ଟ ଦର୍ଶାଇଛନ୍ତି। ଉକ୍ତ ସ୍ଥାନରେ ଆବଶ୍ୟକୀୟ ଶାନ୍ତିଶୃଙ୍ଖଳା ଓ ବ୍ୟବସ୍ଥା ବଜାୟ ରଖିବାକୁ ମଧ୍ୟପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ବିବାଦୀୟ ଭୋଜଶାଳା ପରିସର ଭିତରେ ନମାଜ ପାଠ ପାଇଁ କୋର୍ଟ ଅନୁମତି ଦେଇନାହାନ୍ତି। କେବଳ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଧାର୍ମିକ ଅଧିକାରକୁ ସଂକୁଚିତ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିବା ସହ ମୂଳ ମାମଲାର ବିଚାର ଜାରି ରଖିଛନ୍ତି।

# ଆସାମରେ ବନ୍ୟା ତାଣ୍ଡବ; ମୃତ୍ୟୁସଂଖ୍ୟା ୭୮

**ପାଣି ଘେରରେ ୫୦୦ରୁ ଅଧିକ ଗାଁ**
**ତିନି ଲକ୍ଷରୁ ଅଧିକ ଲୋକ ଜଳବନ୍ଦୀ**

ଗୌହାଟୀ, ୩୦।୭ (ଏଜେନ୍ସି): ଆସାମରେ ବନ୍ୟା ସ୍ଥିତି ଗମ୍ଭୀର ରହିଥିବା ବେଳେ ବୁଧବାର ସିବସାଗର ଏବଂ ଗୋଲାଘାଟ ଜିଲ୍ଲାରୁ ଆଉ ତିନିଜଣଙ୍କ ମୃତ୍ୟୁ ଖବର ଆସିବା ପରେ ଚଳିତ ବର୍ଷ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭୮ କୁ ବୃଦ୍ଧି ପାଇଛି। ରାଜ୍ୟର ୭ଟି ଜିଲ୍ଲାରେ ଏବେବି ୩ ଲକ୍ଷରୁ ଅଧିକ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇ ରହିଛନ୍ତି। ଏସବୁ ମଧ୍ୟରେ ପାଣିପାଗ ବିଭାଗ ପୁଣିଥରେ ପ୍ରବଳ ବର୍ଷାର ପୂର୍ବାନୁମାନ କରିବା ସହ ଆଗାମୀ ଦିନରେ ବନ୍ୟା, ଜଳବନ୍ଦୀ ଏବଂ ଭୂସ୍ଖଳନ ଭଳି ବିପଦ ବଢ଼ିପାରେ ବୋଲି ସତର୍କ କରାଇଦେଇଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସୂଚନା ଅନୁଯାୟୀ, ସିବସାଗର, ଚରାଇଦେଓ, ଗୋଲାଘାଟ, ଯୋରହାଟ, ନଗାଓଁ, ବିଶ୍ୱନାଥ ଏବଂ କାମରୂପ ମେଟ୍ରୋପୋଲିଟାନ ଜିଲ୍ଲାର ମୋଟ ୩, ୦୦, ୦୩୧ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ମୋଟ ୨୧ଟି ରାଜସ୍ୱ ମଣ୍ଡଳ ଏବଂ ୫୫୧ଟି ଗାଁ ପାଣି ଘେରରେ ରହିଥିବା ବେଳେ ୨୧, ୫୨୩ ହେକ୍ଟରରୁ ଅଧିକ ଚାଷଜମି ବୁଡ଼ି ରହିଛି। ଚରାଇଦେଓ ଜିଲ୍ଲା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ୧.୩୭ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଦ୍ୱାରା ବାସହୀନ ହୋଇପଡ଼ିଥିବା ୧୬, ୫୦୦ରୁ ଊର୍ଦ୍ଧ୍ୱ ପ୍ରଭାବିତ ଲୋକଙ୍କୁ ୭୧ଟି ରିଲିଫ ଶିବିରରେ ଆଶ୍ରୟ ଦିଆଯାଇଛି। ଏହାସହ ୩୦ଟି ରିଲିଫ ବଣ୍ଟନ କେନ୍ଦ୍ର ମାଧ୍ୟମରେ ଅନ୍ୟ ୭୨, ୦୦୦ରୁ ଅଧିକ ଲୋକଙ୍କୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟରେ ମାନବିକ ଓ ପଶୁ ଚିକିତ୍ସା ଦଳ ସମେତ ବିଭିନ୍ନ ବିପର୍ଯ୍ୟୟ ପ୍ରଶମନ ବାହିନୀ ନିୟୋଜିତ ଅଛନ୍ତି। ବନ୍ୟା ଯୋଗୁଁ ରାସ୍ତାଘାଟ, ନଦୀବନ୍ଧ, ସ୍କୁଲ ଓ ଘରଦ୍ୱାର ଭାଙ୍ଗିଯାଇଛି ଏବଂ ୧୧, ୦୦୦ରୁ ଅଧିକ ଗୃହପାଳିତ ପଶୁ ଭାସିଯାଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ଆଲୋଚନା କରି ବନ୍ୟା ପରିସ୍ଥିତି ଏବଂ ରିଲିଫ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।



# ଅଗଷ୍ଟରେ ବି ଛେଚିବ ମୌସୁମୀ

- ଗଭୀର ଅବପାତ; ପଶ୍ଚିମ ଆଡ଼କୁ ମୁହାଁଉଛି
- କେତେକ ରାଜ୍ୟ ପାଇଁ ପ୍ରବଳ ବର୍ଷା ସତର୍କତା

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ମଧ୍ୟ ଭାରତରେ ଜୋରଦାର ବର୍ଷା କରାଇବା ପରେ ଏବେ ଗଭୀର ଅବପାତ ପଶ୍ଚିମ ଦିଗକୁ ଗତି କରୁଛି। ଏହାର ପ୍ରଭାବରେ ଆଗାମୀ ଦିନଗୁଡ଼ିକରେ କେତେକ ରାଜ୍ୟରେ ଏହି ଋତୁର ସବୁଠାରୁ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଦେଶରେ ଚାଲିଥିବା ଅସମାନ ତଥା ଅସନ୍ତୁଳିତ ମୌସୁମୀ ବାୟୁକୁ ଏହି ପାଣିପାଗ ପ୍ରଣାଳୀ ବେଶ ସକ୍ରିୟ କରିଛି। ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଏଭଳି ପରିସ୍ଥିତିରୁ ନିସ୍ତାର ନାହିଁ। ଏହି ସମୟ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ସୃଷ୍ଟି ହୋଇଥିବା ଏହି ଗଭୀର ଅବପାତ ଛତିଶଗଡ଼, ପୂର୍ବ ମଧ୍ୟପ୍ରଦେଶ ଏବଂ ସଂଲଗ୍ନ ବିଦର୍ଭ ଦେଇ ଧୀରେ ଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ କ୍ରମଶଃ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହି ଗଭୀର ଅବପାତର ପ୍ରଭାବରେ ବିଭିନ୍ନ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସତର୍କତା ଜାରି କରାଯାଇଛି। ଜୁଲାଇ ୩୦ ରେ ପଶ୍ଚିମ ମଧ୍ୟପ୍ରଦେଶ ଏବଂ ଜୁଲାଇ ୩୧ ରେ ଗୁଜରାଟ ଅଞ୍ଚଳରେ ୨୧ ସେଣ୍ଟିମିଟରରୁ ଅଧିକ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ମହାରାଷ୍ଟ୍ରର କେତେକ ସ୍ଥାନରେ ମଧ୍ୟ ବ୍ୟାପକ ବର୍ଷା ହୋଇପାରେ। ଏହା ପୂର୍ବରୁ ଦକ୍ଷିଣ ଗୁଜରାଟରେ ରେକର୍ଡ ପରିମାଣର ବର୍ଷା ହୋଇସାରିଛି। ବଲ୍‌ସାଡ, ନବସାରୀ ଏବଂ ସୁରଟ ଭଳି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସାଧାରଣତଃ ମୌସୁମୀ ଋତୁର ମୁଖ୍ୟ ସମୟରେ ଏଭଳି ଗଭୀର ଅବପାତ ସୃଷ୍ଟି ହୋଇଥାଏ, ଯାହା ପ୍ରଚୁର ଜଳୀୟବାଷ୍ପ ଆକର୍ଷିତ କରି ପ୍ରବଳ ବର୍ଷା କରାଇଥାଏ। ଏହା କୃଷିକାର୍ଯ୍ୟ ପାଇଁ ଜଳର ଆବଶ୍ୟକତା ପୂରଣ କରୁଥିଲେ ହେଁ, ଅନେକ ସ୍ଥାନରେ ଜଳବନ୍ଦୀ, ବନ୍ୟା ଏବଂ ସାଧାରଣ ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିଥାଏ। ଗଭୀର ଅବପାତଟି ପଶ୍ଚିମ ଆଡ଼କୁ ଗତି କରୁଥିବାରୁ ଗୁଜରାଟ ଏବଂ ଆଖପାଖ ଅଞ୍ଚଳଗୁଡ଼ିକରେ ଆଗାମୀ କିଛି ଦିନ ମଧ୍ୟରେ ସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି।

# ପେଲେଟ ଗନ୍‌କୁ ନେଇ ଚିନ୍ତା ବଢ଼ିଲା



- ପେଲେଟ୍ ଗନ ମାଡ଼ ଅଭିଯୋଗର ଯାଞ୍ଚ କରିବେ ସୁପ୍ରିମକୋର୍ଟ
- ପେଲେଟ୍ ଅସ୍ତ୍ରର ହିସାବ ସୁରକ୍ଷିତ ରଖିବା ଲାଗି ଆରଏଏଫଙ୍କୁ ନିର୍ଦ୍ଦେଶ
- ଆହତ ଆନ୍ଦୋଳନକାରୀଙ୍କ ମାଗଣା ଓ ଉପଯୁକ୍ତ ଚିକିତ୍ସା କରାଯିବ

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ଉପରେ ପୁଲିସ ଦ୍ୱାରା ପେଲେଟ୍ ଗୁଳିର ବ୍ୟବହାରକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଭଳି ଅସ୍ତ୍ରକୁ ଆଖିବୁଜା ନିଷିଦ୍ଧ କରାଯାଇପାରିବ ନାହିଁ। କେବଳ ବିଶେଷ ପରିସ୍ଥିତିରେ ହିଁ ଏପରି ଅସ୍ତ୍ର ପ୍ରୟୋଗ କରାଯାଇପାରିବ ବୋଲି ଉଲ୍ଲେଖ କରି, ସୁରକ୍ଷାବଳ ଦ୍ୱାରା ବ୍ୟବହୃତ ହେଉଥିବା ପର୍ଯ୍ୟାୟକ୍ରମିକ ଅସ୍ତ୍ର ପ୍ରୟୋଗ ସମ୍ବନ୍ଧୀୟ ସ୍ଥାୟୀ ନିର୍ଦ୍ଦେଶାବଳୀ ଅଦାଲତରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ଏହି ଅସ୍ତ୍ରର ମାଡ଼ କରିଥିବା ର୍‍ୟାପିଡ୍ ଆକ୍ସନ ଫୋର୍ସ (ଆରଏଏଫ୍)କୁ ପେଲେଟ୍ ଅସ୍ତ୍ରର ହିସାବ ସୁରକ୍ଷିତ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ପେଲେଟ୍ ଗନ୍ ମାଡ଼ରେ ଆହତ ଆନ୍ଦୋଳନକାରୀଙ୍କର ଉତ୍କୃଷ୍ଟ ଓ ମାଗଣା ଚିକିତ୍ସା କରାଇବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୃନ୍ଦା ଗ୍ରୋଭର କହିଥିଲେ ଯେ, ଆନ୍ଦୋଳନକାରୀମାନେ କୌଣସି ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିନଥିଲେ। ତଥାପି ସେମାନଙ୍କ ଉପରେ ପ୍ଲାଷ୍ଟିକ କିମ୍ବା ରବର ପେଲେଟ୍ ପରିବର୍ତ୍ତେ ମାରାତ୍ମକ ଧାତବ ପେଲେଟ୍ ଗନ୍ ମାଡ଼ କରାଯାଇଥିଲା, ଯାହା ଅନେକ ଆନ୍ଦୋଳନକାରୀଙ୍କ ଶରୀରରୁ ବାହାର କରାଯାଇଛି। ସାଧାରଣ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରତିବାଦ ସମୟରେ ଏଭଳି କଠୋର ଧାତବ ଗୁଳିର ବ୍ୟବହାର ସମ୍ପୂର୍ଣ୍ଣ ଅନୁଚିତ ଓ ନିୟମବିରୁଦ୍ଧ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ବିଚାରପତି ବାଗଚୀ ଶୁଣାଣି ସମୟରେ କହିଥିଲେ ଯେ ପୁଲିସ ନିୟମାବଳୀରେ ଅତ୍ୟାବଶ୍ୟକ କ୍ଷେତ୍ରରେ ପେଲେଟ୍ ଗୁଳି ବ୍ୟବହାରର ପ୍ରାବଧାନ ରହିଛି। ଅଦାଲତ ଏହି ନିର୍ଦ୍ଦିଷ୍ଟ ଘଟଣାରେ ପେଲେଟ୍ ଗୁଳିର ପ୍ରୟୋଗ ଉଚିତ ଥିଲା କି ନାହିଁ ଏବଂ ଏହା ନିୟମାବଳୀର ଉଲ୍ଲଂଘନ କରୁଛି କି ନାହିଁ, ତାହାର ଯାଞ୍ଚ କରିବାକୁ ପ୍ରସ୍ତୁତ ଅଛନ୍ତି। ଏହାସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ପ୍ରତି ହିଂସାତ୍ମକ ମନୋଭାବ ଗ୍ରହଣ କରାନଯିବା ଉଚିତ ବୋଲି କୋର୍ଟ ସମ୍ମତି ପ୍ରକାଶ କରିବା ସହ ସୁରକ୍ଷାକର୍ମୀଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପର୍ଯ୍ୟାୟକ୍ରମିକ ବଳ ପ୍ରୟୋଗର ଆବଶ୍ୟକତାକୁ ମଧ୍ୟ ସ୍ୱୀକାର କରିଛନ୍ତି। ପ୍ରଶାସନର ମନମୁଖୀ ବଳ ପ୍ରୟୋଗ ରୋକିବା ପାଇଁ ଏକ ସ୍ପଷ୍ଟ ମାର୍ଗଦର୍ଶିକା ବା ନିୟମାବଳୀ ପ୍ରସ୍ତୁତ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆନ୍ଦୋଳନ ସମୟରେ ପେଲେଟ୍ ଗୁଳି ମାଡ଼ରେ ଆହତ ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଉଚିତ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉ। ସୂଚନାଯୋଗ୍ୟ ଯେ, ଜୁଲାଇ ୨୦ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ ଅନେକ ପିଲା ଆହତ ହୋଇଛନ୍ତି।

## ଆନ୍ଦୋଳନ ଚେତାବନୀ ପରେ ସୁରକ୍ଷା ବଳୟରେ ଯନ୍ତରମନ୍ତର

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ନ ହେଲେ ପୁଣି ଥରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୋକ୍ରୋଚ୍ ଜନତା ପାର୍ଟିର ଚେତାବନୀ ପରେ ଦିଲ୍ଲୀର ଯନ୍ତରମନ୍ତରଠାରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସରକାର ଆନ୍ଦୋଳନକାରୀଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛନ୍ତି ଏବଂ ଛାତ୍ରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି ବୋଲି ଦଳ ଅଭିଯୋଗ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ଓ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ପକ୍ଷରୁ ସମଗ୍ର ଅଞ୍ଚଳକୁ ସୁରକ୍ଷା ବଳୟରେ ରଖାଯାଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାରିକେଡ୍‌ଗୁଡ଼ିକୁ ୱେଲ୍ଡିଂ କରି ମଜବୁତ୍ କରାଯାଉଛି। ତମାମ ପ୍ରତିବାଦକାରୀଙ୍କ ବିରୋଧରେ ରୁଜୁ ଏଫ୍‌ଆଇଆର୍ ରଦ୍ଦ ନହେଲେ ଦେଶବ୍ୟାପୀ ପୁନର୍ବାର ଆନ୍ଦୋଳନ ଜୋରଦାର ହେବ ବୋଲି ସଂଗଠନ ପକ୍ଷରୁ ସ୍ପଷ୍ଟ କରାଯାଇଛି, ଯାହାକୁ ନେଇ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି।



ଗତ ଜୁଲାଇ ୨୦ ତାରିଖରେ ‘କକ୍ରୋଚ୍ ଜନତା ପାର୍ଟି’ (ସିଜେପି)ର ‘ସଂସଦ ଚାଲୋ’ ଅଭିଯାନ ସମୟରେ ବିକ୍ଷୋଭକାରୀମାନେ ସଂସଦ ଭବନର ମାତ୍ର ୧୦୦ ମିଟର ନିକଟତର ହୋଇଥିବା ନୂତନ ସିସିଟିଭି ଫୁଟେଜ୍‌ରୁ ପଦାକୁ ଆସିଛି। ଏହା ଦିଲ୍ଲୀ ପୋଲିସର ସୁରକ୍ଷା ପ୍ରସ୍ତୁତି ଏବଂ ବ୍ୟାରିକେଡିଂ ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀଟ୍ ପରୀକ୍ଷା ଅନିୟମିତତା ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଯନ୍ତର ମନ୍ତରରୁ ବାହାରିଥିବା ଏହି ଶୋଭାଯାତ୍ରା ସମୟରେ ରେଳ ଭବନ ଓ ସଂସଦ କମ୍ପ୍ଲେକ୍ସ ଆଖପାଖରେ ପୋଲିସ ଏବଂ ‘ର୍‍ୟାପିଡ୍ ଆକ୍ସନ୍ ଫୋର୍ସ’ (ଆରଏଏଫ୍) ସହ ବିକ୍ଷୋଭକାରୀଙ୍କ ମୁହାଁମୁହିଁ ହୋଇଥିଲା। ସହରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୧୬୩ ଧାରା ଲାଗୁ ଥିବା ସତ୍ତ୍ୱେ ହଜାର ହଜାର ପ୍ରତିବାଦକାରୀ ବ୍ୟାରିକେଡ୍ ଭାଙ୍ଗି ସଂସଦ ଭବନ ନିକଟରେ ପହଞ୍ଚିଯାଇଥିଲେ।

## ‘ଅପାର ଆଇଡି’ ଲାଗୁ କରିବା ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ଶିକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଧାରିତ ‘ଅଟୋମେଟେଡ୍ ପର୍ମାନେଣ୍ଟ ଏକାଡେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି’ (ଏପିଏଆର୍) ଆଇଡି ଯୋଜନାକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ୨୦୨୫ ଡିସେମ୍ବରରେ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ରାୟକୁ ସାରା ଦେଶରେ ଲାଗୁ କରିବା ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍‌ଇ) କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଗଠିତ ତିନିଜଣିଆ ଖଣ୍ଡପୀଠ ଶୁଣାଣି ସମୟରେ କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରିନଥିବାରୁ ଏହା ସାରା ଦେଶରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ସିବିଏସ୍‌ଇକୁ ନିଜ ସମ୍ମତି ଫର୍ମରେ ପରିବର୍ତ୍ତନ କରିବାକୁ ପଡ଼ିବ, ଯେପରି ଅଭିଭାବକମାନେ ଆରମ୍ଭରୁ ହିଁ ଏହି ଯୋଜନାରୁ ଓହରିଯିବାର (ଅପ୍ଟ ଆଉଟ୍) କିମ୍ବା ଅନୁମତି ନ ଦେବାର ସ୍ପଷ୍ଟ ବିକଳ୍ପ ପାଇପାରିବେ। ୨୦୨୫ ଅଗଷ୍ଟରେ ସିବିଏସ୍‌ଇ ଦ୍ୱାରା ଜାରି କରାଯାଇଥିବା ସର୍କୁଲାରଗୁଡ଼ିକୁ କୋର୍ଟ ରଦ୍ଦ କରିଛନ୍ତି, ଯେଉଁଥିରେ ନବମରୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପଞ୍ଜୀକରଣ ପାଇଁ ଏହି ୧୨-ଅଙ୍କ ବିଶିଷ୍ଟ ଶିକ୍ଷାଗତ ଆଇଡିକୁ ବାଧ୍ୟତାମୂଳକ କରାଯାଇଥିଲା। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସିବିଏସ୍‌ଇର କୌଣସି ନିୟମ ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍ସନ୍ ଆକ୍ଟ ୨୦୨୩ (ଡିପିଡିପି ଆକ୍ଟ)ର ସୀମା ଅତିକ୍ରମ କରିପାରିବ ନାହିଁ।

# ଇରାନ ଉପରେ ଆମେରିକାର ଏୟାରଷ୍ଟ୍ରାଇକ୍

ୱାସିଂଟନ, ୩୦।୭ (ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଆମେରିକୀୟ ସେନା (ସେଣ୍ଟକମ୍) ଇରାନର ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର୍ପସ (ଆଇଆରଜିସି) ର ସାମରିକ ଘାଟିଗୁଡ଼ିକ ଉପରେ ଏକ ବିଶାଳ ଆକ୍ରମଣ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧ ନୂଆ ମୋଡ଼ ନେଇଛି। ଆମେରିକୀୟ ସୈନ୍ୟବାହିନୀକୁ ଲକ୍ଷ୍ୟ କରି ଇରାନ ଦ୍ୱାରା କରାଯାଇଥିବା ମିସାଇଲ ଆକ୍ରମଣର ଜବାବରେ ଆମେରିକା ଏହି ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ର ସୂଚନା ଅନୁଯାୟୀ, ବୁଧବାର ରାତିରେ ଇରାନର ଆଇଆରଜିସି କମାଣ୍ଡ ସେଣ୍ଟର, ମିସାଇଲ ଓ ଡ୍ରୋନ ତିଆରି ଘାଟି, ଉପକୂଳବର୍ତ୍ତୀ ସୁରକ୍ଷା କେନ୍ଦ୍ର ଏବଂ ନୌସେନା କ୍ଷମତାକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି। ଆମେରିକୀୟ ସୈନ୍ୟ, ବାଣିଜ୍ୟିକ ଜାହାଜ ଏବଂ ପଡ଼ୋଶୀ ଗଲ୍ ଦେଶଗୁଡ଼ିକ ପ୍ରତି ଇରାନ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକରୁ ଆସୁଥିବା ବିପଦକୁ ହ୍ରାସ କରିବା ପାଇଁ ଏହି ପାଲଟା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେଣ୍ଟକମ୍ ପ୍ରକାଶ କରିଛି। ସେଣ୍ଟକମ୍ କହିଛି ଯେ, ପଶ୍ଚିମ ଏସିଆରେ ଥିବା ଆମେରିକୀୟ ଘାଟି ଉପରେ ଇରାନ ଆକସ୍ମିକ ଭାବେ ଏକାଧିକ ବାଲିଷ୍ଟିକ ମିସାଇଲ ମାଡ଼ କରିଥିଲା। ତେବେ ଆମେରିକାର ସୁରକ୍ଷା ପ୍ରଣାଳୀ ଏହି ସମସ୍ତ ମିସାଇଲକୁ ଆକାଶମାର୍ଗରେ ହିଁ ସଫଳତାର ସହ ନଷ୍ଟ କରିଦେଇଥିଲା। ଏହି ଘଟଣା ପରେ ପଶ୍ଚିମ ଏସିଆରେ ନିୟୋଜିତ ୫୦, ୦୦୦ ରୁ ଅଧିକ ଆମେରିକୀୟ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ସଜାଗ ଏବଂ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଜିପ୍ଟର ଦାମିଏଟା ବନ୍ଦରରେ ଆମେରିକା ମାଲିକାନାରେ ଥିବା ଏକ ପ୍ରାକୃତିକ ଗ୍ୟାସ (ଏଲଏନ୍‌ଜି) ଜାହାଜ ଉପରେ ହୋଇଥିବା ଇରାନର ଡ୍ରୋନ୍ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଭୟଙ୍କର ହେବାକୁ ଯାଉଛି। ପଶ୍ଚିମ ଏସିଆରେ ଆମେରିକା ଏବଂ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ମୁହାଁମୁହିଁ ପରିସ୍ଥିତି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି।





# ଭାରତ ସୀମାନ୍ତରେ ଚୀନ୍ ମୁତୟନ କଲା ୧୨ଟି ଜେ-୨୦ ଷ୍ଟିଲ୍‌ଥ୍ ଫାଇଟର୍ ଜେଟ୍

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟସ୍ଥ ନିଜର ଦୁଇଟି ବାୟୁସେନା ଘାଟିରେ ଚୀନ୍ ତା’ର ୧୨ଟି ଅତ୍ୟାଧୁନିକ ଜେ-୨୦ ‘ମାଇଟି ଡ୍ରାଗନ୍’ ଷ୍ଟିଲ୍‌ଥ୍ ଯୁଦ୍ଧବିମାନ ମୁତୟନ କରିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି। ଭାରତୀୟ ସୀମା ନିକଟରେ ଚୀନ୍‌ର ଏହି ପଞ୍ଚମ ପିଢ଼ିର (ଫିଫ୍‌ଥ ଜେନେରେସନ) ଯୁଦ୍ଧବିମାନର ଏତେ ବଡ଼ ମୁତୟନ ନିକଟ ଅତୀତରେ ପ୍ରଥମ ଅଟେ। ‘ଭାଣ୍ଟୋର’ ସାଟେଲାଇଟ୍ ସଂସ୍ଥା ଦ୍ୱାରା ଜୁଲାଇ ୯ ଓ ଜୁନ୍ ୨୫ରେ ଉଠାଯାଇଥିବା ଚିତ୍ର ଅନୁଯାୟୀ, ଶିନଜିଆଙ୍ଗର ହୋତାନ ଏୟାରବେସ୍‌ରେ ୮ଟି ଏବଂ ତିବ୍ବତର ଲାସା ନିକଟସ୍ଥ ଦମାକ୍ସୁଙ୍ଗ ଏୟାରବେସ୍‌ରେ ୪ଟି ଜେ-୨୦ ବିମାନ ରଖାଯାଇଛି। ହୋତାନ ଏୟାରବେସ୍ ଲଦାଖର ଦୌଲତ ବେଗ୍ ଓଲଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ। ସେହିପରି ଦାମକ୍ସୁଙ୍ଗ ଏୟାରବେସ୍ ଅରୁଣାଚଳ ପ୍ରଦେଶର ତୱାଙ୍ଗଠାରୁ ପ୍ରାୟ ୩୪୪ କିଲୋମିଟର ଦୂରରେ ଅବସ୍ଥିତ। ଏହି ଯୁଦ୍ଧବିମାନଗୁଡ଼ିକ ରାଡାର୍ ଆଖିରେ ସହଜରେ ଧରାପଡ଼ନ୍ତି ନାହିଁ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ସୀମାନ୍ତରେ ସାମରିକ ଭିତ୍ତିଭୂମିର ଆଧୁନିକୀକରଣ ଏବଂ ନିଜର ଶକ୍ତି ପ୍ରଦର୍ଶନ ପାଇଁ ଚୀନ୍ ଏପରି ପଦକ୍ଷେପ ନେଉଛି। ୨୦୨୦ ଗାଲୱାନ୍ ଘାଟି ସଂଘର୍ଷ ପରଠାରୁ ଭାରତ-ଚୀନ୍ ସୀମାରେ ଉତ୍ତେଜନା ଲାଗିରହିଛି। ଚୀନ୍‌ର ଏହି ବାୟୁସେନା ସକ୍ରିୟତା ମଧ୍ୟରେ ଭାରତୀୟ ବାୟୁସେନା ମଧ୍ୟ ନିଜର ଆଗଧାଡ଼ିର ସୁରକ୍ଷା ବ୍ୟବସ୍ଥା ଓ ଯୁଦ୍ଧବିମାନଗୁଡ଼ିକୁ ସମ୍ପୂର୍ଣ୍ଣ ସଜାଗ ରଖିଛି।



### ବିଜେପି ନେତାଙ୍କୁ ନବୀନଙ୍କ କଟାକ୍ଷ


## ଓଡ଼ିଶାରେ ବନ୍ୟା; ଦିଲ୍ଲୀରେ ଚାଲିଛି ଭୋଜି



ଭୁବନେଶ୍ୱର,୩୦।୭(ସମିସ): ରାଜ୍ୟରେ ବନ୍ୟା ବିଭୀଷିକାକୁ ନେଇ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ବିଜେପିର ନେତାମାନେ ଦିଲ୍ଲୀରେ ଅଛନ୍ତି। ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାରେ ବନ୍ୟାର ବିଭୀଷିକା ଥିବାବେଳେ ଓଡ଼ିଶା ବିଜେପିର ନେତାମାନେ ଦିଲ୍ଲୀରେ ଭୋଜି କରୁଛନ୍ତି। ଏପରି ଗମ୍ଭୀର ସ୍ଥିତିରେ ସରକାର ସମ୍ବେଦନହୀନ ନ ହୋଇ ଲୋକଙ୍କ ସହିତ ଛିଡ଼ା ହୁଅନ୍ତୁ, ଲୋକଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

ନବୀନ କହିଛନ୍ତି ଯେ ଲଗାଣ ବର୍ଷା ଯୋଗୁଁ ସାରା ରାଜ୍ୟରେ ବନ୍ୟାର ସ୍ଥିତି ଦେଖାଦେଇଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଶୀର୍ଷ ନେତା ତଥା ସାଂସଦମାନେ ଏବେ ଦିଲ୍ଲୀରେ। ଏପରି ଅସମୟରେ ନିଜ ଲୋକଙ୍କ ସୁରକ୍ଷାଠାରୁ ଅଧିକ ଗମ୍ଭୀର ବିଷୟ କ'ଣ ହୋଇପାରେ? ବନ୍ୟା ପାଇଁ ମୟୂରଭଞ୍ଜ, ବାଲେଶ୍ୱରରୁ ନେଇ ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଢେଙ୍କାନାଳ, ସମ୍ବଲପୁର ଆଦି ବିଭିନ୍ନ ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟାରେ ଏକାଧିକ ନିରୀହ ଜୀବନ ଯିବାର ଖବର ଆସିବା ମୋ ସହିତ ସମଗ୍ର ଓଡ଼ିଶାବାସୀଙ୍କୁ ମଧ୍ୟ ବ୍ୟଥିତ କରିଛି। ଏପରି ଅସମୟରେ ଲୋକଙ୍କ ସାଥିରେ ଦୃଢ଼ ଭାବେ ଛିଡ଼ା ହେବା ବଦଳରେ ସରକାରୀ ଅବହେଳାର ମାଳ ମାଳ ଅଭିଯୋଗ ଆସୁଛି। ନବୀନ କହିଛନ୍ତି ଯେ ସବୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ 'ପ୍ରତିଟି ଜୀବନ ମୂଲ୍ୟବାନ' ହେଉଛି ଓଡ଼ିଶାର ମନ୍ତ୍ର। ଏହି ମନ୍ତ୍ରରେ ସବୁ ବିପର୍ଯ୍ୟୟର ଦୃଢ଼ ମୁକାବିଲା କରି ଓଡ଼ିଶା ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିଲା। ହେଲେ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ନ କରି ଲୋକେ ନିର୍ବାଚିତ କରିଥିବା ପ୍ରତିନିଧିମାନେ ଲୋକଙ୍କ ହାତ ଛାଡ଼ିଦେବା ସଭିଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

## ଆକାଶ ମାର୍ଗରୁ ବନ୍ୟା ସ୍ଥିତି ଦେଖିଲେ ରାଜସ୍ୱମନ୍ତ୍ରୀ



ଭୁବନେଶ୍ୱର,୩୦।୭(ସମିସ): ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଓ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ଥିତିର ବିସ୍ତୃତ ସମୀକ୍ଷା କରିଛନ୍ତି। ବିଭିନ୍ନ ନଦୀର ଜଳସ୍ତର, ଜଳମଗ୍ନ ଗ୍ରାମ, ଯୋଗାଯୋଗ ବିଚ୍ଛିନ୍ନ ଅଞ୍ଚଳ ଓ ଚାଲିଥିବା ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ସେ ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି। ଏହା ପରେ ପାଣି ଛାଡ଼ିବା ପରେ ଆସନ୍ତା ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ ଓ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଆକାଶ ମାର୍ଗରୁ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଏହି ସଂକଟ ସମୟରେ ବିପନ୍ନଙ୍କ ପାଖରେ ତୁରନ୍ତ ସହାୟତା ପହଞ୍ଚାଇବା ଆମର ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ଆଜି ମଧ୍ୟ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରାଯାଇଛି। ଏଥିରେ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ମୁଖ୍ୟତଃ ତଳିଆ ଏବଂ ବିପଦସଙ୍କୁଳ ଅଞ୍ଚଳରେ ଫସି ରହିଥିବା ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା, ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ

### ୭୨ ଘଣ୍ଟାରେ କ୍ଷୟକ୍ଷତି ଆକଳନ

ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଏବଂ ଶିଶୁମାନଙ୍କ ପାଇଁ କ୍ଷୀର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାସହିତ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ମେଡିକାଲ୍ ଟିମ୍ ଓ ଔଷଧ ସହ ସ୍ୱତନ୍ତ୍ର କ୍ୟାମ୍ପ ପ୍ରତିଷ୍ଠା କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସେହିପରି ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀକୁ ସମ୍ପୂର୍ଣ୍ଣ ଆଲର୍ଟ ମୋଡ୍‌ରେ ରଖାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ଅଛି ଏବଂ ସ୍ଥିତି ଉପରେ ୨୪ ଘଣ୍ଟିଆ ତୀକ୍ଷ୍ଣ ନଜର ରଖାଯାଇଛି। ଓଡ଼ିଶା ସରକାର ପ୍ରତିଟି ନାଗରିକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

### ବୈତରଣୀ ପରେ ବ୍ରାହ୍ମଣୀର କରାଳ ରୂପ

## ବରୀରେ ୩ ଘାଇ; ଲକ୍ଷାଧିକ ଲୋକ ପାଣିଘେରରେ

ଯାଜପୁର,୩୦।୭(ସମିସ): ଯାଜପୁର ଜିଲ୍ଲାରେ ଆସିଥିବା ବନ୍ୟାସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଛି। ଜିଲ୍ଲାରେ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଏବଂ ଖରସ୍ରୋତାର ବନ୍ୟା ଯୋଗୁଁ ଅର୍ଦ୍ଧାଧିକ ବ୍ଲକ୍ ପ୍ରଭାବିତ ହୋଇଛି। ବିଶେଷକରି ବୈତରଣୀ ଯୋଗୁଁ ଦଶରଥପୁର, ଯାଜପୁର, କୋରେଇ ବ୍ଲକ୍ ପ୍ରଭାବିତ ହୋଇଥିବାବେଳେ

- ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଟିମ୍ ନିୟୋଜିତ
- ଆଜି ବନ୍ଦ ରହିବ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ : ଜିଲ୍ଲାପାଳ



ବ୍ରାହ୍ମଣୀ ଏବଂ ଖରସ୍ରୋତା ଯୋଗୁଁ ବରୀ, ବିଂଝାରପୁର, ରସୁଲପୁର, ଧର୍ମଶାଳା ବ୍ଲକ୍ ପ୍ରଭାବିତ ହୋଇଛି। ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ବରୀର ୩ ଟି ସ୍ଥାନରେ ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଚନ୍ଦନପୁର ପଞ୍ଚାୟତ ମିର୍ଜାପୁରରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଚନ୍ଦନପୁର, ମିର୍ଜାପୁର, ଜଗନ୍ନାଥପୁର ସମେତ ନଦୀ ପାର୍ଶ୍ୱବର୍ତ୍ତୀ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଛି। ସେହିପରି ବ୍ରାହ୍ମଣୀ ନଦୀର ବାଙ୍କସାହି ନିକଟରେ ଏକ ୧୫୦ ଫୁଟର ଘାଇ ହୋଇଛି। ସେହିପରି ଅଟିରା ପଞ୍ଚାୟତ ଅରୁଆଳ ଗ୍ରାମ ନିକଟରେ ପାଖାପାଖି ୧୦୦ ଫୁଟର ଘାଇ ଫଳରେ ବରୀ, ରମ୍ଭା, ଅରଙ୍ଗାବାଦ୍ ସମେତ ୭ଟି ପଞ୍ଚାୟତ ଜଳବନ୍ଦୀ ହୋଇଛି। ରସୁଲପୁର ବ୍ଲକ୍ ଟିକରପଡ଼ା ନିକଟରେ ନିର୍ମାଣାଧୀନ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ଗାଁ ଭିତରକୁ ପଶିଯାଇଛି। ଟିକରପଡ଼ା, କୁଜିବର, ପୋଡ଼ା ଜାଗୁଲେଇ ସମେତ ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। ତେବେ ଜଳସେଚନ ବିଭାଗର ଅବହେଳା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଖରସ୍ରୋତା ନଦୀରେ ବନ୍ୟା ଆସିବା ଫଳରେ ପହଙ୍ଗା, ତଣ୍ଡରା, ବରେଇ ଓ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ବ୍ୟାପକ ଫସଲ କ୍ଷତି ହୋଇଛି। ସେପଟେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳବନ୍ଦୀ ଲୋକଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଓ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି। ଘାଇ ମୁହଁ ତୁରନ୍ତ ବନ୍ଦ କରିବା ପାଇଁ ଜରୁରୀ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଜିଲ୍ଲାର ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାରେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ବାହିନୀ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ବ୍ଲକ୍ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ ହୋଇଛନ୍ତି। ଅବକାରୀ କମିଶନର ତଥା ଯାଜପୁରର ପୂର୍ବତନ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ସମଗ୍ର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ଯାଜପୁର ଜିଲ୍ଲାପାଳ ଅମ୍ବରକର ବିଭିନ୍ନ ବନ୍ୟାଞ୍ଚଳ ବୁଲି ପରିସ୍ଥିତିର ସମୀକ୍ଷା କରୁଛନ୍ତି। ଜଳବନ୍ଦୀ ଥିବା ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଶୁକ୍ରବାର ମଧ୍ୟ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଜିଲ୍ଲାପାଳ ଘୋଷଣା କରିଛନ୍ତି।

■ ଲଗାଣ ବର୍ଷା ନେଲା ଜୀବନ

## କାନ୍ଥ ଭୁଶୁଡ଼ି ମହିଳା ମୃତ

ମୁନିଗୁଡ଼ା, ୩୦।୭ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ଥାନା ରାଣୀପିଣ୍ଡା ପଞ୍ଚାୟତର ବାଘଡ଼ଙ୍ଗରି ଗ୍ରାମରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ବାଘଡ଼ଙ୍ଗରି ଗ୍ରାମର ରୁକୁଣି ବଛା (୨୬) ଭୋରରେ ଶୌଚ ସାରି ଘରକୁ ଫେରୁଥିବା ବେଳେ ଘର ପାଖରେ ଥିବା ଏକ ପୁରୁଣା କାନ୍ଥ ତାଙ୍କ ଉପରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇଯାଇଥିବା ରୁକୁଣିଙ୍କୁ ଗ୍ରାମବାସୀ ତୁରନ୍ତ ଉଦ୍ଧାର କରିଥିଲେ। ମାତ୍ର ଗୁରୁତର ଆଘାତ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ରୁକୁଣି କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବ୍ଲକ ଏସ୍. ନଳା ଗ୍ରାମର ବୃନ୍ଦାବନ ଗୌଡ଼ଙ୍କ ଝିଅ। ତାଙ୍କର ବିବାହ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ବାଘଡ଼ଙ୍ଗରି ଗ୍ରାମର ଭରତ ବଛାଙ୍କ ପୁଅ ସାନୁର୍ଜ୍ୟ ବଛାଙ୍କ ସହ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ କିଛିଦିନ ଧରି ଲଗାତାର ବର୍ଷା ଯୋଗୁଁ କାନ୍ଥଟି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା। ଭିଜା ମାଟି ଖସିଯିବା ସହ କାନ୍ଥଟି ହଠାତ୍ ଭୁଶୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଛି। ଖବର



### ସରକାରୀ ସହାୟତା ଦାବି

ପାଇ ଅମ୍ବାଦଳାର ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ। ସ୍ଥାନୀୟ କଂଗ୍ରେସ ଯୁବନେତା ତଥା ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲ ମଧ୍ୟ ମୁନିଗୁଡ଼ା ବିଡିଓ ଓ ଅମ୍ବାଦଳା ରାଜସ୍ୱ ଅଧିକାରୀଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଥିବା ଜଣାପଡ଼ିଛି।

## ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ନବୀନ



ଭୁବନେଶ୍ୱର,୩୦।୭(ସମିସ): ଇଣ୍ଡିଆନ୍ ଆଇଡଲ୍' ସିଜନ୍-୧୬ର ବିଜୟିନୀ ତଥା ଓଡ଼ିଶାର ଗର୍ବ ଜ୍ୟୋତିର୍ମୟୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଆଜି ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରିଥିବା ବେଳେ ଜ୍ୟୋତିର୍ମୟୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ଏହି ଟାଇଟଲ ହାତେଇ ଓଡ଼ିଶାକୁ ଗର୍ବିତ କରିଥିବା ନବୀନ କହିଛନ୍ତି। ଏହି ଅବସରରେ ଜ୍ୟୋତିର୍ମୟୀଙ୍କୁ ରୂପା ତାରକସି କୋଣାର୍କ ଚକ୍ର ପ୍ରଦାନ କରି ତାଙ୍କୁ ଉଜ୍ଜ୍ୱଳ ଭିବଷ୍ୟତ କାମନା କରିଛନ୍ତି ଶ୍ରୀ ପଟ୍ଟନାୟକ।

## କାନପୁର ଡ୍ୟାମ୍ ସମ୍ପୂର୍ଣ୍ଣ ସୁରକ୍ଷିତ: ପ୍ରଶାସନ

କେନ୍ଦୁଝର/ଯୋଡ଼ା, ୩୦।୭(ସମିସ): କାନପୁର ଡ୍ୟାମ୍‌ରେ ଗଠନମୂଳକ ତ୍ରୁଟି ନେଇ ଫାଟ ଦେଖାଦେଇଥିବା ନେଇ କିଛି ବିଭ୍ରାନ୍ତିକର ତଥ୍ୟ ଓ ଖବର ଉପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। କୁହାଯାଇଛି ଯେ ସାମ୍ପ୍ରତିକ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ଏକ

### 'ଅସ୍ଥାୟୀ କଫର ଡ୍ୟାମ୍ ନେଇ କୌଣସି ଆଶଙ୍କା ନାହିଁ'

ଅସ୍ଥାୟୀ କଫର୍ ଡ୍ୟାମ୍ ଉପର ଦେଇ ଜଳ ପ୍ରବାହିତ ହେଉଛି। ଏହା ଏକ ଅସ୍ଥାୟୀ ସହାୟକ ଢାଞ୍ଚା। ଏହା ମୁଖ୍ୟ ଡ୍ୟାମ୍‌ର ଅଂଶବିଶେଷ ନୁହେଁ। ଏହି ଅସ୍ଥାୟୀ ବ୍ୟବସ୍ଥା ଉପର ଦେଇ ଜଳ ପ୍ରବାହିତ ହେବା ଦ୍ୱାରା ଜୀବନ, ସମ୍ପତ୍ତି କିମ୍ବା କାନପୁର ଡ୍ୟାମ୍‌ର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ। ଜୁଲାଇ ୩୦ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୪୩୨.୯୫ ମିଟର ରହିଛି; ଯାହା କଫର୍ ଡ୍ୟାମ୍‌ର ସର୍ବୋଚ୍ଚ ସ୍ତର (୪୨୮.୦୦ ମିଟର)। ମୁଖ୍ୟ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୪୪୦.୦୦ ମିଟରଠାରୁ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୪୮.୪୮୨ କ୍ୟୁସେକ୍



ଜଳ ପ୍ରବେଶ କରୁଥିବା ବେଳେ ୧,୦୪୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଫଳରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବ। ନିଷ୍କାସିତ ଜଳ କେବଳ ପ୍ରାକୃତିକ ନଦୀ ଶଯ୍ୟା ମଧ୍ୟରେ ସୀମିତ ରହିବ। ଏହା ଦ୍ୱାରା କୌଣସି ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଏହି ଜଳ ପ୍ରବାହ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, କେନ୍ଦୁଝର ସଦର ଏବଂ ପାଟଣା ଦେଇ ଗତି କରିବ। ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ସୁଦ୍ଧା ଏହି ପାଣି ଆନନ୍ଦପୁର ବ୍ୟାରେଜ୍‌ରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ସମ୍ପୃକ୍ତ ସମସ୍ତ ବିଡିଓ ଏବଂ ତହସିଲଦାରମାନଙ୍କୁ ଆଲର୍ଟ କରାଯାଇଛି ଏବଂ ମାଇକ୍ ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ଜିଲ୍ଲା ଅଧିକାରୀ ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି। ତେବେ, କୌଣସି ଖବର ପ୍ରକାଶ ବା ପ୍ରସାରଣ କରିବା ପୂର୍ବରୁ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ସତ୍ୟତା ଯାଞ୍ଚ କରିବାକୁ ଗଣମାଧ୍ୟମଗୁଡ଼ିକୁ ଅନୁରୋଧ କରାଯାଇଛି।

## ବନ୍ୟାରେ ଭାସିଯାଇଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର/ମାଣତ୍ରୀ, ୩୦।୭(ସମିସ) : ବନ୍ୟାର ଭୟଙ୍କର ରୂପ ପୁଣି ଏକ ଜୀବନ ନେଇଛି। ମୟୂରଭଞ୍ଜ ବଡ଼ସାହି ପାଳପାଟଣା ପୋଲରେ ଗଙ୍ଗାହର ନଦୀର ପ୍ରଖର ବନ୍ୟା ସ୍ରୋତରେ ଭାସିଯାଇଥିବା ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ ଶ୍ରୀରାମପୁର ଗ୍ରାମର ଚୌଧୁରୀ ବେହେରା (୬୦)ଙ୍କ ମୃତଦେହ ଘଟଣାର ପ୍ରାୟ ୨୪ ଘଣ୍ଟା ପରେ ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ଏହି ଘଟଣା ପରେ ସମଗ୍ର ରେମୁଣା ଅଞ୍ଚଳ ଶୋକରେ ସ୍ତବ୍ଧ ହୋଇପଡ଼ିଥିବା ବେଳେ ପାଳପାଟଣା ପୋଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି।

ଚୌଧୁରୀ ବେହେରା ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ ଅଞ୍ଚଳରେ ଥିବା ନିଜ ଝିଅଘରକୁ ଯାଇଥିଲେ। ବୁଧବାର ସେ ସାଇକଲ ଯୋଗେ ଘରକୁ ଫେରୁଥିବା ସମୟରେ ପାଳପାଟଣା ପୋଲ ଉପରେ ଗଙ୍ଗାହର ନଦୀର ବନ୍ୟା ଜଳ ପ୍ରବାହିତ ହେଉଥିଲା। ପ୍ରଖର ସ୍ରୋତ ମଧ୍ୟରେ ସେ ସନ୍ତୁଳନ ହରାଇ ଭାସିଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଗୁରୁବାର ଓଡ୍ରାଫ ଟିମ୍ ପହଞ୍ଚି ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଚଳାଇଥିଲା। ଦୀର୍ଘ ସମୟର ତଲାସି ପରେ ନଦୀରୁ ଚୌଧୁରୀ ବେହେରାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବର୍ଷା ଋତୁରେ ଏହି ପୋଲ ଉପରେ ପ୍ରାୟ ପ୍ରତିବର୍ଷ ବନ୍ୟା ଜଳ ପ୍ରବାହିତ ହୁଏ। ତଥାପି ଲୋକଙ୍କ ଯାତାୟାତ ପାଇଁ ବିକଳ୍ପ ବ୍ୟବସ୍ଥା କିମ୍ବା ସ୍ଥାୟୀ ସମାଧାନ ହୋଇନାହିଁ। ପୂର୍ବରୁ ମଧ୍ୟ ଏହି ପୋଲରେ ବନ୍ୟା ଜଳରେ ଭାସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହା ସତ୍ତ୍ୱେ ଉଚ୍ଚ ସେତୁ ନିର୍ମାଣ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ବଢ଼ିଛି।

## ବନ୍ୟାରେ ଧୋଇଗଲା 'ନେଚର କ୍ୟାମ୍ପ୍'

### କ୍ଷତି ଭରଣା କରିବ କିଏ ?

କେନ୍ଦୁଝର, ୩୦।୭(ସମିସ): ବୈତରଣୀ ନଦୀ ତଟରେ ନେଚର କ୍ୟାମ୍ପ ସ୍ଥାନ ନିରୂପଣ କରିବା ମହଂଗା ପଡିଛି। ବୈତରଣୀରେ ବର୍ଷର ପ୍ରଥମ ବନ୍ୟା ପାଣିରେ ନେଚର କ୍ୟାମ୍ପ ଧୋଇଯିବା ଘଟଣା ପ୍ରକୃତିପ୍ରେମୀଙ୍କୁ ଆଘାତ ଦେଇଛି। ସ୍ଥାନଟି ପ୍ରକୃତି ପ୍ରେମୀଙ୍କ ନିମନ୍ତେ ସ୍ୱର୍ଗଠାରୁ କମ ନଥିଲା। ବନ ବିଭାଗ ପକ୍ଷରୁ ଏକ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଦରଗୁଡ଼ିଶୀଳା ନଦୀ ପଠାରେ ୫ଟି ସୁନ୍ଦର କଟେଜ କାମ କରାଯାଉଥିଲା। ମାତ୍ର କାମ ନିମ୍ନମାନର ହେଉ କିମ୍ବା ସ୍ଥାନ ନିରୂପଣରେ ତ୍ରୁଟି କାରଣରୁ ଗତ ଲଗାଣ ବର୍ଷାର ବୈତରଣୀ ବଢ଼ି ପାଣିରେ ଏହା ଧୋଇଯାଇଛି। କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ଅନ୍ତର୍ଗତ ଦରଗୁଡିଶିଳା ପର୍ଯ୍ୟଟନସ୍ଥଳରେ ନିର୍ମାଣାଧୀନ ୪ଟି ନେଚର କ୍ୟାମ୍ପ ବୈତରଣୀ ନଦୀ ବଢିରେ କ୍ଷତିଗ୍ରସ୍ତ ହେବା ଫଳରେ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଛି। ପର୍ଯ୍ୟଟକଙ୍କ ପାଇଁ ୫ଟି କଟେଜ ମଧ୍ୟରୁ ୪ଟିର କାମ ସରିଥିଲା। ଏହି କାମ ନଭେମ୍ବର ପୂର୍ବରୁ ସରିବାର ଥିଲା। ବର୍ତ୍ତମାନ ପରିସ୍ଥିତିରୁ ଅନୁମେୟ ଯେ ନେଚର କ୍ୟାମ୍ପ ଯେଉଁ ନଦୀ ତଟରେ କରାଯାଉଥିଲା ତାହା ହୁଏତ ଆଗାମି ଦିନରେ ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଥାନ୍ତା। ସ୍ଥାନ ନିରୂପଣରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ତ୍ରୁଟି ଯୋଗୁଁ ହୋଇଥିବା କ୍ଷତିର ଭରଣା କରିବ କିଏ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ୩ ଦିନ ହେଲା ବନ୍ୟାଘେରରେ ୭ ଲକ୍ଷ ବିପନ୍ନ

ଭୁବନେଶ୍ୱର,୩୦।୭(ସମିସ): ଉତ୍ତର ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ଗମ୍ଭୀର ଅବସ୍ଥାରେ ରହିଛି। ବୈତରଣୀ ଓ ଶାଳନ୍ଦୀ ନଦୀରେ ଆସିଥିବା ବନ୍ୟା ଓ ଅନ୍ୟ ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ପ୍ରଭାବରେ ସାରା ଉତ୍ତର ଓଡ଼ିଶା କ୍ଷତିଗ୍ରସ୍ତ ହୋଇଛି। ମାତ୍ର ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ସ୍ଥିତି ସବୁଠୁ ଉଦ୍‌ବେଗ ଜନକ ରହିଛି। ସାରା ରାଜ୍ୟରେ ଅର୍ଥାତ୍ ୨୦ ଟି ଜିଲ୍ଲାରେ ବନ୍ୟା ଯୋଗୁଁ ମୋଟ୍ ୭ ଲକ୍ଷ ୫ ହଜାର ୨୩୨ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଏଥିମଧ୍ୟରୁ କେବଳ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରୁ ସର୍ବାଧିକ ୬ ଲକ୍ଷ ୯୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ଭଦ୍ରକର ସର୍ବାଧିକ ୪ ଲକ୍ଷ ୧୧ ହଜାର ଲୋକ ପ୍ରଭାବିତ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଛି।

ସେହିପରି ବାଲେଶ୍ୱରରୁ ୧ ଲକ୍ଷ ୪୬ ହଜାର ଓ ଯାଜପୁର ଜିଲ୍ଲାରେ ୧ ଲକ୍ଷ ୩୭ ହଜାର ଲୋକ ବନ୍ୟା ବିଭିଷୀକାର ଶିକାର ହୋଇଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ବୈତରଣୀରେ ଆସିଥିବା ବନ୍ୟା ଯୋଗୁଁ ଉତ୍ତର ଓଡ଼ିଶା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହାସହିତ ମହାନଦୀରେ ଜଳସ୍ତର ବଢ଼ିବା ହେତୁ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ବନ୍ୟା ପାଣିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏବେ ସୁଦ୍ଧା ୨୦ ଟି ଜିଲ୍ଲାର ମୋଟ୍ ୧୦୦ ବ୍ଲକର ୫୩୯ ୧୪୫୮ ଗାଁ ପ୍ରଭାବିତ

- ଭଦ୍ରକ, ବାଲେଶ୍ୱର ଓ ଯାଜପୁରରେ ସ୍ଥିତି ଜଟିଳ
- ମୃତ୍ୟୁ ସଂଖ୍ୟାକୁ ନେଇ ମୁହଁ ଖୋଲୁନାହାନ୍ତି ସରକାର
- ମାଳ ମାଳ ଅଭିଯୋଗ, ସରକାରୀ ଭାବେ ୩ ମୃତ

ହୋଇଥିବା ବେଳେ ୧୪ ଟି ସହରାଞ୍ଚଳ ପ୍ରଭାବିତ ହୋଇଛି। ଏହା ବ୍ୟତୀତ ଏବେ ସୁଦ୍ଧା ବନ୍ୟାରେ ମୋଟ୍ ୧୩୫୩ ଘର ଭାଙ୍ଗିଥିବା ବେଳେ ୨୪ ହଜାର ୮୯୬ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଅନ୍ୟପଟେ ବନ୍ୟା ଓ ଏହାର ପରୋକ୍ଷ କାରଣ ଯୋଗୁଁ ବୁଧବାର ରାତି ସୁଦ୍ଧା ବିଭିନ୍ନ ଜିଲ୍ଲାରୁ ୮ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ବେସରକାରୀ ଭାବେ ଅଭିଯୋଗ ହୋଇଥିଲା। ଏହାସହିତ ଗୁରୁବାର ମଧ୍ୟ କେତେକ ସ୍ଥାନରେ ବନ୍ୟା ପାଣିରେ ଭାସିଯାଇ ପ୍ରାଣ ହରାଇବା ଓ ଅଜଣା ମୃତ ଦେହ ମିଳିବା ଭଳି ଘଟଣା ସାମନାକୁ ଆସିଛି। ଏହାସହିତ କେତେକ ସ୍ଥାନରେ ବନ୍ୟା ପାଣିରେ ଭାସି ଆସୁଥିବା ସାପ କାମୁଡ଼ା ଯୋଗୁଁ ମୃତ୍ୟୁ ନେଇ ମଧ୍ୟ ଅଭିଯୋଗ ହେଉଛି। ହେଲେ ସରକାରୀ ଭାବେ ମୃତକଙ୍କ ସଂଖ୍ୟାକୁ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନାହିଁ। ଆଜି ସନ୍ଧ୍ୟା ସୁଦ୍ଧା ସରକାରୀ ଭାବେ ମାତ୍ର ୩ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଏସ୍‌ଆରସିଙ୍କ କାର୍ଯ୍ୟାଳୟରୁ କୁହାଯାଇଛି, କେନ୍ଦୁଝରରେ ଜଣେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଥିବା ବେଳେ ଢେଙ୍କାନାଳରେ କାନ୍ଥ ପଡ଼ି ଜଣଙ୍କର ଜୀବନ ଯାଇଛି। ଏହାସହିତ ରାୟଗଡ଼ାରେ ମଧ୍ୟ କାନ୍ଥ ପଡ଼ିବା ଯୋଗୁଁ ଜଣେ ଲୋକଙ୍କର ଜୀବନ ଯାଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିବା କୁହାଯାଇଛି। ଏହାବ୍ୟତୀତ ବନ୍ୟା ଯୋଗୁଁ ମୋଟ୍ ୧୩୧୦ ଟି ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିବା ବେଳେ କେବଳ ମୟୂରଭଞ୍ଜରୁ ୧୩୦୦ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି।

ଅନ୍ୟପଟେ ସରକାରଙ୍କ ପକ୍ଷରୁ କୁହାଯାଇଛି, ପ୍ରଭାବିତ ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧ ଲକ୍ଷ ୮୯ ହଜାର ୫୯୧ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କୁ ୫୨୦ଟି ରିଲିଫ କ୍ୟାମ୍ପରେ ରଖାଯାଇଛି। ବନ୍ୟା ଦ୍ୱାରା ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ, ଶିଶୁ ଖାଦ୍ୟ ସହ ମହିଳା ଏବଂ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଜଳବନ୍ଦୀ ବଭାବେ ୨୧ଟି ଗାଁ ଥିବାବେଳେ ବାହ୍ୟଜଗତରୁ ସେମାନେ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛନ୍ତି। ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଏବେ ସୁଦ୍ଧା ୩୭୮ କ୍ୱିଣ୍ଟାଲ୍ ଚୁଡ଼ା ଓ ୪୪.୫ କ୍ୱିଣ୍ଟାଲ୍ ଗୁଡ଼ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ ପାଇଁ ୨୪ ଟି ଓଡ୍ରାଫ୍, ୬ଟି ଏନ୍‌ଡିଆର୍‌ଏଫ୍ ଓ ୪୬ଟି ଅଗ୍ନିସମ ବାହିନୀ ନିୟୋଜିତ ହୋଇଛନ୍ତି।










## ବନ୍ୟା ସ୍ଥିତି ସଙ୍ଗୀନ ▸ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ

**ଯାଜପୁର,୩୦।୭ (ସମିସ)**

ଲଗାଣ ବର୍ଷା ଫଳରେ ବିଭିନ୍ନ ନଦୀରେ ଦେଖାଦେଇଥିବା ବନ୍ୟା ସଙ୍ଗୀନ ସ୍ଥିତି ସୃଷ୍ଟି କରିଛି। ଏହାକୁ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଛି। ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଦଶରଥପୁର, ଯାଜପୁର, ବରୀ, ରସୁଲପୁର, କୋରେଇ, ଧର୍ମଶାଳା, ବଡ଼ଚଣା ଓ ବିଞ୍ଝାରପୁର ବ୍ଲକ୍‌ର ଲୋକମାନେ ପ୍ରଭାବିତ ହେବା ସହ ବିଲବାଡ଼ି ଜଳପ୍ଲାବିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଦଶରଥପୁର, ବରୀ, ବିଞ୍ଝାରପୁର ଅଞ୍ଚଳ ଗସ୍ତ କରି ବନ୍ୟା ସମସ୍ୟା ଅନୁଧ୍ୟାନ କରିବା ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିଭିନ୍ନ ବ୍ଲକ୍ ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ଦଶରଥପୁର ବ୍ଲକ୍, ଅତିରିକ୍ତ



ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁଙ୍କୁ ବରୀ ବ୍ଲକ୍, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆଙ୍କୁ ବିଞ୍ଝାରପୁର ବ୍ଲକ୍, ଉପ ଜିଲ୍ଲାପାଳ, ତାପସ ରଞ୍ଜନ ଦେହୁରୀଙ୍କୁ ରସୁଲପୁର ବ୍ଲକ୍ ଓ ଧର୍ମଶାଳା ବ୍ଲକ୍, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦଙ୍କୁ କୋରେଇ ବ୍ଲକ, ଦାନଗଦି ବ୍ଲକ୍, ସୁକିନ୍ଦା ବ୍ଲକ୍ ଓ ବ୍ୟାସନଗର ମ୍ୟୁନିସିପାଲିଟି, ଅତିରିକ୍ତ ଉପ ଜିଲ୍ଲାପାଳ, ପଲ୍ଲବୀ ରାଣୀ ରାଜଙ୍କୁ ବଡ଼ଚଣା ବ୍ଲକ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତିଙ୍କୁ ଯାଜପୁର ମ୍ୟୁନସିପାଲିଟିର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ନିମନ୍ତେ ନିୟୋଜିତ କରାଯାଇଛି।

ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ବନ୍ୟା ପ୍ରଭାବିତ ବରୀ ଅଞ୍ଚଳ ପରିଦର୍ଶନ କରିବା ସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଓ ତଦାରଖ କରୁଛନ୍ତି।

ଜିଲ୍ଲା ଜରୁରିକାଳୀନ ବିଭାଗ ପକ୍ଷରୁ ଆଜି ଅପରାହ୍ନ ୪ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାର ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ଆଦି ୮ ଟି ବ୍ଲକ୍ ପ୍ରଭାବିତ ହୋଇଛି। ସମୁଦାୟ ୯୭ ଟି ଗ୍ରାମ ପଞ୍ଚାୟତ, ୨୭୫ଟି ଗ୍ରାମ ଓ ଯାଜପୁର ମ୍ୟୁନିସିପାଲିଟି ପ୍ରଭାବିତ ହୋଇଛି। ଗୋଟିଏ ୱାର୍ଡ ପ୍ରଭାବିତ ହୋଇଛି। ଏଥିରେ ୧ ଲକ୍ଷ ୩୭ ହଜାର ୧୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୩୫ ହଜାର ୫୭୨ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ୯୧ ଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସମୁଦାୟ ୫୨,୮୩୫ ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୨୦,୨୦୬.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ ପ୍ରଭାବିତ ହୋଇଛି। ୨୯୮.୮୩ କ୍ୱିଣ୍ଟାଲ୍ ଚୁଡ଼ା, ୪୪.୧୩ କ୍ୱିଣ୍ଟାଲ୍ ଗୁଡ଼ ୧୬ ଟି ପଲିଥିନ୍ ରୋଲ୍, ୭୫ କେ.ଜି ମୁଢ଼ି, ୩୦୦ ପ୍ୟାକେଟ୍ ବିସ୍କୁଟ, ୩୦୦ ପ୍ୟାକେଟ୍ ଦିଆସିଲି ଏବଂ ୩୦୦ ପ୍ୟାକେଟ୍ ମହମବତୀ ବଣ୍ଟା ସରିଛି। ୮ ଟି ମେଡିକାଲ ଟିମ୍ ନିୟୋଜିତ ହୋଇଥିବା ବେଳେ ୪ ଟି ଭେଟେନାରୀ ଟିମ୍ ନିୟୋଜିତ କରାଯାଇଛି। ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍, ୪ ଟି ଓଡ୍ରାଫ୍ ଟିମ୍ ଏବଂ ୧୨ ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ କରାଯାଇଛି। ନଦୀଗୁଡ଼ିକର ଜଳସ୍ତରକୁ ନେଇ ଆଶ୍ୱସ୍ତିକର ଖବର ମିଳିଛି। ବୈତରଣୀ ନଦୀର ଜଳସ୍ତର ଆଜି ଅପରାହ୍ଣ ୪ଟାରେ ଅଖୁଆପଦାଠାରେ ୧୮.୦୦ ମିଟରକୁ ହ୍ରାସ ପାଇ ବିପଦ ସଙ୍କେତ (୧୮.୩୩ ମିଟର) ତଳକୁ ଖସିଆସିଛି। ସେହିପରି ବ୍ରାହ୍ମଣୀ ନଦୀର ଜଳସ୍ତର ଅପରାହ୍ଣ ୩ ଟାରେ ଜେନାପୁରଠାରେ ୬୫.୯୦ ଫୁଟ୍ ରହିଛି, ଯାହାକି ବିପଦ ସଙ୍କେତ (୬୭ ଫୁଟ୍) ଠାରୁ କମ୍। ନଦୀଗୁଡ଼ିକରେ ଜଳସ୍ତର କମୁଥିଲେ ହେଁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି।

## ବନ୍ୟା ବିପନ୍ନଙ୍କ ନିକଟରେ ବବି ଓ ଲଲ





**ଯାଜପୁର,୩୦।୭ (ସମିସ):** ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ପରେ ଏବେ ବନ୍ୟା ସ୍ଥିତି ଉଦବେଗଜନକ ହୋଇପଡ଼ିଛି। ସରକାରୀ ରିଲିଫ ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚିପାରୁନାହିଁ। ବନ୍ୟା ମୁକାବିଲା କରିବା ପାଇଁ ପ୍ରଶାସନ ପକ୍ଷରୁ ସଠିକ୍ ପ୍ରସ୍ତୁତି ହୋଇନଥିବାରୁ ଏବେ ଏହା ବଡ଼ ସମସ୍ୟା ହୋଇ ସୃଷ୍ଟି ହୋଇଛି। ଏଭଳି ଏକ ପ୍ରତିକୂଳ ସମୟରେ ବିରୋଧୀ ଆସନରେ ଥାଇ ମଧ୍ୟ ବନ୍ୟା ବିପନ୍ନଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛନ୍ତି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଏବଂ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବ ପ୍ରକାଶ ଦାସ ଓରଫ ଲଲ। ଉଭୟ କୋରେଇ ଓ ଯାଜପୁର ନିର୍ବାଚନ ମଣ୍ଡଳୀ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ବିପନ୍ନଙ୍କ ନିକଟରେ ପହଞ୍ଚିବା ସହିତ ବ୍ୟକ୍ତିଗତ ଭାବେ ଶୁଖିଲା ଖାଦ୍ୟ ଯୋଗାଇ ଦେଉଛନ୍ତି। ଚଳିତବର୍ଷ ଏପରି ଭୟଙ୍କର ବନ୍ୟାକୁ ଦେଖି ଲୋକମାନେ ଭୟଭୀତ ନହେବା ପାଇଁ ଆଶ୍ୱାସନା ଦେବା ସହ ବନ୍ୟା ଯୋଗୁଁ ବିଭିନ୍ନ ସ୍ଥାନରେ ହୋଇଥିବା ଘାଇଗୁଡ଼ିକର କିପରି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ ଏ ନେଇ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି। ସେହିପରି ଜିଲ୍ଲାରେ ତୁରନ୍ତ ରିଲିଫ ଯୋଗାଣ ଓ ଯୋଗାଯୋଗ ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ରଖି ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି। ଯାଜପୁରର ବନ୍ୟା ପ୍ରଭାବିତ ପଣସା, ଶଙ୍ଖାରୀବାଡ଼, ଚନ୍ଦନପୁର, ଛାତରପଡ଼ା, ସିମିଳିଆ, ବିଚିତ୍ରପୁର ଭଳି ପ୍ରମୁଖ ପଞ୍ଚାୟତବାସୀଙ୍କ ପାଖରେ ବବି ଦାସ ପହଞ୍ଚି ବନ୍ୟା ପରିସ୍ଥିତି ସମୀକ୍ଷା କରି ଲୋକଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ସେହିପରି ଲଲ ଦାସ କୋରେଇ ନିର୍ବାଚନମଣ୍ଡଳୀର ଅସନଝର, ରଣପୁର, ବରୁଆଳ, ବରୁଣ୍ଡେଇ, ଅମୃତିଆ, ଗୌରପୁର, ମକୁନ୍ଦପୁର ଓ ମୂଳାପାଳ ଆଦି ବନ୍ୟାଞ୍ଚଳ ବୁଲି ଲୋକଙ୍କ ମନୋବଳ ବଢ଼ାଇଥିଲେ।

## ଜିନ୍ଦଲ ଷ୍ଟେନ୍‌ଲେସ୍‌ର ବନ୍ୟା ବିପନ୍ନଙ୍କୁ ସହାୟତା

**ଦାନଗଦି,୩୦।୭ (ସମିସ):** ସାମାଜିକ ଦାୟିତ୍ୱ ଏବଂ ସମାଜ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼କରି, ଜିନ୍ଦଲ ଷ୍ଟେନଲେସ୍ ଯାଜପୁର ଜିଲ୍ଲାରେ ସମ୍ପ୍ରତି ବନ୍ୟା ଦ୍ୱାରା ପ୍ରଭାବିତ ପରିବାର ପାଇଁ ଏକ ରିଲିଫ୍ ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲା ପ୍ରଶାସନର ଆହ୍ୱାନ କ୍ରମେ ଏହି ପଦକ୍ଷେପର ଏକ ଅଂଶ ଭାବରେ, କମ୍ପାନୀ ଯାଜପୁର ଜିଲ୍ଲାର ଦଶରଥପୁର ଓ ଯାଜପୁର ବ୍ଲକର ବନ୍ୟା ପ୍ରଭାବିତ ପରିବାରକୁ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଓ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୨ ହଜାର ଖାଦ୍ୟ ସାମଗ୍ରୀ ପ୍ୟାକେଟ ବଣ୍ଟନ କରିଛି। ଏହି ଅପାତକାଳୀନ ସମୟରେ ପରିବାରକୁ ସମର୍ଥନ କରିବା ଏବଂ ସେମାନଙ୍କର ତୁରନ୍ତ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବା ପାଇଁ ଏହି ରିଲିଫ୍ ପ୍ୟାକେଟଗୁଡ଼ିକରେ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍‌ର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସ୍‌ରେ, ଆମେ ଆବଶ୍ୟକତା ସମୟରେ ସମ୍ପ୍ରଦାୟଗୁଡ଼ିକୁ ସମର୍ଥନ କରିବାରେ ବିଶ୍ୱାସ କରୁ। ବନ୍ୟାର ପରବର୍ତ୍ତୀ ମୁକାବିଲାରେ



ପ୍ରଭାବିତ ପରିବାରଗୁଡ଼ିକୁ ସାହାଯ୍ୟ କରିବା ପାଇଁ ରିଲିଫ୍ ସାମଗ୍ରୀ ବଣ୍ଟନ ଏକ ଛୋଟ ପଦକ୍ଷେପ। ଆମେ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ସହିତ ମିଶି ରିଲିଫ୍ ଏବଂ ପୁନରୁଦ୍ଧାର ପ୍ରୟାସକୁ ସମର୍ଥନ କରିବାକୁ ପ୍ରତିବଦ୍ଧ ଅଟୁ। ଜିନ୍ଦଲ ଷ୍ଟେନଲେସ୍ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ବୃଦ୍ଧି, ପରିବେଶଗତ ସ୍ଥିରତା ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ପରିସରଭୁକ୍ତ ବିଭିନ୍ନ ପ୍ରକାରର ସିଏସଆର ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ କଲ୍ୟାଣକୁ ପ୍ରାଥମିକତା ଦେଇଆସୁଛି।

## ମଝିପଡ଼ା ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ

**ବାଲିଚନ୍ଦ୍ରପୁର,୩୦।୭ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ତିନୋଟି ନଦୀ ବିରୂପା, ଗେଙ୍ଗୁଟି, କେଲୁଅରେ ବନ୍ୟା ଆସି ବହୁ ଗ୍ରାମ ଜଳବନ୍ଦି ହୋଇଥିବା ଜଣାପଡ଼ିଛି। ମଝିପଡ଼ା ପଞ୍ଚାୟତ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ବାଲିପଡ଼ିଆ ପଞ୍ଚାୟତ ଦେଓକଡି, ଡିଗିରିଆ, ଗୋପାଳପୁର ପଞ୍ଚାୟତର ଖଡ଼କପୁର, ଗୋପାଳପୁର, କଳାଶ୍ରୀ ଗଜେନ୍ଦ୍ରପୁର, ଚାରିନଙ୍ଗଳ ପଞ୍ଚାୟତର ବାହାଦୁରନଗର, ଛତାବର, ଚାରିନଙ୍ଗଳ, ଆମ୍ବସୌରୀ, ପତରାଜପୁର ପଞ୍ଚାୟତର ସିଂହ ସାହି, ବାଲିଚନ୍ଦ୍ରପୁର ପଞ୍ଚାୟତର ରୁକୁଟିପାଟ, ନାନପୁର, ବାଲିଚନ୍ଦ୍ରପୁର, ମାଣ୍ଡୁକା, ଅଣକା, ଆଦି ପଞ୍ଚାୟତର ବହୁ ଗ୍ରାମ ଜଳବନ୍ଦୀ ହୋଇ ବ୍ୟାପକ କ୍ଷୟକ୍ଷତି ଆଶଙ୍କା ରହିଛି। ଆଜି ରାତି ସୁଦ୍ଧା ବନ୍ୟା ପାଣି ଆହୁରି ବହୁ ଗ୍ରାମକୁ ପଶି ଯିବାର ସମ୍ଭାବନା ରହିଛି। ଜଳବନ୍ଦି ଗ୍ରାମଗୁଡ଼ିକୁ ଲୋକଙ୍କ ଯିବା ଆସିବା ନିମନ୍ତେ ଦେଶୀଡଙ୍ଗା ଓ ମୋଟର ଲଞ୍ଚ ଯୋଗାଇଦେବାକୁ ପ୍ରଶାସନ ପାଖରେ ପତରାଜପୁର ସମିତି ସଭ୍ୟ କୁଳମଣି ବାରିକ, ଯୁବନେତା ପ୍ରତାପ ସେନାପତି, ବିଶ୍ୱପ୍ରକାଶ ସାମଲ, ଉମେଶ ଚନ୍ଦ୍ର ସାମଲ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ରବୀନ୍ଦ୍ର କୁମାର ରାଉତରାୟ ଦାବି ଜଣାଇଛନ୍ତି।

## ବିପନ୍ନଙ୍କ ପାଖରେ ପହଞ୍ଚିଲେ ମନ୍ତ୍ରୀ



**କଯାଁଗୋଲା,୩୦।୭ (ସମିସ):** ଚଳିତ ବର୍ଷ ବୈତରଣୀ ନଦୀରେ ଦ୍ୱିତୀୟଥର ବନ୍ୟା ଆସିବାରୁ ଦଶରଥପୁର ବ୍ଲକ କଯାଁ ପଞ୍ଚାୟତର ଇଚ୍ଛାପୁର, ଧରମପୁର, ବଳରାମପୁର, କଯାଁ ସମେତ ବିଭିନ୍ନ ଗ୍ରାମରେ ବନ୍ୟାଜଳ ପ୍ରବେଶ କରି ଗ୍ରାମଗୁଡ଼ିକ ଜଳବନ୍ଦି ହୋଇପଡ଼ିଛି। ଏହି ପରିସ୍ଥିତିରେ ବନ୍ୟା ପ୍ରପିଡିତ ଲୋକଙ୍କ ନିକଟରେ ସରକାରଙ୍କ ସମସ୍ତ ରିଲିଫ୍ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ସମବାୟ, ବୟନ ଓ ଶିଳ୍ପ ମନ୍ତ୍ରୀ ପ୍ରଦୀପବଳ ସାମନ୍ତ ଡଙ୍ଗାରେ ଯାଇ ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚି ସେମାନଙ୍କର ସମସ୍ୟା ବୁଝିଥିଲେ। ଏପରିକି ମନ୍ତ୍ରୀ ଏହି ବନ୍ୟା ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ବଣ୍ଟନ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ଲୋକମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଆଶ୍ୱସନା ଦେଇଥିଲେ। ମନ୍ତ୍ରୀଙ୍କ ସହିତ ବିଜେପି ନେତ୍ରୀ ବବିତା ମଲ୍ଲିକ ଡଙ୍ଗାରେ ଯାଇ ଲୋକମାନଙ୍କ ଦୁର୍ଦ୍ଦଶା ବୁଝିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ଅଂଚଳର ଲୋକ ପ୍ରତିନିଧିମାନେ ସରକାରୀ ରିଲିଫ କାହିଁକି ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ ବୋଲି ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାରେ ମନ୍ତ୍ରୀ ଇତଃସ୍ତତ ହୋଇ ପଳାଇ ଯାଇଥିଲେ।

## ବ୍ରାହ୍ମଣୀ ଓ କେଲୁଅ ନଦୀ ବନ୍ୟାରେ ୧୩ ପଞ୍ଚାୟତ ପ୍ରଭାବିତ

**ଧର୍ମଶାଳା,୩୦।୭ (ସମିସ)**

ବ୍ରାହ୍ମଣୀ ଓ ଏହାର ଶାଖା କେଲୁଅ ନଦୀରେ ବନ୍ୟା ଆସିବା ଫଳରେ ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତ ବନ୍ୟା ଜଳରେ ପ୍ରଭାବିତ ହୋଇଛି। ବିଶେଷ କରି ନଦୀ କୁଳରେ ରହିଥିବା କୋତପୁର, ଦେଓଦା, ଜେନାପୁର, ଅଟିଆ, ଉତ୍ତରପ୍ରତାପ, ଗଙ୍ଗାଧରପୁର ପ୍ରଭୃତି ୧୩ ଗୋଟି ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ୬ ଗୋଟି ପଂଚାୟତ ଅଧିକ ଓ ୭ ଗୋଟି ପଂଚାୟତ ଆଂଶିକ ଭାବେ ପ୍ରଭାବିତ ହୋଇଛି। ତେବେ କୋତପୁର ପଂଚାୟତ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ଜଣାପଡିଛି। ବନ୍ୟା ପ୍ରଭାବିତ ଲୋକମାନେ ଅସୁବିଧାରେ ରହିଥିବା ବେଳେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମକ୍ରମେ ପ୍ରଶାସନ ପକ୍ଷରୁ ସୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି। ବିଭିନ୍ନ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିଥିବା ଖବର ପାଇ ଆଜି ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଦେଓଦା, କୋତପୁର, ଜେନାପୁର ଓ ଅଟିଆ ପଞ୍ଚାୟତର ବନ୍ୟା ପ୍ରଭାବିତ ଗ୍ରାମ ଗୁଡିକୁ ଯାଇ ବନ୍ୟାପୀଡିତମାନଙ୍କ ସହିତ ଆଲୋଚନା କରିବା ସହିତ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସବୁ ପ୍ରକାର ସହୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଗତକାଲି ବ୍ରହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିଲା। ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ଆଜି ଭୋର ସୁଦ୍ଧା ବନ୍ୟାଜଳ ବୃଦ୍ଧି ପାଇ ୬୮.୨୦ ଫୁଟରେ ପହଁଚିଥିଲା। ଫଳରେ ବିଭିନ୍ନ ନଦୀ କୁଳିଆ ଅଂଚଳରେ ବନ୍ୟାଜଳପ୍ରବେଶ



କରି ବହୁ କ୍ଷୟକ୍ଷତି ଘଟିଛି। ଧର୍ମଶାଳା ବ୍ଲକରେ ଏକର ଏକର ଚାଷ ଜମି ଜଳମଗ୍ନ ହୋଇପଡିଥିବା ବେଳେ ଅନେକ ଲୋକଙ୍କ ଘରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ଆଜି ବିଧାୟକ ଶ୍ରୀ ସାହୁଙ୍କ ସହିତ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ, ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ସମିର ଦାସ ପ୍ରମୁଖ ବିଭିନ୍ନ ବନ୍ୟାକ୍ଷତିଗ୍ରସ୍ତ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଜି ବନ୍ୟା ପ୍ରଭାବିତ ଅଂଚଳରେ ଲୋକମାନଙ୍କୁ ସୁଖିଲା ଖାଦ୍ୟ ସହିତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଆସନ୍ତାକାଲି ଏକ ମେଡିକାଲ ଟିମ ବନ୍ୟାପ୍ରଭାବିତ ଅଂଚଳ ପରିଦର୍ଶନ କରି ଔଷଧ ବଂଟନ କରିବାର କାର୍ଯ୍ୟକ୍ରମ ରହିଛି। ଧର୍ମଶାଳା ବ୍ଲକରେ ୭୫୦୦ରୁ ଉର୍ଦ୍ଧ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅନ୍ୟପଟେ ଗୃହ ପାଳିତ ପଶୁମାନଙ୍କ ପାଇଁ ଆଜି କିଛି ପରିମାଣରେ ଗୋଖାଦ୍ୟ ବଂଟନ କରାଯାଇଥିବା ବେଳେ ଅସନ୍ତା କାଲି ଆବଶ୍ୟକ ପରିମାଣର ଗୋଖାଦ୍ୟ ବଂଟନ କରାଯିବ। ଏଥିସହିତ ବନ୍ୟାପାଣି ଛାଡିବା ପରେ କ୍ଷୟକ୍ଷତିର ଆକଳନ କରାଯାଇ ବନ୍ୟାକ୍ଷତିଗ୍ରସ୍ତମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ବିଡିଓ ଶ୍ରୀ କର କହିଛନ୍ତି। ତେବେ ଅଜି ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବନ୍ୟାଜଳ ସନ୍ଧ୍ୟା ୭ଟା ସୁଦ୍ଧା ୬୪. ୮୦ ରହିଥିବା ଜଣାଯାଇଛି। ତେଣେ ରେଙ୍ଗାଲି ଡ୍ୟାମରେ ଆଜି ସକାଳ ୯ଟା ସୁଦ୍ଧା ବନ୍ୟାଜଳ ୧୨୨.୨୪ ରହିଥିବା ବେଳେ ଆଜି ଗୋଟିଏ ଗୋଟିଏ ଗେଟ ଖୋଲାଯାଇଥିବା ଜଣାଯାଇଛି। ତେବେ ରେଙ୍ଗଲି ଡ୍ୟାମର ପାଣି କାଲି ଦିନ ୧୨ଟା ସୁଦ୍ଧା ଜେନାପୁର ଦେଇ ଅତିକ୍ରମ କରିବ। ତେବେ ବ୍ରାହ୍ମଣୀ ଅବବାହିକା ଅଂଚଳରେ ମଧ୍ୟମ ଧରଣର ବନ୍ୟା ହେବାର ଆଶଙ୍କା ରହିଥିବାରୁ ନଦୀ କୁଳିଆ ଲୋକମାନେ ଏଥିପ୍ରତି ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ଖରସ୍ରୋତା ନଦୀ ଯୋଗୁଁ ବ୍ୟାପକ ଅଞ୍ଚଳ ଜଳମଗ୍ନ

**ବିଞ୍ଝାରପୁର,୩୦।୭ (ସମିସ) :** ଲଗାଣ ବର୍ଷା ପ୍ରଭାବରେ ଖରସ୍ରୋତା ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇ ନଦୀ ଫୁଲିବାରେ ଲାଗିଛି। ଏହାର ପ୍ରଭାବରେ ନଦୀକୂଳିଆ ତଳିଆ ଅଞ୍ଚଳଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିଛି। ବାଙ୍ଗରା, ହଳଦିଡିଅ, ଚନ୍ଦମୁଁ ଓ ରଣପୁର ଅଞ୍ଚଳର ବ୍ୟାପକ ଚାଷଜମି ଜଳମଗ୍ନ ହୋଇପଡ଼ିଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଜମିରେ ପାଣି ଜମି ରହିଥିବାରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ଉଠିଛି। ଏହି ପରିସ୍ଥିତିରେ ଜିଲ୍ଲାପାଳ ପ୍ରଭାବିତ ଅଞ୍ଚଳ ଗସ୍ତ କରି ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ ବିଞ୍ଝାରପୁର ବ୍ଲକର ମାଂସଡ଼ା ପଞ୍ଚାୟତର ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଜଳ ଯୋଗୁଁ ଚାଷଜମିରେ ସୃଷ୍ଟି ହୋଇଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଚାଷୀମାନଙ୍କ ସମସ୍ୟା ଶୁଣିବା ସହ ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଏବଂ ବିଜେପି ନେତ୍ରୀ ବବିତା ମଲ୍ଲିକ ବିଭିନ୍ନ ପଞ୍ଚାୟତ ଗସ୍ତ କରି ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହ ସ୍ଥିତିର ସମୀକ୍ଷା କରୁଥିବା ଦେଖିବାକୁ ମିଳିଛି।

## ଖରସ୍ରୋତା ଯୋଗୁଁ ୩ ପଞ୍ଚାୟତ ପ୍ରଭାବିତ

**ପାଣିକୋଇଲି, ୩୦।୭ (ସମିସ)** ବୈତରଣୀରେ ବନ୍ୟାର ପ୍ରକୋପ କମିଥିବା ବେଳେ ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରର ଆଁ ଭିତରେ କୋରାଇ ବ୍ଲକର ତିନି ପଞ୍ଚାୟତ ତଣ୍ଡରା,ବଡ଼ବିରୁହାଁ ଓ ଗୋଲେଇପୁର ପଂଚାୟତ ଗଭୀର ଭାବେ ପ୍ରଭାବିତ ହୋଇଛି। ତଣ୍ଡରା ପଞ୍ଚାୟତର ବରେଇ ଓ ଫିରୋଜାବାଦ ଗ୍ରାମକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ବଡ଼ବିରୁହାଁ ପଞ୍ଚାୟତର ଅନେକ ଗ୍ରାମରେ ପାଣି ପଶିଛି। ସେହିପରି ଗୋଲେଇପୁର ପଞ୍ଚାୟତର ଟିକର, ମକୁନ୍ଦିବିନ୍ଧା(ବଡ଼ତ୍ରିଲୋଚନପୁର) ତେଲିଆ, କେଉଟନଗୁଆଁ, ମିର୍ଜାପୁର, ମସୁଦପୁର ଗ୍ରାମ ପ୍ରବଳ ମାତ୍ରାରେ ପ୍ରଭାବିତ ହୋଇଛି। ଉକ୍ତ ଗ୍ରାମ ଗୁଡ଼ିକ ବନ୍ୟା ପାଣିଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ତଣ୍ଡରା ପଞ୍ଚାୟତରେ ତିନିଟି ଘରର କାନ୍ଥ ଭାଙ୍ଗି ଯାଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ଅସ୍ଥାୟୀ ଭାବେ ପଲିଥିନ ଯୋଗାଇ ଦିଆଯାଇଛି। ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଙ୍ଚାୟତ, ଗୋଲେଇପୁର ପଞ୍ଚାୟତର ସରପଞ୍ଚ ସସ୍ମିତା ମାଝୀ, ତଣ୍ଡରା ସରପଞ୍ଚ ମାମୁନୀ ମହାନ୍ତି, ବଡ଼ବିରୁହାଁ ସରପଞ୍ଚ ତପନ କୁମାର ମାଝୀଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ବନ୍ୟା ପରିଚାଳନାରେ ସହଯୋଗ କରୁଛନ୍ତି। କିଛି ଲୋକ ଜଳଘେରରୁ ବାହାରି ରାସ୍ତା କଡ଼ରେ ଗୃହପାଳିତ ପଶୁଙ୍କୁ ନେଇ ରହୁଛନ୍ତି। ମକୁନ୍ଦବିନ୍ଧା ଓ ଟିକର ପୋଲ ତଳ ଆଶ୍ରୟସ୍ଥଳ ପାଲଟିଛି। ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ମନ୍ଦିର ସବୁ ପାଣିରେ ବୁଡ଼ି ରହିଛି।

## ବ୍ରାହ୍ମଣୀ ନଦୀରେ ବନ୍ୟା; ୪୦ ପରିବାର ପାଣି ଘେରରେ

**ବ୍ରହ୍ମବରଦା,୩୦।୭ (ସମିସ):** ଚଳିତ ବର୍ଷ ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅର୍ନ୍ତଗତ ବନ୍ଧଡିହ ପଞ୍ଚାୟତର କାଣ୍ଡିଆ ସାହି ଠାରେ ଘେରିବନ୍ଧ ବୁଡ଼ି ବନ୍ୟାଜଳ ଗ୍ରାମ ମଧ୍ୟକୁ ପ୍ରବେଶ କରିଛି। ଫଳରେ ୪୦ରୁ ଉର୍ଦ୍ଧ୍ୱ ପରିବାର ପାଣି ଘେରରେ ଫସି ରହିଥିବାବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସରକାରଙ୍କ ତରଫରୁ ବନ୍ୟା ବିପନ୍ନଙ୍କୁ ବନ୍ଧଡିହସ୍ଥିତ ଭଗବତୀପଡ଼ିଆ ଉପ୍ରା ବିଦ୍ୟାଳୟକୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ସେହିପରି ଭାବରେ ଯାଜପୁର ବ୍ଲକ ଅର୍ନ୍ତଗତ ଝାଲପଡ଼ା ପଞ୍ଚାୟତସ୍ଥିତ ନଦୀ କୂଳରେ ବସବାସ କରୁଥିବା ଦଳିତ ସାହି ଠାରେ ୩୫ରୁ ୪୦ଘର ପାଣି ଘେରରେ ରହିଛନ୍ତି। କିଛି ଲୋକ ନିକଟସ୍ଥ ବିଦ୍ୟାଳୟ ଗୃହରେ ଆଉ କିଛି ଲୋକ ନଦୀବନ୍ଧ ଉପରେ ପଡ଼ିରହିଛନ୍ତି। ଠିକ୍ ସେହିପରି ବରୀ ବ୍ଲକ ଅର୍ନ୍ତଗତ କିମ୍ବିରିଆ ପଞ୍ଚାୟତସ୍ଥିତ ବାଙ୍କସାହି ଗ୍ରାମ ଠାରେ ବ୍ରାହ୍ମଣୀ ନଦୀରେ ୫୦ ରୁ ୬୦ଫୁଟ ଘାଇ ହୋଇଥିବା ବେଳେ ପାଖାପାଖି ୪ଗୋଟି ପଞ୍ଚାୟତର ୧୫ ହଜାରରୁ ଅଧିକ ଲୋକେ ପ୍ରଭାବିତ ହୋଇଛନ୍ତି। ଓଡ଼ିଶା ବିଜେପି ମୁଖପାତ୍ର ମନୋଜ ମହାପତ୍ର ଓ ବରୀ ନିର୍ବାଚନ ମଣ୍ଡଳୀର ଯୁବ ନେତା ଉମେଶ ଜେନା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟାବିପନ୍ନ ସମସ୍ୟା ପଚାରି ବୁଝିଥିଲେ।

## ଯାଜପୁର ବନ୍ୟା ପ୍ରଭାବିତଙ୍କୁ ସହାୟତା

**ବ୍ୟାସନଗର,୩୦।୭ (ସମିସ):** ଯାଜପୁର ଜିଲ୍ଲାର ବୈତରଣୀ ଏବଂ ଏହାର ଶାଖା ନଦୀ ବୁଢ଼ା ଏବଂ କାଣୀ ନଦୀରେ ପ୍ରବଳ ବନ୍ୟା ଆସିଛି। ଏହାର ପ୍ରଭାବରେ ଜିଲ୍ଲାର ହଜାର ହଜାର ଲୋକ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ବେଳେ ଏପରି ଦୁଃଖ ସମୟରେ ଜିଲ୍ଲାର ଯୁବ ସମାଜସେବୀ ତଥା ଯାଜପୁରବାସୀଙ୍କ ସୁଖ ଦୁଃଖର ପୁଅ ଇଂ ସୌମ୍ୟରଞ୍ଜନ ଧଳ ଜିଲ୍ଲାର ବିଭିନ୍ନ ବନ୍ୟା ଅଞ୍ଚଳ ପରିଦର୍ଶନ କରିବା ସହିତ ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ, ପାନୀୟ ଜଳ, ଜରି ପାଲ ଆଦି ପ୍ରଦାନ କରିଛନ୍ତି। ଗତ ବୁଧବାର ଦିନ ଇଂ ସୌମ୍ୟରଞ୍ଜନ ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାଳ ଆନନ୍ଦପୁର, ଭୁବନେଶ୍ୱରପୁର, ବେରୁଦା ଆଦି



ପଞ୍ଚାୟତରେ ପହଞ୍ଚି ବନ୍ୟା ପ୍ରଭାବିତଙ୍କୁ ଭେଟି ସେମାନଙ୍କ ଦୁଃଖ ବୁଝିବା ସହିତ ସେମାନଙ୍କୁ ଆର୍ଥିକ ସହାୟତା କରିବା ସହିତ ଶୁଖିଲା ଖାଦ୍ୟ ଚୁଡା, ଗୁଡ଼, ପାନୀୟ ଜଳ ଯୋଗାଇ ଦେବା ସହିତ ଅନେକ ଗରିବ ଲୋକଙ୍କୁ ବର୍ଷାରୁ ରକ୍ଷା ପାଇଁ ଜରି ପାଲ ଯୋଗାଇ ଦେଇଥିଲେ। ତେବେ ଏହି ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସରକାରୀ ସୁବିଧା ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି।

## କେଲୁଅ ନଦୀବନ୍ଧ ପାଶ୍ୱରେ ଗର୍ତ୍ତ, ଲୋକେ ଆତଙ୍କିତ

**ଧର୍ମଶାଳା,୩୦।୭ (ସମିସ):** ଧର୍ମଶାଳା ବ୍ଲକ୍ କାଏମା କୋତପୁର ନଦୀବନ୍ଧ ରାସ୍ତାର ମିର୍ଜାପୁର ଗ୍ରାମ ନିକଟରେ ନଦୀବନ୍ଧ ପାଶ୍ୱର୍ରେ ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ ଏହି ନଦୀବନ୍ଧ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ନଦୀବନ୍ଧର ଦୁଇପାଶ୍ୱର୍ରେ ଥିବା ଗଛସବୁ କଟାଯାଇଥିବା ବେଳେ ମିର୍ଜାପୁର ମାଉଣ୍ଟ ଠାରୁ ମିର୍ଜାପୁର ଯଙ୍କଗଡ଼ାଣି ମଧ୍ୟରେ ଥିବା ଏକ ବୃହତ ବରଗଛକୁ କଟାଯାଇଥିଲା। ବରଗଛ କଟାଯାଇଥିବା ସ୍ଥାନରେ ଏକ ବିରାଟ ଗର୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତଟି ନଦୀବନ୍ଧ ପେଟର ତିନିଫୁଟ ଗଭୀର ପର୍ଯ୍ୟନ୍ତ ଲମ୍ବିଥିବାରୁ ନଦୀବନ୍ଧର ଭିତ୍ତି ଦୁର୍ବଳ ହୋଇଥିବା ପରିଲକ୍ଷିତ ହୋଇଛି। ଗତ ଦୁଇଦିନ ଧରି କେଲୁଅ ନଦୀର ଜଳସ୍ତର ବୃଦ୍ଧିପାଉଥିବା ଯୋଗୁଁ ଗର୍ତ୍ତଥିବା ଜାଗାରେ ଘଳିଆ ପଡ଼ିବାର ଆଶଙ୍କା ପ୍ରକାଶ ପାଇଛି। ନଦୀ ବନ୍ୟାପାଣି ଏବେ ବଗଚରା ଉପରକୁ ଉଠିଥିବାରୁ ନଦୀବନ୍ଧ ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଗର୍ତ୍ତକୁ ବନ୍ଦ କରିବା ପାଇଁ ମାଟି ପଥର ପ୍ୟାକିଂ କରିବା ନିମନ୍ତେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଓ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଆଜି ଧର୍ମଶାଳାର ବିଧାୟକ ବନ୍ୟାଞ୍ଚଳ ପରିଦର୍ଶନ କରିବାକୁ ଯାଇଥିବା ବେଳେ ଏହି ବନ୍ଧର ସ୍ଥିତି ପରଖିଥିଲେ। ପରେ ପ୍ରଶାସନ ପକ୍ଷରୁ ଟ୍ରକ୍ ଯୋଗେ ମାଟି ଅଣାଯାଇ ସେଠାରେଥିବା ଗର୍ତ୍ତକୁ ବନ୍ଦ କରାଯାଇଛି। ଏଥିସହିତ ବନ୍ଧର ଅପର ପାଶ୍ୱର୍ରେ ବଗଚରାରେ ବାଲିବସ୍ତା ପ୍ୟାକିଂ କରାଯାଇଛି। ଏହି ବନ୍ଧକୁ ପଥର ପ୍ୟାକିଂ କରାଯାଇ ଅଧିକ ମଜଭୁତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

### ନାଗରାପିଟା ନାଳ ଓ କୁଣ୍ଡି ନଈରେ ଦଳ ଭର୍ତ୍ତି; ୨ ବର୍ଷ ହେଲା ସଫା ହୋଇନି

# ତହସିଲ୍‌ଦାରଙ୍କୁ ଭେଟିଲେ ଶତାଧିକ ଚାଷୀ

**ତିହିଡ଼ି/ଦୋଲସାହି,୩୦।୭ (ସମିସ):** ତିହିଡ଼ି ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅଧୀନରେ ଥିବା ନାଗରାପିଟା ନାଳରେ ଗୁଡୁପାଳ ସ୍କୁଲଠାରୁ କାଁପଡ଼ା-ଆରଡ଼ି ରାସ୍ତା ପର୍ଯ୍ୟନ୍ତ ଦଳ ଭର୍ତ୍ତି ହୋଇଛି । ଯେଉଁଥିପାଇଁ ପାଣି ତଳକୁ ନିଷ୍କାସନ ହୋଇପାରୁନାହିଁ । ଫଳରେ ଅନ୍ୟୂନ ୨ଟି ରାଜସ୍ୱ ଗ୍ରାମ ଆରସା ଓ ଗୁଡୁପାଳ ରୁଆଧାନ ଓ ତଳି ପାଣିରେ ବୁଡ଼ି ନଷ୍ଟ ହେବାକୁ ଯାଉଛି । ଚାଷୀମାନେ ସେବା ସମବାୟ ସମିତିରୁ ଋଣ ଆଣି ଚାଷ କରିଥିଲେ । ସେ ଋଣ କିପରି ଛାଡ଼ ହେବ ଚାଷୀମାନେ ଅନୁରୋଧ କରିଛନ୍ତି । ଏଥିରେ ଅସନ୍ତୋଷ ପ୍ରକାଶ କରି ଆରସା ଓ ଗୁଡୁପାଳ ଗାଁର ଚାଷୀମାନେ ତିହିଡ଼ି ତହସିଲଦାର ସୁଭାଶିଷ ସାହୁଙ୍କୁ ଦାବିପତ୍ର ଦେଇଥିଲେ । ଏହାର ସରଜମିନ ତଦନ୍ତ କରି ତୁରନ୍ତ ଦଳ ସଫା କରିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି ।

ସେମାନେ ଦର୍ଶାଇଛନ୍ତି ଯେ, ଅତ୍ୟଧିକ ବର୍ଷା ହେଲେ ପଞ୍ଚାୟତର ଗୁଡୁପାଳ ଓ ଆରସା ଗ୍ରାମର ଜମିରେ ଅଧିକ ପାଣି ନାଗରାପିଟା ନାଳ ମଧ୍ୟ ଦେଇ ନଦୀକୁ ନିଷ୍କାସିତ ହୋଇଥାଏ । ଫଳରେ ଚାଷୀମାନେ ଧାନ ଚାଷ କାର୍ଯ୍ୟ ସୁରୁଖୁରୁରେ ଚଳାଇଥା'ନ୍ତି । ତେବେ ଗୁଡୁପାଳ ସ୍କୁଲଠାରୁ କାଁପଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତା ପର୍ଯ୍ୟନ୍ତ ନାଳ ଅନାବନା ଦଳରେ ପରିପୂର୍ଣ୍ଣ ହୋଇଛି । ଯାହାଫଳରେ ପାଣି ନିଷ୍କାସିତ ହୋଇ ନ ପାରି ଜମିକୁ ବୁଡ଼ାଇ ରଖୁଛି । କିଛିଦିନ ହେଲା ବର୍ଷା ଲାଗିରହିଥିବାରୁ ପାଣିରେ ଚାଷ ଜମି ବୁଡ଼ିଯାଇ ରୁଆ ଧାନ ସମେତ ଧାନ ତଳି ପଚିସଢ଼ି ନଷ୍ଟ ହୋଇଗଲାଣି । ଅତ୍ୟଧିକ ପାଣି ଯୋଗୁଁ ଜମିରେ ଚାଷକରିବା ସମ୍ଭବ ହେଉ ନ ଥିବା ମୁକୁନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ରାଉତ, କମଳାକାନ୍ତ ନାୟକ, ମାନକେତନ ନାଥ, ସର୍ବେଶ୍ୱର ପରିଡ଼ା, ଚିରଞ୍ଜୀବ ମହଲା, ଦିଗମ୍ବର ରାଉଳ, ନୀଳାମ୍ବର ସେଠୀ, ବିଜୟ ତ୍ରିପାଠୀ, ଗଙ୍ଗାଧର ପାତ୍ର, ବୃନ୍ଦାବନ ରାଉତ ପ୍ରମୁଖ ଶତାଧିକ ଚାଷୀ ଦାବି ଜଣାଇଛନ୍ତି ।



ସେହିପରି ତିହିଡ଼ି ବ୍ଲକ୍ ଦୋଲସାହି ପଞ୍ଚାୟତ ଅଧୀନରେ ଥିବା କୁଣ୍ଡି ନଈରେ ଦଳ ଭର୍ତ୍ତି ହୋଇଛି । ଯେଉଁଥିପାଇଁ ପାଣି ତଳକୁ ନିଷ୍କାସନ ନ ହୋଇ ଦୋଲସାହି ପଞ୍ଚାୟତର ରାଢ଼ଙ୍ଗ, ଗାଜିପୁରର ୭ଟି ୱାର୍ଡର ୨୦୦ ହେକ୍ଟର ଜମି କୃତ୍ରିମ ବନ୍ୟାରେ ଆଜକୁ ୮ଦିନ ହେଲା ବୁଡ଼ି ରହିଛି । ଯାହାଦ୍ୱାରା କି ଜମିର ରୁଆ ଓ ତଳି ଧାନ ନଷ୍ଟ ହେବାକୁ ବସିଲାଣି । ଏଥିରେ ଅସନ୍ତୋଷ ପ୍ରକାଶ କରି ରାଢ଼ଙ୍ଗ ଓ ଗାଜିପୁର ଚାଷୀମାନେତ ହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି । ଦୋଲସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ମିନତୀଲତା ଦାସ, ପୂର୍ବତନ ସମିତିସଭ୍ୟ ଅମର ଚନ୍ଦ୍ର ସେନାପତି, ଚିତ୍ତରଞ୍ଜନ ଦୀକ୍ଷିତ, ଶିବପ୍ରସାଦ ଦୀକ୍ଷିତ, ଗଣେଶ ଖିମରାଇ, ରତ୍ନାକର ନାୟକ, ମହେଶ୍ୱର ପାଣି, ଅକ୍ଷୟ ନାୟକ, ରବୀନ୍ଦ୍ର ପାଣିଗ୍ରାହୀ, ସୁଶାନ୍ତ ପାଣିଗ୍ରାହୀ, ଅକ୍ଷୟ ମହାନ୍ତି, ସଞ୍ଜୟ ନାୟକ, ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଶତାଧିକ ଚାଷୀ ତହସିଲଦାରଙ୍କୁ ଦାବି ଜଣାଇଛନ୍ତି ।

## କେନାଲ ରାସ୍ତାରେ ଫସିଲା ମେଡିକାଲ ଗାଡ଼ି

**ବାରିକପୁର,୩୦।୭ (ସମିସ):** ଜରାଜୀର୍ଣ୍ଣ କେନାଲ ରାସ୍ତା ପାଇଁ ବନ୍ୟା ସମୟରେ ଜରୁରୀକାଳୀନ ସେବା ପାଇଁ ଯାଉଥିବା ମେଡିକାଲ ଗାଡ଼ି ଫସିଗଲା । ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ୩ନଂ ହାଇଲେବୁଲ କେନାଲ ରାସ୍ତାର ପରମାନନ୍ଦପୁର ନିକଟରେ ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ୨ଟି ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ କେନାଲରୁ ଚାଷ ଜମିକୁ ହୋମ୍‌ପାଇପ୍ ପକାଯାଉଛି ।



ବିଭାଗ ଅସମୟରେ ଉକ୍ତ କାର୍ଯ୍ୟ କରୁଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ଫଳରେ ଲୋକମାନେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଠିକାଦାର ଉକ୍ତ ସ୍ଥାନରେ କେବଳ ମାଟି ପକାଇ କାର୍ଯ୍ୟ ସାରିଦେଇଥିବାରୁ ଲଗାତାର ବର୍ଷା ଫଳରେ ଉକ୍ତ ସ୍ଥାନଟି କାଦୁଅ ପଚପଚ ହୋଇଯାଇଛି । ବୁଧବାର ଏହି ରାସ୍ତାରେ ବନ୍ୟା ଅଞ୍ଚଳକୁ ଯାଉଥିବା ମେଡିକାଲ ଟିମ୍‌ର ଗାଡ଼ି ଦୀର୍ଘ ସମୟ ଧରି ଏଠାରେ ଫସି ରହିଥିଲା । ଉକ୍ତ ସ୍ଥାନରେ ତୁରନ୍ତ ଡଷ୍ଟ ପକାଇ ଯାତାୟାତ ଉପଯୋଗୀ କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ନେବାକୁ ଠିକାଦାରଙ୍କୁ ଏନେଇ ସେ ଅବଗତ କରିଥିବା କହିଥିବାବେଳେ ଏଯାଏଁ କୌଣସି ମରାମତି କାର୍ଯ୍ୟ ହୋଇପାରିନାହିଁ । ଅଞ୍ଚଳ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୨ଶହ ମିଟର ଦୂରରେ ଏହି ସ୍ଥାନଟି ରହିଥିବାବେଳେ ଏହା ଉପରେ କେହି ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି ।

## ବନ୍ୟାଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ



**ଭଦ୍ରକ,୩୦।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ଅବପାତ ଜନିତ ପ୍ରବଳ ବର୍ଷା ପାଇଁ ଭଦ୍ରକ ସହର ମଧ୍ୟ ଦେଇ ପ୍ରବାହିତ ସାଳନ୍ଦୀ ଓ ଏହାର ଶାଖା ନାଳିଆ ନଦୀରେ ପ୍ରବଳ ବନ୍ୟା ଆସିଛି । ୧୯୯୯ ମହାବାତ୍ୟା ପରେ ଏହି ବନ୍ୟା ସବୁଠାରୁ ବଡ଼ ବୋଲି କୁହାଯାଉଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ବନ୍ୟାଞ୍ଚଳ ବୁଲି ବନ୍ୟା କ୍ଷତିଗ୍ରସ୍ତଙ୍କୁ ଭେଟିଛନ୍ତି । ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଏହି ଦଳ ଭଦ୍ରକ ବିଧାନସଭା ଅଧୀନ ବିଷ୍ଣୁପୁର ବିନ୍ଧା, ଅନ୍ନପାଳ, ମୁକୁନ୍ଦପୁର, ରାଜୁଆଳିବିନ୍ଧା, ଦୋଳପଦୀ, ସୁଶୁଆ, ରାଜମୁକୁନ୍ଦପୁର ପ୍ରଭୃତି ଅଞ୍ଚଳ ବୁଲି ବନ୍ୟା ପୀଡ଼ିତଙ୍କୁ ଭେଟିଥିଲେ । ପୀଡ଼ିତଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ୩ ଦିନ ହେବ ପାଣିଘେରରେ ଅଛନ୍ତି । ପ୍ରଶାସନ କିମ୍ବା ନିର୍ବାଚିତ ଜନ ପ୍ରତିନିଧିଙ୍କ ଦେଖାଦର୍ଶନ ନାହିଁ । ବନ୍ୟା ପ୍ରଭାବରେ ବହୁ ଘର ଭାଙ୍ଗିଥିବାବେଳେ, ସେମାନଙ୍କୁ ପଲିଥିନ୍ ଖଣ୍ଡେ ମିଳିନି । ରିଲିଫ୍, ରନ୍ଧା ଖାଦ୍ୟ ମଧ୍ୟ ମିଳି ନ ଥିବା ବନ୍ୟା ଦୁର୍ଗତମାନେ ଅଭିଯୋଗ କରିଛନ୍ତି । ଦୀର୍ଘ ବର୍ଷର ଦାବି ପରେ ମଧ୍ୟ ବିଷ୍ଣୁପୁର ବିନ୍ଧା ଅଞ୍ଚଳରେ ଏକ ଆଡ଼ିବନ୍ଧ ନିର୍ମାଣ ହେଉ ନ ଥିବାରୁ ଏ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ବନ୍ୟା ପୀଡ଼ିତଙ୍କୁ ରିଲିଫ୍, ଅତି କମ୍‌ରେ ୭ ଦିନର ରନ୍ଧା ଖାଦ୍ୟ, ମହମବତି, ଗୋ-ଖାଦ୍ୟ ସହିତ ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନ୍ ଯୁଦ୍ଧକାଳୀନ ଭିତିରେ ଦେବା ଓ ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସେ ଦାବି କରିଛନ୍ତି । ଉକ୍ତ ପ୍ରତିନିଧିମଣ୍ଡଳୀରେ ବରିଷ୍ଠ ନେତୃତ୍ୱ ପୀତବାସ ଧଳ, ରାଜେନ୍ଦ୍ର ପ୍ରସାଦ ଯେନା, ବିଜୟ ବାରିକ, ସେକ୍ ସବିର ଖାନ୍, ସୌଭାଗ୍ୟରଞ୍ଜନ ରାଉତ, ଚିନ୍ମୟ ସାହୁ, ଅଶୋକ ଦାସ, ରାଜେନ୍ଦ୍ର ପରିଡ଼ା, ସେକ୍ ସଫିରୁଦ୍ଦିନ ପ୍ରମୁଖ ସାମିଲ୍ ଥିଲେ ।

## ଜଳିଗଲା ଟିଭିଏସ୍ ଶୋ'ରୁମ୍

**ସିଂହପୁର,୩୦।୭ (ସମିସ):** ବିଞ୍ଝାରପୁର ଥାନା ସିଂହପୁର ଦେବୀଭବନ ଛକ ନିକଟରେ ଥିବା ନରେନ୍ଦ୍ର ଟିଭିଏସ୍ ବାଇକ ସୋ'ରୁମରେ ଆଜି ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି । ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି । ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଏହି ସୋ'ରୁମରେ ଅଗ୍ନିକାଣ୍ଡ ଘଟିଥିଲା । କେହି କିଛି ବୁଝିବା ଆଗରୁ ଚାହୁଁଚାହୁଁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ଯାଇଥିଲା । କର୍ମଚାରୀ ଓ ନିକଟରେ ଥିବା ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ । କିଛିମାତ୍ରାରେ ନିଆଁ ଆୟତ ହୋଇଥିଲେ ମଧ୍ୟ ଖବର ପାଇ ବିଞ୍ଝାରପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ । କେତେକ ଗାଡ଼ି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା ।

## ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ବିଞ୍ଝାରପୁର,୩୦।୭ (ସମିସ):** ବିଞ୍ଝାରପୁର ମାଟିରୁ ଆଜକୁ ୧୧ ଦିନ ତଳେ ସବୁଦିନ ପାଇଁ ବିଦାୟ ନେଇଥିବା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରାମକୃଷ୍ଣ ଦାସଙ୍କ ସ୍ମୃତିରେ ତାଙ୍କ ମାଁସଡ଼ାସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସ୍ୱର୍ଗତ ରାମକୃଷ୍ଣଙ୍କ ପରିବାର ବର୍ଗ ସହ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ



ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ସହ କଂଗ୍ରେସ ନେତା ଶିଶିର କୁମାର ନାୟକ, ସରୋଜ ସାହୁ, ବିଜେପି ନେତା ନଟବର ବେହୁରିଆ, ଯୁବ ବିଜେଡି ନେତା ଦିଲ୍ଲୀପ କୁମାର ରାଉଳ, ସମାଜସେବୀ କୈଳାସ ସେଠୀ, ରବୀନ୍ଦ୍ର ପରିଡ଼ା, ହେମେନ୍ଦ୍ର ସାମଲ, ସରପଞ୍ଚ କାମଦେବ ଧଳ, ଉଦ୍ୟୋଗପତି ହରି ଜେନାଙ୍କ ସମେତ ବିଞ୍ଝାରପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଧର୍ମଶାଳା,୩୦।୭ (ସମିସ):** ଧର୍ମଶାଳା ବ୍ଲକ୍ ଆରୁହା ପଞ୍ଚାୟତ ଉତୀମରା ଗ୍ରାମରେ ଗତକାଲି ଅପରାହ୍ଣରେ ଏକ ଜଙ୍ଗଲି ଭାଲୁ ଆକ୍ରମଣରେ ବାଡ଼ିରେ କାମ କରୁଥିବା ଜଣେ



ବ୍ୟକ୍ତି ଗୁରୁତର ଆହତ ହୋଇଛି । ସୂଚନା ମୁତାବକ ଆରୁହା ପଞ୍ଚାୟତ ଉତୀମରା ଗ୍ରାମର ସନାତନ ଦେଉରୀ (୪୫) ନିଜ ବାଡ଼ିରେ ଗତକାଲି ଅପରାହ୍ଣରେ କାମ କରୁଥିବାବେଳେ ଏକ ଜଙ୍ଗଲୀ ଭାଲୁ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କୁ ଆକ୍ରମଣ କରିଥିଲା । ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ସନାତନକୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଇଛନ୍ତି । ତେବେ ଭାଲୁଟି ନିକଟସ୍ଥ ବରୁଣୀଆ ଜଙ୍ଗଲରୁ ପଳାଇ ଆସିଥିବା ଅନୁମାନ କରାଯାଉଛି । ଏ ନେଇ ଗ୍ରାମବାସୀ ଜଙ୍ଗଲ ବିଭାଗକୁ ଜଣାଇଥିବାରୁ ବେଳେ ଜଙ୍ଗଲ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ଭାଲୁକୁ ଘଉଡ଼ାଇ ଥିଲେ । ତେବେ ଭାଲୁ ଯୋଗୁଁ ଗ୍ରାମବାସୀ ଭୟଭୀତ ହୋଇରହିଛନ୍ତି । ଯଥାଶୀଘ୍ର ଭାଲୁକୁ ତଡ଼ିବା ଲାଗି ଲୋକେ ଦାବି କରିଛନ୍ତି ।

## ସାମ୍ବାଦିକଙ୍କ ପିତୃ ବିୟୋଗ



**ଯାଜପୁର,୩୦।୭ (ସମିସ):** ଯାଜପୁର ସହରର ବରିଷ୍ଠ ସମାଜସେବୀ ତଥା ବ୍ୟବସାୟୀ ଗିରିଶ ଚନ୍ଦ୍ର ମହାନ୍ତି (୭୫)ଙ୍କର ଗତ ବୁଧବାର ସନ୍ଧ୍ୟା ସମୟରେ ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି । ତାଙ୍କ ବଡ଼ପୁଅ 'ନନ୍ଦିଘୋଷ' ଟିଭିର ବ୍ୟୁରୋ ଚିଫ୍ ତପନ କୁମାର ମହାନ୍ତି (ଦିପୁନା) ତାଙ୍କ ମୃତ୍ୟୁ ସମୟରେ ଶଯ୍ୟା ନିକଟରେ ଉପସ୍ଥିତ ଥିବା ବେଳେ ତାଙ୍କର ସାନପୁଅ, ପୁତୁରା, ଝିଅ, ଜ୍ୱାଇଁ, ବୋହୂ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ମୃତ୍ୟୁଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଓ ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁଖବର ପାଇ ଯାଜପୁରର ପୂର୍ବତନ ନଗରପାଳ ଭବପ୍ରସାଦ ଦାସ, ଉପନଗରପାଳ ସନ୍ତୋଷ ମଲ୍ଲିକ, କାଉନସିଲର ସୁରେନ୍ଦ୍ର କୁମାର ରଣା, ଯୁବସମାଜସେବୀ ଅମୃତାଙ୍କ ଦାସ, ବିଜୟ ପାଢ଼ୀ, ଶଶାଙ୍କ କୁମାର ସିଂ, ଯାଜପୁର ପ୍ରେସକ୍ଲବର ସଭାପତି ରାଜୀବ କୁମାର ମହାନ୍ତି, ବରିଷ୍ଠ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ, ଅରୁଣ କୁମାର ରାଉତରାୟ, ଆଦିତ୍ୟ କୁମାର ମେକାପ, କୈଳାସ ଚନ୍ଦ୍ର ନାୟକ, ସମରଜିତ ମହାନ୍ତି, ସନ୍ଦିପ୍ତ କୁମାର ରାୟ, ମହେଶ୍ୱର ସାହୁ, ଦିଲ୍ଲିପ କୁମାର ଦାସ, ମନୋଜ କୁମାର ରଣା, ସୁରେନ୍ଦ୍ର କୁମାର ସାମଲ, ସଞ୍ଜିବ କୁମାର ନାୟକ, ପରମେଶ୍ୱର ବେହୁରିଆ, ବିଭୁଦତ ପୃଷ୍ଟି, ଦେବୀପ୍ରସାଦ ପାଣି, କ୍ରିଷ୍ଣା ନାୟକ, ସେକ୍ ମନିରୁଦ୍ଦିନ୍, ଦେବାଶିଷ ସାହୁ, ପ୍ରଭାତ କୁମାର ତ୍ରିପାଠୀ, ତପନ ମହାରଣ୍ୟା ଶର୍ମା, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅଜୟ କୁମାର ରାଉଳ, ତରୁଣ କୁମାର ନନ୍ଦ, ବିରଜା ପ୍ରସାଦ ପାଣି, ଓମ୍‌କାର ଦାସ, ଚନ୍ଦନ କୁମାର ଦୀକ୍ଷିତ, ପିତବାସ ମହାନ୍ତି, ମହେନ୍ଦ୍ର ମହାନ୍ତି, ଶିବଶକ୍ତି ମହାବାହୁ ପ୍ରମୁଖ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଯାଜପୁର ମହାଶ୍ମଶାନ ବାରୁଣୀ ପଡ଼ିଆ ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସାନପୁଅ ରଞ୍ଜନ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ ।

## ଭିଜିଲାନ୍ସ ଦ୍ୱାରା ଗିରଫ ଏଏସ୍‌ଆଇ ଦୋଷୀ ସାବ୍ୟସ୍ତ, ୪ ବର୍ଷ କାରାଦଣ୍ଡ

**ଯାଜପୁର,୩୦।୭ (ସମିସ):** ଯାଜପୁର ଜିଲ୍ଲା ଜେନାପୁର ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବା ଅମିୟ କୁମାର ବେହେରା ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ସେ ବର୍ତ୍ତମାନ କଟକ ଜିଲ୍ଲା ଆଠଗଡ଼ ଥାନାରେ କାର୍ଯ୍ୟରତ ଥିଲେ । ଆଜି ଅର୍ଥାତ୍ ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ), କଟକ ଅମିୟ କୁମାର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷର ସଶ୍ରମ କାରାଦଣ୍ଡ ଓ ଜରିମାନା ଆଦେଶ ଶୁଣାଇଛନ୍ତି । ତାଙ୍କ ବିରୋଧରେ ଏକ ମିସଲେନିୟସ ଅଭିଯୋଗକୁ ରଫାଦଫା କରିବା ପାଇଁ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ଦାବି କରିବା ଓ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଦୁର୍ନୀତି ନିବାରଣ ଆଇନ ୧୯୮୮ ର ଧାରା ୧୩(୨ ଅଧୀନରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା । ଦଣ୍ଡାଦେଶ ପରେ ଦୋଷୀ ଅମିୟ କୁମାର ବେହେରାଙ୍କୁ ସଜା କାଟିବା ପାଇଁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଦୋଷୀ ସାବ୍ୟସ୍ତ ହେବା ପରେ ଅମିୟ କୁମାର ବେହେରାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବ ।

### ଦଶରଥପୁରରେ ବନ୍ୟା ଦାଉ

# ୧୯ ପଞ୍ଚାୟତର ୫୬ଗାଁ ପ୍ରଭାବିତ

**ଦଶରଥପୁର,୩୦।୭ (ସମିସ):** ବୈତରଣୀ ଓ ଶାଖା କାଣୀ ନଦୀରେ ବନ୍ୟା ଆସିବା ସହିତ ଜୟନ୍ତରା ଠାରେ ଘେରିବନ୍ଧ ଭାଙ୍ଗିବା ଓ କାଣୀ ନଦୀ ପଟଣାସାହି ଠାରେ ୨ଟି ଘାଇ ହେବା ଯୋଗୁଁ ୩ ଦିନ ହେବ ଦଶରଥପୁର ବ୍ଲକ୍‌ର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବ୍ଲକର ୧୯ଟି ପଞ୍ଚାୟତରେ ଥିବା ୫୬ଟି ଗାଁର ୮୬ହଜାରରୁ ଉର୍ଦ୍ଧ ଲୋକ ପ୍ରଭାବିତ ହୋଇଛନ୍ତି । ଏବେ ବ୍ଲକର କଟିକଟା, ଜୟନ୍ତରା, ଦଶରଥପୁର, ମଲ୍ଲିକାପୁର, ତରପଦା, ଛଣିଣା, କନିକାପଡ଼ା, ନିଜାମପୁର, ଦୁଦୁରାଅନ୍ତା, ଶୁଶୁଆ, ଖାନନଗର, କମାରଡିହି, କଁୟା, ବିରିପଟା, ଜାଫରପୁର, ପାଲଟପୁର, ଦଉପୁର, ମଙ୍ଗଳପୁର, କସପା ଓ ଆଲୁକୁଡିକୁ ମିଶାଇ ୧୯ ପଞ୍ଚାୟତର ୫୬ଟି ଗାଁ ବୈତରଣୀ ଓ ଶାଖା କାଣୀ ନଦୀ ବନ୍ୟା ଘେରରେ ରହିଛି । ପାଖାପାଖି ୩୦ ହଜାର ଗୃହପାଳିତ ପଶୁ ଓ ବୁଲା ଗାଇଗୋରୁ ଜଳବନ୍ଦୀ ହୋଇଛନ୍ତି । କାଣୀ ନଦୀର ଡୋଭାବିଲ ଗ୍ରାମ ପଟଣାସାହି ଠାରେ ସୃଷ୍ଟି ୨ଟି ଘାଇର ଆକାର ପୂର୍ବ ଅପେକ୍ଷା ଆହୁରି ଅଧିକ ହେଲାଣି । ତରପଦା ପଞ୍ଚାୟତର ଗଣ୍ଡକୁଳ ଓ ତରପଦା ବାହ୍ୟ

### ୮୬ହଜାରରୁ ଅଧିକ ଲୋକ ପାଣି ଘେରରେ

ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । କିଏ ନିଜ ଛାତ ଉପରେ ତ ଆଉ କିଏ ପଡୋଶୀଙ୍କ ଛାତ ଉପରେ ଆଶ୍ରୟ ନେଇଥିବା ଦେଖାଯାଇଛି । ଡୋଭାବିଲ ଓ ଗଣ୍ଡକୁଳ ଅଞ୍ଚଳର ଲୋକେ ବୈତରଣୀ ନଦୀ ବନ୍ଧ ରାସ୍ତା କଡ଼ରେ ପାଲ ଟାଙ୍ଗି କାଳାତିପାତ କରୁଛନ୍ତି । ଉପରେ ପାଲ ଢଙ୍କା ହୋଇଥିଲେ ମଧ୍ୟ ଆଗ ପଛ ମେଲାଥିବାରୁ ବନ୍ୟା ବିପନ୍ନଙ୍କୁ ବିଷଧର ସରୀସୃପଙ୍କ ଭୟରେ ଘାରି ହେଉଛନ୍ତି । ବ୍ଲକ୍ ଜରୁରିକାଳୀନ ବିଭାଗର ସୂଚନା ଅନୁସାରେ ଗୁରୁବାର ସୁଦ୍ଧା ପ୍ରଶାସନ ତରଫରୁ ୨୯ହଜାର ୮୮୮ଜଣ ବନ୍ୟା ବିପନ୍ନଙ୍କୁ ପାଣି ଘେରରୁ ଉଦ୍ଧାର କରାଯାଇଥିବା ବେଳେ ସମସ୍ତ ବନ୍ୟା ବିପନ୍ନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ସେହିପରି ବନ୍ୟା ଘେରରେ ଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ ୩ହଜାର କୁଇଣ୍ଟାଲ ଗୋ-ଖାଦ୍ୟ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି ।ସରକାରୀ ସ୍ତରରେ ବନ୍ୟା ବିପନ୍ନଙ୍କୁ ରିଲିଫ ପ୍ରଦାନ କରାଯଉଥିବା ବେଳେ ବେସରକାରୀ ସ୍ତରରେ ମଧ୍ୟ ବନ୍ୟା ବିପନ୍ନଙ୍କୁ ଚୂଡ଼ା, ମୁଢ଼ି, ବିସ୍କୁଟ୍ ଓ ପାଣି ବୋତଲ ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳିଛି ।

## ବନ୍ୟା ସମୟରେ ମୋବାଇଲ୍ ନେଟ୍‌ୱର୍କ ଫେଲ୍; ଯୋଗାଯୋଗ ବ୍ୟାହତ

**ବରୁଆଁ,୩୦।୭ (ସମିସ):** ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଓ ସିମ୍ ବ୍ୟବହାର କରୁଥିବା ଉପଭୋକ୍ତା ମାନେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜକୁ ୩ ଦିନ ହେଲା ଯାଜପୁର ସଦର ଅଞ୍ଚଳରେ ଏହାର ନେଟ୍‌ୱର୍କ୍ ନଥିବାରୁ ଫୋନ୍ ଯୋଗେ ଯୋଗାଯୋଗ ନହେବାରୁ ଜରୁରି ଖବର ଆଦାନ ପ୍ରଦାନର ଘୋର ବ୍ୟାଘାତ ଘଟୁଛି । ବିପର୍ଯ୍ୟୟ ସମୟରେ ଜିଓ କମ୍ପାନୀର ଏଭଳି ଖାମଖିଆଲ ମନୋଭାବକୁ ଉପଭୋକ୍ତାମାନେ ଦୃଢ଼ ନିନ୍ଦା କରିଛନ୍ତି । ତୁରନ୍ତ ଉପଭୋକ୍ତା ମାନଙ୍କୁ ସେବା ଯୋଗାଇବାକୁ ଦାବି ହେଉଛି ।

## 'ଆକାଶ ଦେଶେ ଜହ୍ନଟି ହସେ' ଉନ୍ମୋଚିତ

**ଯାଜପୁର,୩୦।୭ (ସମିସ) :** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପବିତ୍ର ନାଭିଗୟା ପୀଠରେ ୟୁକୋ ବ୍ୟାଙ୍କର ସେବା ନିବୃତ ଅଧିକାରୀ ରଘୁନାଥ ତ୍ରିପାଠୀଙ୍କ ପ୍ରଥମ ଶିଶୁ ପତ୍ରିକା 'ଆକାଶ ଦେଶେ ଜହ୍ନଟି ହସେ' ଉନ୍ମୋଚିତ ହୋଇଛି । ସେବାନିବୃତ ହେବା ପରେ ଶ୍ରୀ ତ୍ରିପାଠୀ ଜଣେ କବି ଭାବେ ସର୍ବାଦୃତ ହୋଇଛନ୍ତି । କରୋନାର କରାଳ ସମୟରେ ନିଜର ପ୍ରଥମ ପୁସ୍ତକ ଡାଏରୀର ପୃଷ୍ଠାରୁ ନାମକ ଏକ ପୁସ୍ତକ ଉନ୍ମୋଚନ ପରେ ଶାଶ୍ୱତ ସ୍ୱର ଏବଂ ଲିପିପତ୍ର ନାମରେ ଅନ୍ୟ ଦୁଇ ଗୋଟି ପୁସ୍ତକ ରଚନା କରିଥିଲେ । ତେବେ 'ଆକାଶ ଦେଶେ ଜହ୍ନଟି ହସେ' ପତ୍ରିକାଟି କେବଳ ଶିଶୁ ଏବଂ କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଥିବା କବିତାଗୁଡ଼ିକ ଶିଶୁମାନଙ୍କ ମାନସିକତାକୁ ନେଇ ରଚନା କରାଯାଇଥିବା ପୁସ୍ତକର ପ୍ରକାଶିକା ତଥା ଶ୍ରୀ ତ୍ରିପାଠୀଙ୍କ ପତ୍ନୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷିକା ବିଦୁଲତା ପଣ୍ଡା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଶ୍ରୀ ତ୍ରିପାଠୀ ଯାଜପୁରର ଦଶରଥପୁର ବ୍ଲକ ଦୁଦୁରାଅଣ୍ଟା ପଞ୍ଚାୟତ ପରମାନନ୍ଦପୁର ଶାସନ ଗ୍ରାମରେ ଜନ୍ମଲାଭ କରିବା ପରେ ସ୍ଥାନୀୟ ଏନ୍‌ସି କଲେଜରେ ଶିକ୍ଷାଲାଭ କରି ଏବେ କଟକରେ ସ୍ଥାୟୀଭାବେ ଅବସ୍ଥାପିତ ହୋଇଥିଲେ ମଧ୍ୟ ଜନ୍ମଭୂମି ଯାଜପୁର ପ୍ରତି ତାଙ୍କ ଭଲପାଇବା ଏବେ ମଧ୍ୟ ଅତୁଟ ରହିଥିବା ଆଜି ପୁସ୍ତକ ଉନ୍ମୋଚନ ପରେ ତାଙ୍କ ଦୃଷ୍ଟଭଙ୍ଗୀ ସୂଚାଇଛି । ତେବେ ଏହି ପୁସ୍ତକଟି କିଛି ମାତ୍ରାରେ ପାଠକମାନଙ୍କ



ଆଦୃତ ଲାଭ କଲେ ତାଙ୍କର ଶ୍ରମ ସାର୍ଥକ ହେବା ସହିତ ତାଙ୍କୁ ସାହିତ୍ୟ ସାଧନା କ୍ଷେତ୍ରରେ ଆଗକୁ ଅଗ୍ରସର ହେବାକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ତ୍ରିପାଠୀ ଜଣାଇଛନ୍ତି । ଆଜିର ଏହି ପୁସ୍ତକ ଉନ୍ମୋଚନ ଅବସରରେ ଶ୍ରୀ ତ୍ରିପାଠୀ, ତାଙ୍କ ଧର୍ମପତ୍ନୀ, ମଧ୍ୟମ ଭାଇ ତଥା ଅବସରପ୍ରାପ୍ତ ଶିକ୍ଷକ ଯଦୁନାଥ ତ୍ରିପାଠୀ, ମଞ୍ଜୁବାଳା ପଣ୍ଡା, ସୋମନାଥ ତ୍ରିପାଠୀ, ଶୈଳବାଳା ତ୍ରିପାଠୀ, ଭଉଣୀ ପଦ୍ମାବତୀ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ● ଦବିଲା ମୁଢ଼ାପଦା ଗେଙ୍ଗୁଟି ସେତୁ

## କ୍ଷେତ୍ର ପରିଦର୍ଶନ କଲେ ବିଧାୟକ ଓ ବିଭାଗୀୟ ଯନ୍ତ୍ରୀ

**ବାରିକପୁର,୩୦।୭ (ସମିସ):** ଚଳିତ ବୈତରଣୀ ବନ୍ୟା ଭଣ୍ଡାରିପୋଖରୀ ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି କରିଛି । ବିଶେଷ କରି ଚାଷ ଜମି ଓ ଗମନାଗମନ ପଥ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । କେତେକ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ରାସ୍ତା ପାର୍ଶ୍ୱରୁ ମାଟି ଧୋଇଯାଇଥିବା ବେଳେ ଅନେକ ଗ୍ରାମ୍ୟ ରାସ୍ତା ନଷ୍ଟ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବୈତରଣୀ ବନ୍ୟାର ପ୍ରଖର ସୁଅରେ ଗେଙ୍ଗୁଟି ନଦୀ ଉପରେ ଥିବା ମୁଢ଼ାପଦା ସେତୁଟି ସମ୍ପୂର୍ଣ୍ଣ ଦବିଯାଇଛି ।



ପ୍ରାୟ ୧୫ ମିଟର ବିଶିଷ୍ଟ ଉକ୍ତ ପୋଲଟି ମୁଢ଼ାପଦା ଓ ବରାହ ନୂଆପଡ଼ାକୁ ସଂଯୋଗ ହୋଇଥିଲା । ବୁଧବାର ଏହା ଦବି ଯାଇଥିବାବେଳେ ୨ଟି ଗାଁର ଲୋକ ଯାତାୟାତ ପାଇଁ ଘୋର୍ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେହିଭଳି ପୂର୍ବ ବର୍ଷ ତିଖିଲିଆ ପୋଲଟି ବନ୍ୟା ପାଣିରେ ନଷ୍ଟ ହୋଇଥିବାବେଳେ ତାହା ଏଯାଏଁ ନିର୍ମାଣ ହୋଇପାରିନାହିଁ । ତେଣୁ ଉଭୟ ସେତୁକୁ ଗୁରୁବାର ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପରିଦର୍ଶନ କରିଥିଲେ । ୨ଟି ସେତୁ ପାଇଁ ଲୋକମାନେ କେଉଁଭଳି ହଇରାଣ ହେଉଛନ୍ତି ସେନେଇ ବିଧାୟକ ସେଠାରେ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଉପ ମୁଖ୍ୟଯନ୍ତ୍ରୀ ଦୁର୍ଯ୍ୟୋଧନ ପାତ୍ରଙ୍କୁ ସୂଚନା ଦେଇଛନ୍ତି । ବିଭାଗୀୟ ଉଦାସିନତା ଯୋଗୁଁ ବର୍ଷେ ହେବ ତିଖିଲିଆ ସେତୁ ନିର୍ମାଣ ହୋଇ ନ ଥିବା ବିଧାୟକ କହିଛନ୍ତି । ତେଣୁ ଉଭୟ ସ୍ଥାନରେ ନୂତନ ସେତୁ ନିର୍ମାଣ ପାଇଁ ଶ୍ରୀ ମଲ୍ଲିକ ଦୃଢ଼ ଦାବି କରିଛନ୍ତି । ପରିଦର୍ଶନ ବେଳେ ଜେଇ ମୃତ୍ୟୁଞ୍ଜୟ ମହାପାତ୍ର, ରଞ୍ଜନ ସିଂ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳକେଶରୀ ମହାନ୍ତି, ସରପଞ୍ଚ ପରମାନନ୍ଦ ନାୟକ, ସୁରଥ ଦାସଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

### ସ୍ୱଚ୍ଛ ଭାରତ ବାଟବଣା

# କୃଷି କାର୍ଯ୍ୟାଳୟ ପରିସର ଜଙ୍ଗଲ

**ବନ୍ତ/ଆଗରପଡ଼ା,୩୦।୭ (ସମିସ):** ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁଁ ଆଗରପଡ଼ାଠାରେ ଥିବା ସରକାରୀ କୃଷି କାର୍ଯ୍ୟାଳୟ ବର୍ତ୍ତମାନ ସଂରକ୍ଷିତ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି । ସ୍ୱଚ୍ଛତାକୁ କେତେ ଗୁରୁତ୍ୱ ଦିଆଯାଇଛି ତାହା ଉକ୍ତ କାର୍ଯ୍ୟାଳୟର ପରିସରକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି । ଏହି ସରକାରୀ କାର୍ଯ୍ୟାଳୟକୁ ପ୍ରତିଦିନ ଲୋକମାନେ ଯାଆସ କରିଥା'ନ୍ତି । କିନ୍ତୁ ଉକ୍ତ କାର୍ଯ୍ୟାଳୟ ପରିସରରେ ଅନାବନା ଗଛ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ କାଟି ସଫା କରିବା ପାଇଁ ବିଭାଗୀୟ କର୍ମଚାରୀମାନେ ଦୃଷ୍ଟି ନ ଦେବାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷଭାବ ସୃଷ୍ଟି ହୋଇଛି ।

ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବିଭିନ୍ନ ସମୟରେ ଏହି କାର୍ଯ୍ୟାଳୟକୁ ବିଭିନ୍ନ ଉଦ୍ଦେଶ୍ୟ ରଖି ଆସିଥା'ନ୍ତି । ମାତ୍ର କାର୍ଯ୍ୟାଳୟ ପ୍ରବେଶ ପଥ ଉଭୟ ପାର୍ଶ୍ୱରେ ନାନାଦି ଅନାବନା ଗଛ ଉଠି ଅପରିଷ୍କାର ପରିବେଶ ସୃଷ୍ଟି କରିବା ସହ ଏଥି ମଧ୍ୟରେ ବିଷଧର ସରୀସୃପମାନେ



ରହିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି । ବିଶେଷ କରି ସାପ ଭୟରେ ଚାଷୀମାନେ ଏହି କାର୍ଯ୍ୟାଳୟକୁ ଆସିବା ପାଇଁ ନାପସନ୍ଦ କରୁଛନ୍ତି । ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଏଠାରେ ସମ୍ପୂର୍ଣ୍ଣ ବାଟବଣା ହୋଇପଡ଼ିଛି । ସେହିପରି ଆଗରପଡ଼ାର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରିଥା'ନ୍ତି । ତେଣୁ ଚାଷୀଙ୍କ ବୃହତ୍ ସ୍ୱାର୍ଥକୁ ଆଖି ଆଗରେ ରଖି ସରକାରଙ୍କ ତରଫରୁ ଏଠାରେ ଏକ କୃଷି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା ଓ ଏହାର ଦାୟିତ୍ୱ ସହ କୃଷି ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ଇତିମଧ୍ୟରେ ଉକ୍ତ କୃଷି କାର୍ଯ୍ୟାଳୟ ପ୍ରତିଷ୍ଠାକୁ ୫୦ରୁ ଅଧିକ ବର୍ଷ ବିତି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ଏହା ଚାଷୀଙ୍କୁ ଯେତିକି ସୁବିଧା ଯୋଗାଇବା କଥା ତାହା ଯୋଗାଇପାରୁ ନ ଥିବା ଅଭିଯୋଗ ହେଉଛି । ନା ସହକାରୀ କୃଷି ଅଧିକାରୀ ନା କର୍ମଚାରୀ କେହି ବି ଏଠାକୁ ଆସୁନାହାନ୍ତି । ଜଣେ ମାତ୍ର କର୍ମଚାରୀ (ଡାଟାଏଣ୍ଟ୍ରି ଅପରେଟର)ରେ ଉକ୍ତ କାର୍ଯ୍ୟାଳୟ ଚାଲିଛି । ତେଣୁ ଚାଷୀ ତା'ର ମୌଳିକ

### ଜଣେ କର୍ମଚାରୀରେ ଚାଲିଛି କାର୍ଯ୍ୟାଳୟ

ସୁବିଧା ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇ ବ୍ଲକ୍ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛି । ଅଧିକାଂଶ ସମୟରେ ମୌଳିକ ସୁବିଧାରୁ ବଞ୍ଚିତ ମଧ୍ୟ ହେଉଛି । ଖରିଫ ଋତୁ ଏବଂ ରବି ଋତୁରେ ଉକ୍ତ କାର୍ଯ୍ୟାଳୟରୁ ସମସ୍ତ ପ୍ରକାର ଚାଷ ଉପକରଣ ସାମଗ୍ରୀ ଯେପରିକି ଟ୍ରାକ୍ଟର, ପାୱାର ଟିଲର, ବିଷପକା ମେସିନ୍ ଓ କୃଷି ଯନ୍ତ୍ରପାତି ସମେତ ଧାନ, ମୁଗ, ବିରି, ବାଦାମ, ସୂର୍ଯ୍ୟମୁଖୀ, ସୋରିଷ, ଗହମ ବିହନ ଇତ୍ୟାଦି ସରକାରଙ୍କ ଦ୍ୱାରା ପ୍ରଦତ୍ତ ରିଆତି ମୂଲ୍ୟରେ କ୍ରୟ କରିଥା'ନ୍ତି । କିନ୍ତୁ କିଛି ବର୍ଷ ହେବ ଉକ୍ତ କାର୍ଯ୍ୟାଳୟଟି ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ଏହାର ପାରିପାର୍ଶ୍ୱିକ ପରିସ୍ଥିତିରେ କୌଣସି ଉନ୍ନତି ହେଉନାହିଁ । ଚାଷୀଙ୍କୁ ସେମାନଙ୍କ ମୌଳିକ ସୁବିଧା ଯୋଗାଇଦେବାକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଥିଲେ ମଧ୍ୟ ତାହାର ସୁଫଳ ଆଜିସୁଦ୍ଧା ମିଳିପାରିନାହିଁ । ଅପରପକ୍ଷରେ ଜିଲ୍ଲାର ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ କୃଷି କାର୍ଯ୍ୟାଳୟ ଥିବାରୁ ବନ୍ତ ବ୍ଲକ୍‌ର ବନ୍ତଠାରେ କାର୍ଯ୍ୟାଳୟ ଥିବା ହେତୁ ଆଗରପଡ଼ାରେ କାର୍ଯ୍ୟାଳୟର କୌଣସି ଆବଶ୍ୟକତା ନ ଥିବାରୁ ଏହାର ଉନ୍ନତି ପ୍ରତି ବିଭାଗ ଦୃଷ୍ଟି ଦେଉ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । କିନ୍ତୁ ସରକାରୀ ନିୟମାନୁସାରେ, ଆଗରପଡ଼ା କୃଷି କାର୍ଯ୍ୟାଳୟ ତା'ର ଗୁରୁତ୍ୱ ବହନ କରୁଛି ଏବଂ ଏହାର ଉନ୍ନତୀକରଣରେ ସରକାରୀ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି । ତେଣୁ ଆଗରପଡ଼ା ଅଞ୍ଚଳର ଗୁରୁତ୍ୱକୁ ବିଚାରକୁ ନେଇ କୃଷି କାର୍ଯ୍ୟାଳୟର ସର୍ବାଙ୍ଗିଣ ଉନ୍ନତି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ସକାଳ THE SAKALA

# ସମ୍ପାଦକୀୟ



ବନବିଭାଗର ଦୃଷ୍ଟିରେ ଜଙ୍ଗଲ ହେଉଛି କାଠ, ଲାଖ ଓ ବୈଦେଶିକ ମୁଦ୍ରା; ଜଣେ ବନବାସୀର ଦୃଷ୍ଟିରେ ଜଙ୍ଗଲର ଅର୍ଥ - ମାଟି, ପାଣି ଓ ସ୍ୱଚ୍ଛ ବାୟୁ।

-ସୁନ୍ଦରଲାଲ ବହୁଗୁଣା

## ପ୍ରଶ୍ନପତ୍ର ପ୍ରଘଟ: ଉତ୍ତରଦାୟିତ୍ୱ କାହିଁ?

ଲୋକସଭାରେ ତୁମୁଳ ହଟ୍ଟଗୋଳ ମଧ୍ୟରେ ସରକାରୀ ପରୀକ୍ଷା(ଅନିୟମିତତା ନିବାରଣ) ସଂଶୋଧନ ବିଧେୟକ ୨୦୨୬ ବାଚନିକ ଭୋଟରେ ପାରିତ ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସଂସ୍ଥାରେ ନିଯୁକ୍ତି ପାଇଁ ଆୟୋଜିତ ଜାତୀୟସ୍ତରୀୟ ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘଟ ଆଦିକୁ ନିରୁତ୍ସାହିତ କରିବା ପାଇଁ ୨୦୨୪ରେ ସରକାର ଏହି ଆଇନ ପ୍ରଣୟନ କରିଥିବା ବେଳେ କେତେକ ସଂଶୋଧନ ସହିତ ପୁନଃ ପାରିତ ହୋଇଛି। ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିବା ପରେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହାର ଆବଶ୍ୟକତା ଅନୁଭୂତ ହେଉଥିଲେ ହେଁ ଏଥିରେ କେତେକ ଦୁର୍ବଳ ଦିଗ ରହିଯାଇଛି, ଯାହାର ଫାଇଦା ଦୁର୍ନୀତିଖୋରମାନେ ଉଠାଇବା ଅସମ୍ଭବ ନୁହେଁ।

ସଂଶୋଧିତ ବିଧେୟକରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ, ଅନିୟମିତତା, ଦୁର୍ନୀତି ଆଦି ପାଇଁ ଦଣ୍ଡବିଧାନକୁ ଅଧିକ କଠୋର କରାଯାଇଛି। କୌଣସି ବ୍ୟକ୍ତିବିଶେଷ ଦୋଷୀ ସାବ୍ୟସ୍ତ ହେଲେ ୫ରୁ ୧୦ ବର୍ଷ ଜେଲ୍ ଦଣ୍ଡ ସହିତ ୧୦ ଲକ୍ଷରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯିବ। ସେହିପରି କୌଣସି ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ଜୋରିମାନା ରାଶି ୧ କୋଟିରୁ ୫ କୋଟି ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ଏବଂ ଉକ୍ତ ସଂସ୍ଥାକୁ ୪ ରୁ ୮ ବର୍ଷ ପର୍ଯ୍ୟନ୍ତ କଳା ତାଲିକାଭୁକ୍ତ କରାଯିବାର ପ୍ରାବଧାନ ରହିଛି। ଉକ୍ତ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ୧ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯିବ। ଦୁର୍ନୀତି ସଂଘବଦ୍ଧ କିମ୍ବା ଗୋଷ୍ଠୀଗତ ବୋଲି ପ୍ରମାଣିତ ହେଲେ ସମସ୍ତ ସଦସ୍ୟ ୫ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୧ କୋଟିରୁ ୧୦ କୋଟି ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ଅଭିଯୋଗର ତଦନ୍ତ କରିବା ପାଇଁ ସ୍ପେଶାଲ୍ ଟାସ୍କ ଫୋର୍ସ ଗଠନ ହେବ ଏବଂ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର ହୋଇ ୫ ମାସ ମଧ୍ୟରେ ଫଇସଲା ହେବ ବୋଲି ସଂଶୋଧିତ ବିଧେୟକରେ ପ୍ରସ୍ତାବ ରହିଛି।

ସଂଶୋଧିତ ବିଧେୟକରେ କିନ୍ତୁ ଅତି ଚତୁରତାର ସହିତ 'ଉତ୍ତରଦାୟିତ୍ୱ' ପ୍ରସଙ୍ଗଟିକୁ ଏଡ଼ାଇ ଦିଆଯାଇଛି। ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ଉତ୍ତର ଖାତା ମୂଲ୍ୟାୟନ ପାଇଁ ଏବେ ଘରୋଇ ସଂସ୍ଥା ବା ଆଉଟସୋର୍ସିଂ ଉପରେ ନିର୍ଭର କରାଯାଉଥିବାରୁ ବିଭ୍ରାଟ ଅଧିକ ହେଉଛି। କିନ୍ତୁ ଆଉଟସୋର୍ସିଂ ଆପେ ଆପେ ହେଉନାହିଁ। ଏଥିରେ ସମ୍ପୃକ୍ତ ମନ୍ତ୍ରଣାଳୟ, ବିଭାଗ ଓ ନିର୍ଦ୍ଦେଶାଳୟର ପ୍ରଚ୍ଛନ୍ନ ଓ ପ୍ରତ୍ୟକ୍ଷ ଭୂମିକା ରହୁଛି। କେଉଁ ସଂସ୍ଥାଙ୍କୁ ଠିକା ଦିଆଯିବ ତାହା ବିଭାଗୀୟ ଅଧିକାରୀ କିମ୍ବା ମନ୍ତ୍ରୀମାନେ ନିଷ୍ପତ୍ତି ନେଉଛନ୍ତି। ତେଣୁ ଯଦି ଉକ୍ତ ସଂସ୍ଥା ଓ ତାହାର ଅଧିକାରୀମାନଙ୍କୁ ଦଣ୍ଡିତ କରାଯିବ ବିଭାଗ ଓ ମନ୍ତ୍ରଣାଳୟ ସେଥିରୁ ବାଦ୍ ପଡ଼ିବ କେମିତି ଓ କାହିଁକି? 'ଉତ୍ତରଦାୟିତ୍ୱ' ଭଳି ସର୍ତ୍ତଟିଏ ଆଇନରେ ରହିଥା'ନ୍ତା ତେବେ ତଳସ୍ତରରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ସମସ୍ତେ ସତର୍କ ଓ ଯତ୍ନଶୀଳ ହୋଇଥା'ନ୍ତେ। ଦଣ୍ଡବିଧାନରୁ ବର୍ତ୍ତିବା ପାଇଁ ଜଣେ ଆଉ ଜଣଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥା'ନ୍ତେ। ଯାହା ଫଳରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛ ହୋଇପାରିଥା'ନ୍ତା। ଏବେ 'ଉତ୍ତରଦାୟିତ୍ୱ' ନ୍ୟସ୍ତ ନ ଥିବା ହେତୁ ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ ଆସୀନ ବ୍ୟକ୍ତିବିଶେଷ ଖାମ୍‌ଖିଆଲି ଓ ଦାୟିତ୍ୱହୀନ ଅଥଚ ଆରାମଦାୟକ ଓ ସୁରକ୍ଷିତ ରହିପାରୁଛନ୍ତି। ସରକାରୀ ପରୀକ୍ଷାକୁ ସ୍ୱଚ୍ଛ ଓ ସୁପରିଚାଳିତ କରିବା ପାଇଁ ଅତୀତରେ ଓଡ଼ିଶା ସମେତ କେତେକ ରାଜ୍ୟରେ ଆଇନ ପ୍ରଣୟନ ହୋଇଛି। କିନ୍ତୁ 'ଉତ୍ତରଦାୟିତ୍ୱ'ର ଅଭାବ ଯୋଗୁଁ ଆଇନଗୁଡ଼ିକ ଦନ୍ତହୀନ ବାଘ ସଦୃଶ କେବଳ କାଗଜକଲମରେ ତିଷ୍ଠି ରହିଛନ୍ତି। ତେଣୁ ସଦ୍ୟ ପାରିତ ବିଧେୟକର ମଧ୍ୟ ଏଭଳି ଅବସ୍ଥା ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି।

ଏବେ ମାମଲାର ବିଚାର ଓ ଫଇସଲା ପ୍ରସଙ୍ଗରେ କିଞ୍ଚିତ ଆଲୋଚନା କରିବା। ଆମ ଦେଶରେ ବିଚାର ବ୍ୟବସ୍ଥାର ଗତି କେତେ ମନ୍ଥର ତାହା ଆମେ ପ୍ରାୟ ସମସ୍ତେ ଅଳ୍ପେବହୁତ ହୃଦୟଙ୍ଗମ କରୁଛୁ। କେବଳ ଯଦି ଆଇନ ପ୍ରଣୟନ କରିଦେଲେ କିମ୍ବା ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିଦେଲେ ଭୟରେ ସମସ୍ୟାର ସମାଧାନ ବା ଅପରାଧ ହ୍ରାସ ଘଟୁଥା'ନ୍ତା ତେବେ ସାମାଜିକ ଅପରାଧ କେବେଠାରୁ ହ୍ରାସ ପାଇସାରିଥା'ନ୍ତା। ଆମ ଦେଶର ବିଚାର ପ୍ରକ୍ରିୟାର ମନ୍ଥରତା ଯୋଗୁଁ ଆଉ କେହି ଆଇନ ଓ ଦଣ୍ଡାଦେଶକୁ ଭୟ କରୁନାହାନ୍ତି। ଆଇନ ତା' ବାଟରେ, ଅପରାଧୀ ସେମାନଙ୍କ ବାଟରେ। ସମୟ ଅନୁସାରେ ଅଧିକରୁ ଅଧିକ ଆଇନ ପ୍ରଣୟନ ହେଉଛି। ତା' ସହିତ ଅପରାଧର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ନ ରହିଲେ କେବଳ ଆଇନ ଓ କୋର୍ଟକଚେରି ଅପରାଧ ହ୍ରାସ କରିପାରିବ ନାହିଁ। ନିଷ୍ଠୁର ସତ୍ୟ ହେଉଛି 'ଉତ୍ତରଦାୟିତ୍ୱ' ନିର୍ଦ୍ଧାରଣ ବିନା ଜନସାଧାରଣଙ୍କ ଆସ୍ଥା ମଧ୍ୟ ଜିତା ଯାଇପାରିବ ନାହିଁ।

ଉଦାହରଣ ସ୍ୱରୂପ ଶିଶୁ ଯୌନ ଅପରାଧ ମାମଲାଗୁଡ଼ିକର ତୁରନ୍ତ ଶୁଣାଣି ଓ ତ୍ୱରିତ ଫଇସଲା ପାଇଁ ୨୦୧୨ରୁ ଆମ ଦେଶରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହୋଇଛି। ଗତ ୨୪ ତାରିଖରେ ଲୋକସଭାରେ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘୱାଲ୍ ଦେଇଥିବା ସୂଚନା ଅନୁଯାୟୀ ଗତ ଏପ୍ରିଲ୍ ୩୦ ତାରିଖ ସୁଦ୍ଧା ଭାରତରେ ୩୯୮ଟି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସମେତ ୭୭୫ଟି ଫାଷ୍ଟ ଟ୍ରାକ୍ କୋର୍ଟ ରହିଛି। ୨୦୨୫, ଡିସେମ୍ବର ୩୧ ତାରିଖ ସୁଦ୍ଧା ଉକ୍ତ କୋର୍ଟଗୁଡ଼ିକରେ ୨ ଲକ୍ଷ ୪୫ ହଜାର ମାମଲା ବିଚାରାଧୀନ ଅଛି। ୨୦୨୪ରେ ଫାଷ୍ଟଟ୍ରାକ୍ କୋର୍ଟରେ ପଞ୍ଜିକୃତ ମାମଲା ସଂଖ୍ୟା ୮୮, ୯୦୨ ଥିବା ବେଳେ ୨୦୨୫ରେ ତାହା ୧, ୪୩, ୯୩୬କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଫଇସଲା ହୋଇଥିବା ମାମଲା ସଂଖ୍ୟା ୨୦୨୪ରେ ୮୫, ୫୯୫ ରୁ ୨୦୨୫ରେ ମାତ୍ର ୬୬, ୫୦୦କୁ ବୃଦ୍ଧି ହୋଇପାରିଛି।

ଏହି ପୃଷ୍ଠଭୂମିରେ ଲୋକସଭା ପାରିତ କରିଥିବା ସଂଶୋଧିତ ପରୀକ୍ଷା ପରିଚାଳନା ଆଇନ ଅନୁଯାୟୀ ପ୍ରଶ୍ନପତ୍ର ପ୍ରଘଟ ମାମଲାର ଶୁଣାଣି ଓ ଫଇସଲା ଯେ ମାତ୍ର ୫ ମାସ ଭିତରେ ହୋଇପାରିବ ସେ ଆଶା ଦେଖାଯାଉନାହିଁ। କେବଳ ଜନଆକ୍ରୋଶକୁ ଶାନ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହା ଏକ ତାଳିପକା ଉଦ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ସରକାରଙ୍କ ଆନ୍ତରିକତା ଥା'ନ୍ତା ତେବେ ଆଇନରେ 'ଉତ୍ତରଦାୟିତ୍ୱ' ଭଳି ସର୍ତ୍ତଟିଏ ଯୋଡ଼ି ପାରିଥା'ନ୍ତେ। 'ଉତ୍ତରଦାୟିତ୍ୱ' ନ୍ୟସ୍ତ ହୋଇଥିଲେ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲା ପଞ୍ଜୀକରଣ ଓ ଶୁଣାଣିର ଆବଶ୍ୟକତା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥାନ୍ତା। କିନ୍ତୁ ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ?

## ବିକାଶ ନା ବିନାଶ ପଥରେ ଭାରତ

ଡ. ପଦ୍ମଲୋଚନ ରାଉତ

କୌଣସି ରାଷ୍ଟ୍ରର ବିକାଶ କେବଳ ଉଚ୍ଚ ଅଟ୍ଟାଳିକା, ବିଶାଳ ରାଜପଥ କିମ୍ବା ଆର୍ଥିକ ଅଭିବୃଦ୍ଧିର ସଂଖ୍ୟାରେ ମାପାଯାଇପାରିବ ନାହିଁ। ପ୍ରକୃତ ବିକାଶ ସେତେବେଳେ ସମ୍ଭବ, ଯେତେବେଳେ ଦେଶର ବୈଜ୍ଞାନିକ ଚିନ୍ତାଧାରା, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପରିବେଶ, ନ୍ୟାୟବ୍ୟବସ୍ଥା ଏବଂ ସାମାଜିକ ସଦ୍ଭାବ ସମାନ ଭାବେ ସୁଦୃଢ଼ ହୁଏ। ଆଜିର ଭାରତକୁ ଦେଖି ପ୍ରଶ୍ନ ଉଠେ - ଆମେ ସତରେ ବିକାଶ ପଥରେ ଅଛୁ, ନା ବିନାଶର ଦିଗକୁ ଅଗ୍ରସର ହେଉଛୁ?

ନିକଟ ଅତୀତରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଉଠିଥିବା ବିବାଦ ଦେଶବାସୀଙ୍କୁ ଚିନ୍ତିତ କରିଛି। ନିଟ୍ ପରୀକ୍ଷାରେ ବାରମ୍ବାର ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ବିଶିଷ୍ଟ ବୈଜ୍ଞାନିକ ସୋନମ ୱାଙ୍ଗଚୁକ୍‌ଙ୍କ ଆମରଣ ଅନଶନ ଏବଂ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତାର ଦାବି କେବଳ ଜଣେ ବ୍ୟକ୍ତିର ପ୍ରତିବାଦ ନୁହେଁ; ଲକ୍ଷ ଲକ୍ଷ ମେଧାବୀ ଯୁବକ-ଯୁବତୀଙ୍କ ଆଶଙ୍କାର ପ୍ରତିଧ୍ୱନି। ଯେତେବେଳେ ପରିଶ୍ରମଠାରୁ ଦୁର୍ନୀତି ଶକ୍ତିଶାଳୀ ହୋଇଯାଏ ଏବଂ ନ୍ୟାୟ ଓ ସତ୍ୟଠାରୁ କ୍ଷମତାର ଅପବ୍ୟବହାର ଅଧିକ ହୁଏ, ଶାସକର ଅହଙ୍କାର ପ୍ରବଳ ହୁଏ, ସେତେବେଳେ ରାଷ୍ଟ୍ରର ଭବିଷ୍ୟତ ଦୁର୍ବଳ ହୋଇପଡ଼େ, ରାଷ୍ଟ୍ର ବିନାଶାଭିମୁଖୀ ହୁଏ।

ପରିବେଶ କ୍ଷେତ୍ରରେ ମଧ୍ୟ ଅନେକ ପ୍ରଶ୍ନ ଉଠିଛି। ଗଙ୍ଗା ନଦୀର ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଦୀର୍ଘ ଅନଶନ କରିଥିବା ଆଇଆଇଟି ପ୍ରଫେସର ଜି. ଡି. ଅଗ୍ରୱାଲଙ୍କ ମୃତ୍ୟୁ ଦେଶକୁ ଗଭୀର ବାର୍ତ୍ତା ଦେଇଥିଲା। ନଦୀ, ଜଙ୍ଗଲ, ପାହାଡ଼ ଓ ପ୍ରାକୃତିକ ସମ୍ପଦ କେବଳ ଆର୍ଥିକ ଲାଭର ଉତ୍ସ ନୁହେଁ; ଏଗୁଡ଼ିକ ଆଗାମୀ ପିଢ଼ିର ଜୀବନର ଆଧାର। ଉନ୍ନୟନ ନାମରେ ଯଦି ପରିବେଶର ଅପୂରଣୀୟ କ୍ଷତି ହୁଏ, ତେବେ ତାହାକୁ ପ୍ରକୃତ ବିକାଶ କୁହାଯାଇପାରେ ନାହିଁ। ଏହି ପ୍ରଫେସରଙ୍କ ଦୁଃଖଦ ମୃତ୍ୟୁ ମଧ୍ୟ ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ଯାହା ଜଣାପଡୁଛି ବର୍ତ୍ତମାନ ସରକାରଙ୍କ ପାଖରେ ଆମ ଦେଶର ବୈଜ୍ଞାନିକ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ତୁଚ୍ଛ ଅଟେ। କେବଳ କ୍ଷମତାର ରାଜଗାଦି ସେମାନଙ୍କ ପାଇଁ ଏକାନ୍ତ ଆବଶ୍ୟକ।

ରେଳ ଦୁର୍ଘଟଣା, ସଡ଼କ ଦୁର୍ଘଟଣା ଏବଂ ବିଭିନ୍ନ ଜନସୁରକ୍ଷା ସମ୍ବନ୍ଧୀୟ ଘଟଣା ପୁନଃ ପୁନଃ ଏହି ପ୍ରଶ୍ନ ଉଠାଇଛି ଯେ, ଆଧାରଭୂତ ସଂରଚନାର ବିସ୍ତାର ସହ ସୁରକ୍ଷା ମାନଦଣ୍ଡ କେତେ ସୁଦୃଢ଼ ହେଉଛି? କେବଳ ପ୍ରକଳ୍ପର ଉଦ୍‌ଘାଟନ ନୁହେଁ, ତାହାର ଗୁଣବତ୍ତା, ଉତ୍ତରଦାୟିତ୍ୱ ଓ ନିରନ୍ତର ନିରୀକ୍ଷଣ ହିଁ ପ୍ରକୃତ ସଫଳତାର ପରିମାପ। ରେଳ ଦୁର୍ଘଟଣାରେ ଶହଶହ ଯାତ୍ରୀଙ୍କର ପ୍ରାଣହାନି ଘଟୁଛି। ଅଥଚ ମାନବିକତା ଓ ନୈତିକତା ଦୃଷ୍ଟିରୁ ରେଳ ମନ୍ତ୍ରୀ ନିଜ କାର୍ଯ୍ୟରୁ ଓହରି ଯିବାର ଦେଖାଯାଉ ନାହିଁ କିମ୍ବା ସେମାନଙ୍କୁ ପଦବୀରୁ ଅନ୍ତର କରାଇବା ଦେଖାଯାଉ ନାହିଁ। ସିଜେପିର ଦୃଢ଼ ମନୋବଳ, ଅଟଳ ନିଷ୍ପତ୍ତି ଓ ନିର୍ଣ୍ଣାୟକ ଆନ୍ଦୋଳନ ପ୍ରଭାବ ପଡ଼ି ନ ଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇ ନ ଥା'ନ୍ତେ। ସରକାର ସାଧାରଣ ଜନତାର ମୌଳିକ ଦାବିଗୁଡ଼ିକ ପ୍ରତି ଆଦୌ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ବଢ଼ିବାରେ ଲାଗିଛି।

ଗଣତନ୍ତ୍ରରେ ନାଗରିକଙ୍କ ସ୍ୱର ହିଁ ସର୍ବୋଚ୍ଚ। ସରକାର ଯେକୌଣସି ଦଳର ହେଉ ଲୋକଙ୍କ ପ୍ରଶ୍ନ, ଆନ୍ଦୋଳନ ଓ ସମାଲୋଚନାକୁ ଶୁଣିବା ତାହାର କର୍ତ୍ତବ୍ୟ। ସେହିପରି ବିରୋଧୀ ମତ ମଧ୍ୟ ତଥ୍ୟ, ସଂଯମ ଓ ରଚନାତ୍ମକ ପ୍ରସ୍ତାବ ସହ ଉପସ୍ଥାପିତ ହେବା ଆବଶ୍ୟକ। ଗଣତନ୍ତ୍ରର ଶକ୍ତି ସଂଳାପରେ, ନିରବତାରେ ନୁହେଁ। ଯେଉଁଠି ସାଧାରଣ ଜନତାର ସ୍ୱରକୁ ବଳପୂର୍ବକ ଚପାଇ ଦିଆଯାଏ, ସେଠାରେ ଅରାଜକତା ସୃଷ୍ଟି ହୁଏ ଏବଂ ଏକଛତ୍ରବାଦୀ ଶାସନ ଦେଖାଯାଏ। ଗଣତନ୍ତ୍ରରେ ସାଧାରଣ ଜନତାର ସ୍ୱରକୁ ବଳପୂର୍ବକ ଦମନ କରିବା ବିନାଶ ଓ ଅହଙ୍କାରର ପ୍ରତୀକ ଏବଂ ସମ୍ବିଧାନ ବିରୋଧୀ। କିନ୍ତୁ ଆମ ଦେଶରେ ଏସବୁ ବାସ୍ତବତାରୁ ଊର୍ଦ୍ଧ୍ୱରେ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଏହି ବିନାଶ ପଥକୁ ଆବୋରି ନେଉଥିବା ଦେଖାଯାଉଛି।

ଭାରତ ପରି ବହୁଧର୍ମୀ, ବହୁଭାଷୀ ଓ ବହୁସଂସ୍କୃତିଭିତ୍ତିକ ଦେଶରେ ସାମ୍ପ୍ରଦାୟିକ ସଦ୍ଭାବନା ହିଁ ସବୁଠାରୁ ବଡ଼ ସମ୍ପଦ। ମନ୍ଦିର, ମସଜିଦ, ଗୁରୁଦ୍ୱାର କିମ୍ବା ଚର୍ଚ୍ଚ ସବୁ ଆସ୍ଥାର କେନ୍ଦ୍ର; କିନ୍ତୁ ଯଦି ଧର୍ମ ରାଜନୈତିକ ବିଭାଜନର ମାଧ୍ୟମ ହୋଇଯାଏ, ତେବେ ସମାଜର ଏକତା ଦୁର୍ବଳ ହୁଏ। ଭାରତର ଶକ୍ତି ତାହାର ବିବିଧତାରେ, ବିଭାଜନରେ ନୁହେଁ। ବର୍ତ୍ତମାନ ମନ୍ଦିର, ମସଜିଦ, ଚର୍ଚ୍ଚ, ଧର୍ମଗ୍ରନ୍ଥକୁ ନେଇ ଯେଭଳି ହୀନ ରାଜନୀତି କରାଯାଉଛି, ଏଥିରୁ ସ୍ପଷ୍ଟ ଜଣାପଡୁଛି ବର୍ତ୍ତମାନ ଆମ ଦେଶ ବିନାଶ ପଥରେ ଅଗ୍ରସର ହେଉଛି। ରାଷ୍ଟ୍ରର ସାମଗ୍ରିକ ବିକାଶ ଓ ଉନ୍ନତି ଧର୍ମାନୁଷ୍ଠାନ ନିର୍ମାଣ କିମ୍ବା ଧର୍ମପୁସ୍ତକ ବଣ୍ଟନରେ ହୁଏ ନାହିଁ। 'ବିକଶିତ ଭାରତ'ର ସ୍ୱପ୍ନ ବୈଜ୍ଞାନିକ ଚିନ୍ତାଧାରା, ଗବେଷଣା ଓ ବୈଷୟିକ ଜ୍ଞାନର ଦ୍ରୁତ ପ୍ରସାର ଉପରେ ନିର୍ଭର କରେ। ଧର୍ମାନୁଷ୍ଠାନ ଆମକୁ ଦାସତ୍ୱ ବନ୍ଧନରେ ବାନ୍ଧି ରଖେ। କିନ୍ତୁ ଶିକ୍ଷାନୁଷ୍ଠାନ ଓ ବୈଜ୍ଞାନିକ ଚିନ୍ତାଧାରା ଆମକୁ ଦାସତ୍ୱ ବନ୍ଧନରୁ ମୁକ୍ତ କରେ, ପ୍ରଗତିର ମାର୍ଗ ପ୍ରଶସ୍ତ କରାଏ। ଏକଥା ଆମ ଦେଶର ବୁଦ୍ଧିଜୀବୀ, ଶିକ୍ଷାବିତ୍, ବୈଜ୍ଞାନିକ, ବରିଷ୍ଠ ନାଗରିକ, ସାଧାରଣ ଜନତା, ଛାତ୍ରଛାତ୍ରୀ ସମସ୍ତେ ହୃଦୟଙ୍ଗମ କରିବା ଉଚିତ।

ଦେଶର ପ୍ରକୃତ ସମ୍ପଦ ସୁନା, କୋଇଲା କିମ୍ବା ଖଣିଜ ନୁହେଁ; ତାହାର ମାନବ ସମ୍ପଦ। ବୈଜ୍ଞାନିକ ନୂତନ ଆବିଷ୍କାର କରନ୍ତି, ଯନ୍ତ୍ରୀ ଦେଶ ଗଢ଼ନ୍ତି, ଡାକ୍ତର ଜୀବନରକ୍ଷା କରନ୍ତି, ଶିକ୍ଷକ ଆଗାମୀ ପିଢ଼ିକୁ ଗଢ଼ନ୍ତି। ଏହି ବର୍ଗକୁ ସମ୍ମାନ, ସ୍ୱାଧୀନତା ଓ ଉପଯୁକ୍ତ ପରିବେଶ ପ୍ରଦାନ କରା ନ ଗଲେ ବିକାଶ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ଦେଶର ବୈଜ୍ଞାନିକ ଅନୁଷ୍ଠାନଗୁଡ଼ିକ କେବଳ ପ୍ରଯୁକ୍ତିର କେନ୍ଦ୍ର ନୁହେଁ, ସେମାନେ ଜାତୀୟ ପ୍ରଗତିର ମେରୁଦଣ୍ଡ। ଯଦି କେବେ ବୈଜ୍ଞାନିକମାନେ ନୀତିଗତ ସମସ୍ୟା, ଗବେଷଣା ପାଇଁ ଅନୁକୂଳ ପରିବେଶର ଅଭାବ କିମ୍ବା ପ୍ରଶାସନିକ ଅସନ୍ତୋଷ ନେଇ ସାମୂହିକ ପ୍ରତିବାଦ କରନ୍ତି, ତେବେ ତାହାକୁ କେବଳ କର୍ମଚାରୀଙ୍କ ଅସନ୍ତୋଷ ଭାବରେ ନୁହେଁ, ବରଂ ଜାତୀୟ ଚିନ୍ତାର ବିଷୟ ଭାବେ ଦେଖିବା ଦରକାର। ବିଜ୍ଞାନ ଓ ଗବେଷଣା ରାଜନୈତିକ ବିଭାଜନରୁ ଊର୍ଦ୍ଧ୍ୱରେ ରହିବା ଉଚିତ୍। ଏକ ରାଷ୍ଟ୍ରର ଭବିଷ୍ୟତ ତାହାର ବୈଜ୍ଞାନିକ, ଇଞ୍ଜିନିୟର ଓ ଗବେଷକମାନଙ୍କ ସ୍ୱାଧୀନ ଚିନ୍ତା, ନବସୃଷ୍ଟି ଓ ସୃଜନଶୀଳତା ଉପରେ ନିର୍ଭର କରେ। ସେମାନଙ୍କ ମତାମତକୁ ସମ୍ମାନ ଦେବା ଓ ସମସ୍ୟାର ସଂଳାପ ମାଧ୍ୟମରେ ସମାଧାନ କରିବା ହିଁ ପ୍ରକୃତ ବିକାଶର ପରିଚୟ। ସମ୍ପ୍ରତି ଗଣମାଧ୍ୟମରେ ଇସ୍ରୋର ବୈଜ୍ଞାନିକମାନଙ୍କ ଅସନ୍ତୋଷ ଏବଂ ସାମୂହିକ ଇସ୍ତଫା ସମ୍ପର୍କିତ ବିଭିନ୍ନ ଦାବି ଚର୍ଚ୍ଚାର ବିଷୟ ହୋଇଛି। ଏହି ଚର୍ଚ୍ଚା ଏକ ବଡ଼ ପ୍ରଶ୍ନ ଉଠାଏ ଯେ ଆମେ ଦେଶର ବୈଜ୍ଞାନିକ ଓ ଗବେଷଣା ଅନୁଷ୍ଠାନଗୁଡ଼ିକୁ ପର୍ଯ୍ୟାପ୍ତ ଗୁରୁତ୍ୱ ଦେଉଛୁ କି? ବିଜ୍ଞାନକୁ ଦୁର୍ବଳ କରି କୌଣସି ରାଷ୍ଟ୍ର ଦୀର୍ଘସ୍ଥାୟୀ ବିକାଶର ଶିଖରରେ ପହଞ୍ଚିପାରିବ ନାହିଁ।

ଭାରତକୁ ବିଶ୍ୱଗୁରୁ କରିବାର ପଥ ଅନ୍ଧବିଶ୍ୱାସ, ଘୃଣା, ଅହଙ୍କାର କିମ୍ବା ବିଭାଜନ ମଧ୍ୟରେ ନୁହେଁ; ବରଂ ବିଜ୍ଞାନ, ଶିକ୍ଷା, ସମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଓ ପରିବେଶ ସୁରକ୍ଷା ମାଧ୍ୟମରେ। ଆଜି ଦେଶ ସମ୍ମୁଖରେ ପ୍ରଶ୍ନ କେବଳ ଏତିକି - ଆମେ ଭାବନାର ରାଜନୀତିକୁ ବାଛିବୁ ନା ଜ୍ଞାନ, ବିବେକ ଓ ମାନବିକତାକୁ? ଏହି ପ୍ରଶ୍ନର ଉତ୍ତର ହିଁ ନିର୍ଦ୍ଧାରଣ କରିବ ଯେ ଭାରତ ବିକାଶର ପଥରେ ଆଗେଇବ ନା ବିନାଶର ଦିଗରେ।

(ଆସୋସିଏଟ ପ୍ରଫେସର)

ଅରୁଣାଚଳ ପ୍ରଦେଶ, ମୋ: ୯୬୬୮୦୯୧୩୦୦

## ସୂର୍ଯ୍ୟାସ୍ତର ସୌନ୍ଦର୍ଯ୍ୟ, ସୂର୍ଯ୍ୟୋଦୟର ସମ୍ଭାବନା

ରଞ୍ଜନ କୁମାର ରାୟ




ସବୁ ସୂର୍ଯ୍ୟାସ୍ତ ଅନ୍ଧକାରର ଘୋଷଣା କରେ ନାହିଁ। କେତେକ ସୂର୍ଯ୍ୟାସ୍ତ ନୂଆ ପ୍ରଭାତର ଆଗମନୀ ସଙ୍ଗୀତ ଗାଏ। ପ୍ରକୃତିର ନିୟମ ଯେପରି ଅପରିବର୍ତ୍ତନୀୟ, ଇତିହାସର ଗତି ମଧ୍ୟ ସେହିପରି ନିର୍ଦ୍ଦୟ। ସେଠାରେ କୌଣସି ସାମ୍ରାଜ୍ୟ ଚିରସ୍ଥାୟୀ ନୁହେଁ, କୌଣସି ମୁକୁଟ ସଦାକାଳ ପାଇଁ ଗୋଟିଏ ମସ୍ତକରେ ଶୋଭା ପାଏ ନାହିଁ। ଫୁଟବଲ୍‌ର ମହାଗାଥା ମଧ୍ୟ ଏହି ଅନନ୍ତ ସତ୍ୟର ପୁନରାବୃତ୍ତି। ୨୦୨୬ ବିଶ୍ୱକପ୍‌ର ଫାଇନାଲ୍‌ର ରୋମାଞ୍ଚକୁ ଫୁଟବଲ ପ୍ରଶଂସକ ଏବେ ବି ମନେ ରଖିଛନ୍ତି। ଏହି ଫାଇନାଲ କେବଳ ଏକ ମ୍ୟାଚ୍ ନୁହେଁ, ତାହା ଥିଲା ଦୁଇଟି ଦର୍ଶନର ସଂଘର୍ଷ, ଦୁଇଟି ଯୁଗର ସୀମାରେଖା, ଦୁଇଟି ସ୍ୱପ୍ନର ସାକ୍ଷାତକାର। ରେଫରିଙ୍କ ଅନ୍ତିମ ହ୍ୱିସିଲ ବାଜିବା ପରେ ଷ୍ଟାଡିୟମ ଆକାଶରେ ଉତ୍ସବର ଆଲୋକ ଜଳିଉଠିଲା। କିନ୍ତୁ ଆର୍ଜେଣ୍ଟିନାର ଆଉ ଏକ ଟାଇଟଲ ଜିତିବାର ସ୍ୱପ୍ନ ଅଧୁରା ରହିଯାଇଥିଲା। ଭାରତ ଭଳି ସାରା ବିଶ୍ୱରେ ରହିଥିବା ଆର୍ଜେଣ୍ଟିନା ସମର୍ଥକମାନେ ନିରାଶ ହୋଇଥିଲେ ମଧ୍ୟ ବାସ୍ତବତାକୁ ସହଜରେ ଗ୍ରହଣ କରି ନେଇଥିଲେ।

ଫୁଟବଲ୍‌ରେ ସ୍କୋରବୋର୍ଡ ସତ୍ୟ କହିଥାଏ। କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ କହେ ନାହିଁ। ଗୋଟିଏ ଗୋଲ୍‌ର ବ୍ୟବଧାନ କେବଳ ବିଜୟ-ପରାଜୟର ହିସାବ ରଖେ। ସେ ମଣିଷର ହୃଦୟରେ ଜନ୍ମ ନେଇଥିବା କବିତା, ଅଶ୍ରୁ, ଗର୍ବ, ଯନ୍ତ୍ରଣା ଓ ଆଶାର ହିସାବ ରଖିପାରେ ନାହିଁ। ସେହି ଅଦୃଶ୍ୟ ଇତିହାସ ଲେଖାଯାଏ ଷ୍ଟାଡିୟମ୍‌ର ଗର୍ଜନରେ, ଖେଳାଳିଙ୍କ ନିଃଶ୍ୱାସରେ ଓ କୋଟି କୋଟି ସମର୍ଥକଙ୍କ ପ୍ରାର୍ଥନାରେ।

ଆର୍ଜେଣ୍ଟିନା ମଇଦାନକୁ ଓହ୍ଲାଇଥିଲା ଗୋଟିଏ ସ୍ୱପ୍ନକୁ ବଞ୍ଚାଇ ରଖିବାକୁ। ସେମାନଙ୍କ ପଛରେ ଥିଲା ଡିଏଗୋ ମାରାଡୋନାଙ୍କ ଅତୃପ୍ତ ଆତ୍ମା, ଲିଓନେଲ୍ ମେସିଙ୍କ ଲିଗାସି, ଲାଟିନ୍ ଆମେରିକାର ଫୁଟବଲ୍ ସଂସ୍କୃତିର ଅଦମ୍ୟ ସ୍ପନ୍ଦନ। ସେମାନେ ଜାଣିଥିଲେ- ବିଶ୍ୱକପ୍ କେବଳ ଟ୍ରଫି ନୁହେଁ, ଏହା ଜାତିର ସ୍ୱାଭିମାନ। କିନ୍ତୁ ସମୟ କାହାକୁ ଅପେକ୍ଷା କରେନାହିଁ। ସମୟ ନଦୀ ପରି - ଯେ ଆଗକୁ ବହିବାକୁ ଜାଣେ, ସେ ହିଁ ସମୁଦ୍ରକୁ ଛୁଇଁଥାଏ ଓ ମିଶିଥାଏ। ଯେ ଅତୀତର ଗୌରବକୁ ଧରି ରହେ, ସେ କେବଳ ସ୍ମୃତିର ତଟରେ ଅଟକିଯାଏ। ଆର୍ଜେଣ୍ଟିନା ହାରିଲା କାରଣ ସେମାନେ ଖରାପ ଖେଳିଲେ ବୋଲି ନୁହେଁ, ସେମାନେ ହାରିଲେ କାରଣ ସ୍ପେନର ଫୁଟବଲ୍ ଟିମ୍ ସେହିଦିନ ଅଧିକ ପରିପକ୍ୱ, ଅଧିକ ସଂଗଠିତ ଓ ଅଧିକ ଧୈର୍ଯ୍ୟଶୀଳ ଥିଲା।

ସ୍ପେନର ଏହି ବିଜୟ କୌଣସି ଆକସ୍ମିକ ଚମତ୍କାର ନୁହେଁ। ଏହା ଦୀର୍ଘବର୍ଷର ନିରବ ସାଧନାର ଫଳ। ବୀଜ ବପନ କରିବା ପରେ ଯେପରି ଗଛ ରାତାରାତି ବିଶାଳ ହୁଏନାହିଁ, ସେହିପରି ବିଶ୍ୱଚାମ୍ପିଅନ୍ ଦଳ ମଧ୍ୟ ଗୋଟିଏ ଋତୁରେ ସୃଷ୍ଟି ହୁଏନାହିଁ। ବର୍ଷ ବର୍ଷର ଯୋଜନା, ଯୁବ ପ୍ରତିଭାର ଯତ୍ନ, ବୈଜ୍ଞାନିକ ପ୍ରଶିକ୍ଷଣ ଓ ଦଳଗତ ଚେତନାର ନିରନ୍ତର ସାଧନା ସ୍ପେନକୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି। ଫୁଟବଲ୍‌ରେ ଜଣେ ମହାନ ତାରକା ମ୍ୟାଚ୍ ଜିତାଇପାରନ୍ତି, କିନ୍ତୁ ମହାନ ଦଳକୁ ଯୁଗ ଗଢ଼େ। ସ୍ପେନ୍ ପ୍ରମାଣ କରିଦେଲା ଯେ ଆଧୁନିକ ଫୁଟବଲ୍‌ର ମୂଳମନ୍ତ୍ର ହେଉଛି ସମନ୍ୱୟ। ସେମାନଙ୍କ ପାଦରେ ବଲ୍ ଥିଲା, କିନ୍ତୁ ତା'ଠାରୁ ବଡ଼ କଥା ଥିଲା - ସେମାନଙ୍କ ମନର ଧୈର୍ଯ୍ୟ। ସେମାନଙ୍କ ଦୌଡ଼ରେ ଥିଲା ଗତି, କିନ୍ତୁ ଚିନ୍ତାରେ ଥିଲା ସ୍ଥିରତା। ଏହି ସନ୍ତୁଳନ ହିଁ ସେମାନଙ୍କୁ ବିଶ୍ୱର ଶିଖରକୁ ନେଇଗଲା।

ଆଜି ଯେତେବେଳେ ଆର୍ଜେଣ୍ଟିନାର ସମର୍ଥକଙ୍କ ଆଖିରେ ଲୁହ, ସେହି ଲୁହ ଦୁର୍ବଳତାର ନୁହେଁ। ସେ ହେଉଛି ଫୁଟବଲ ପ୍ରତି ଅସାଧାରଣ ଭଲପାଇବାର ଭାଷା। କାରଣ ଯେଉଁ ଦଳ ପ୍ରତି ଭଲପାଇବାର ସ୍ରୋତ ଉଚ୍ଛଳ ହୁଏ ତାହାର ପରାଜୟ ପ୍ରଶଂସକଙ୍କୁ ଯନ୍ତ୍ରଣା ଦିଏ। ତଥାପି ଫୁଟବଲ୍‌ର ସବୁଠୁ ବଡ଼ ସୌନ୍ଦର୍ଯ୍ୟ - ପରାଜିତଙ୍କ ପ୍ରତି ମଧ୍ୟ ସମ୍ମାନ ରହେ। କାରଣ ଖେଳପଡ଼ିଆରେ ଯିଏ ଶେଷ ପର୍ଯ୍ୟନ୍ତ ଲଢ଼େ, ସେ କେବେ ସମ୍ପୂର୍ଣ୍ଣ ପରାଜିତ ହୁଏନାହିଁ।

ଏହି ବିଶ୍ୱକପ୍ ଆଉ ଗୋଟିଏ ଗଭୀର ବାର୍ତ୍ତା ଦେଇଛି। ବ୍ୟକ୍ତିର ଯୁଗ ଧୀରେ ଧୀରେ ସାମୂହିକତାର ଯୁଗକୁ ସ୍ଥାନ ଦେଉଛି। ବିଶ୍ୱ ଫୁଟବଲ୍ ଆଜି ଏକକ ନାୟକଙ୍କ କାହାଣୀ ନୁହେଁ, ଏହା ସମବେତ ସଙ୍ଗୀତର ମହାକାବ୍ୟ। ଆମ ପାଇଁ ମଧ୍ୟ ଏଥିରେ ଏକ ଶିକ୍ଷା ରହିଛି। ଖେଳ କେବଳ ପ୍ରତିଭାର ଉତ୍ସବ ନୁହେଁ, ଏହା ଦୂରଦୃଷ୍ଟି, ପରିଶ୍ରମ, ଶୃଙ୍ଖଳା ଓ ନିରନ୍ତର ବିନିଯୋଗର ଫଳ। ଯେଉଁ ଜାତି ଶିଶୁର ପାଦରେ ପ୍ରଥମ ବଲ୍‌ଟି ଦିଏ, ସେହି ଜାତି ଦିନେ ବିଶ୍ୱକପ୍‌ର ଟ୍ରଫିକୁ ମଧ୍ୟ ଛୁଏ। ଫୁଟବଲ୍ ଆମକୁ ବିନମ୍ରତା ଶିଖାଏ। ଆଜି ତୁମେ ବିଜେତା, କାଲି ତୁମେ ପରାଜିତ। ଆଜି ତୁମେ ଆକାଶରେ, କାଲି ମାଟିରେ। କିନ୍ତୁ ଯେଉଁମାନେ ପଡ଼ିଯାଇ ପୁଣି ଉଠିବା ଶିଖିଛନ୍ତି, ଇତିହାସ ସେମାନଙ୍କୁ ହିଁ ଅମର କରେ।

ସ୍ପେନ ଆଜି ବିଶ୍ୱର ଶିଖରରେ। ସେମାନଙ୍କ ମୁଣ୍ଡରେ ବିଶ୍ୱବିଜୟର ମୁକୁଟ। କିନ୍ତୁ ସେହି ମୁକୁଟର ସବୁଠୁ ବଡ଼ ଅଳଙ୍କାର ହେଉଛି ପରିଶ୍ରମ, ଶୃଙ୍ଖଳା ଓ ଦଳଗତ ପ୍ରୟାସ ତଥା ପ୍ରଦର୍ଶନ। ଆଉ ଆର୍ଜେଣ୍ଟିନା ଓ ତା'ର ଖେଳାଳିମାନେ ହାରିଛନ୍ତି, କିନ୍ତୁ ସେମାନଙ୍କ ଫୁଟବଲ୍ ପ୍ରେମ, ସଂଘର୍ଷ ଓ ଗୌରବ ହାରିନାହିଁ। ସମୁଦ୍ରର ଢେଉ ପରି ସେମାନେ ପୁଣି ଫେରିଆସିବେ। କାରଣ ଫୁଟବଲ୍‌ରେ କୌଣସି ଶେଷ ନାହିଁ। ପ୍ରତ୍ୟେକ ପରାଜୟ ହେଉଛି ନୂଆ ସ୍ୱପ୍ନର ବୀଜ, ପ୍ରତ୍ୟେକ ବିଜୟ ହେଉଛି ନୂଆ ଦାୟିତ୍ୱର ଆରମ୍ଭ। ସେହିଥିପାଇଁ ୨୦୨୬ ବିଶ୍ୱକପ୍‌ର ଏହି ଫାଇନାଲ୍‌କୁ କେବଳ ଗୋଟିଏ ଫଳାଫଳ ଭାବେ ନୁହେଁ, ସମୟର ଏକ ସାହିତ୍ୟିକ ରୂପକ ଭାବେ ମନେ ରଖିବା ଦରକାର। ସୂର୍ଯ୍ୟ ଅସ୍ତ ଯାଇଛି, କିନ୍ତୁ ଆକାଶ ଅନ୍ଧକାରରେ ବୁଡିନାହିଁ। ଦିଗନ୍ତରେ ଆଉ ଗୋଟିଏ ପ୍ରଭାତ ଜନ୍ମ ନେଇସାରିଛି। ସେହି ପ୍ରଭାତର ନାମ ହେଉଛି ସ୍ପେନ। ଆଉ ସେହି ସୂର୍ଯ୍ୟାସ୍ତର ନାମ - ଆର୍ଜେଣ୍ଟିନା, ଯାହାର ଆଲୋକ କେବେ ଇତିହାସରୁ ଲିଭିଯିବ ନାହିଁ।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ବୋହୂ ରୂପରେ ପୂଜା ପା'ନ୍ତି ପିତା ଶୁଖୁଆ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଓଡ଼ିଶାରେ ପିତା ଶୁଖୁଆକୁ ପ୍ରତ୍ୟକ୍ଷ ଭାବେ ପୂଜା କରାଯାଉଥିବା ବେଳେ କେତେକ ମନ୍ଦିରରେ ଶୁଖୁଆକୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ତାମିଲନାଡୁର ତଟୀୟ ଅଞ୍ଚଳରେ ଅନୁଷ୍ଠିତ ଏକ ବିଶେଷ ଉତ୍ସବରେ ଶୁଖୁଆ (କରୁବାଡୁ)ର ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଜି ଦିଆଯାଏ। ଭାରତର ଅନ୍ୟ କେତେକ ରାଜ୍ୟ ସହିତ ଓଡ଼ିଶାର କେତେକ ମନ୍ଦିରରେ ଶୁଖୁଆକୁ ଭୋଗ ଭାବେ ଅର୍ପଣ କରାଯାଇଥାଏ।

କେବଳ ଭାରତରେ ନୁହେଁ, କେତେକ ବିଦେଶୀୟ ସଂସ୍କୃତିରେ ମଧ୍ୟ ଶୁଖୁଆକୁ ପବିତ୍ର ମନେକରି ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି। କେତେକ ଧାର୍ମିକ ଅନୁଷ୍ଠାନରେ ଶୁଖୁଆ ଅର୍ପଣ କରିବା ଏବଂ ଉପବାସ ସମୟରେ ଶୁଖୁଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଛି। ଚୀନ୍ ସଂସ୍କୃତିରେ ଶୁଖୁଆକୁ ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ ଭାବେ ଗ୍ରହଣ କରାଯାଇଛି। ତେଣୁ ବିଶେଷ ଭାବେ ଚୀନ୍ ନବବର୍ଷରେ ଶୁଖୁଆ ଓ



ଅନ୍ୟ ସାମୁଦ୍ରିକ ଜୀବ-ଖାଦ୍ୟକୁ ଉପହାର ଭାବେ ଆଦାନପ୍ରଦାନ କରାଯାଇଥାଏ। ଏହାସହିତ ସେହି

### ବିଚିତ୍ର ବିଶ୍ୱାସ

ଦେଶରେ ଶୁଖୁଆକୁ ଦେବତା ଓ ପୂର୍ବପୁରୁଷଙ୍କୁ ଭୋଗ ଭାବେ ଅର୍ପଣ କରିବାର ବିଧି ମଧ୍ୟ ଅଛି। ଚୀନ୍‌ର 'ଜୋମୋନୋ କାଳ'ରେ ଶୁଖୁଆକୁ ଖାଦ୍ୟ ଭାବେ ଗ୍ରହଣ କରାଯାଉଥିବାର ତଥ୍ୟ ରହିଥିବା ବେଳେ 'ନାରା କାଳ'ରେ ଶୁଖୁଆ ଏତେ ମୂଲ୍ୟବାନ ଥିଲା ଯେ, ଏହାକୁ ରାଜ୍ୟକର ବା ଟିକସ ଭାବେ ପ୍ରଦାନ କରାଯାଉଥିଲା।

ଜାପାନ୍‌ରେ ଶୁଖୁଆର ସର୍ବପୁରାତନ ଇତିହାସ ଓ ଗଭୀର ସାଂସ୍କୃତିକ ମହତ୍ତ୍ୱ ଅଛି। ସେ ଦେଶରେ ଶୁଖୁଆକୁ 'ହିମୋନୋ' କୁହାଯାଏ। ଖ୍ରୀଷ୍ଟପୂର୍ବ ୭୧୦ରୁ ୭୯୪ ପର୍ଯ୍ୟନ୍ତ 'ହିମୋନୋ'କୁ ପବିତ୍ର ନୈବେଦ୍ୟ 'ଶିଶେନ୍' ଭାବେ ଦେବତାଙ୍କୁ ଅର୍ପଣ କରାଯାଉଥିଲା। ପ୍ରାଚୀନ ଗ୍ରୀକ୍ ପରମ୍ପରା ଅନୁଯାୟୀ କେଉଟମାନେ ସମୁଦ୍ର ଭିତରକୁ ଯିବା ପୂର୍ବରୁ ନିଜର ସୁରକ୍ଷା ଓ ଅଧିକ ମାଛ ଧରିବା ଆଶାରେ ସମୁଦ୍ର ଦେବତା 'ପୋସିଡନ୍' ଓ 'ହେକାଟେ'ଙ୍କୁ ଶୁଖୁଆ ଭୋଗ ଅର୍ପଣ କରୁଥିଲେ। ଏହାବ୍ୟତୀତ କେତେକ ବିଶେଷ ପୂଜାନୁଷ୍ଠାନରେ ଦେବତାଙ୍କୁ ଶୁଖୁଆ ସମର୍ପଣ କରାଯିବା ସହିତ ପବିତ୍ର ପ୍ରସାଦ ଭାବେ ଅତିଥି ଓ ପରିବାରକୁ ପରଷା ଯାଉଥିଲା। ପର୍ତ୍ତୁଗାଲ୍ ଓ ସ୍ପେନ୍‌ରେ ବିଶେଷ ଭାବେ ଲେଣ୍ଟ୍, ଗୁଡ୍ ଫ୍ରାଇଡେ ଓ କ୍ରିସମାସ୍‌ରେ ଶୁଖୁଆ(ବାକାଲ୍‌ହାଉ)କୁ ଏକ ପାରମ୍ପରିକ ବ୍ୟଞ୍ଜନ ଭାବେ ଗ୍ରହଣ କରାଯାଏ। କେତେକ ବିଦେଶୀୟ ମୂଳ ଜନଜାତି ସମ୍ପ୍ରଦାୟରେ ମଧ୍ୟ ଶୁଖୁଆକୁ ପରୋକ୍ଷ ଭାବେ ପୂଜାର୍ଚ୍ଚନାର ଏକ ଅଂଶବିଶେଷ ଭାବେ ଗ୍ରହଣ କରାଯାଇଛି।

ମୁଖ୍ୟତଃ ଆଧ୍ୟାତ୍ମିକ ମତବାଦ ଅନୁସାରେ ମାଛ, ମାଂସ, ଶୁଖୁଆ ଆଦି ଅପବିତ୍ର ଓ ତାମସିକ ଖାଦ୍ୟ ଭାବେ ଗ୍ରହଣୀୟ ହୋଇଥିବା ବେଳେ ବିଶେଷ ପୂଜାନୁଷ୍ଠାନରେ ଏଗୁଡ଼ିକର ମହତ୍ତ୍ୱ ପ୍ରତିପାଦିତ ହୋଇପାରିଛି। ଏଥିରୁ ସ୍ପଷ୍ଟ ହେଉଛି ଯେ - ଶିବ ଓ ଶବ ଉଭୟଙ୍କର ଉପସ୍ଥିତି ସୃଷ୍ଟିରେ ସମାନ ଏବଂ ଈଶ୍ୱରୀୟ ସତ୍ତାରେ ଉଭୟ ଉଭୟଙ୍କର ପରିପୂରକ। ଏହା ହିଁ ଦୃଢ଼ ଧର୍ମବିଶ୍ୱାସର ମୂଳାଧାର।(ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନକଲି ୱାରେଣ୍ଟରେ ଗିରଫଦାରୀ

# ୩୦ ହଜାର ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

କଟକ,୩୦।୭(ସମିସ): ନକଲି ଓ ଜାଲ୍ ଜାମିନ ବିହୀନ ଗିରଫ ପରୱାନା ଆଧାରରେ ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ଗିରଫ କରି ନିର୍ଯାତନା ଦେବା ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପୀଡ଼ିତ ଆବେଦନକାରୀଙ୍କୁ ୩୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ଏହି ଅର୍ଥ ଦୋଷୀ ପୁଲିସ ଅଧିକାରୀ କିମ୍ବା କୋର୍ଟ କର୍ମଚାରୀଙ୍କଠାରୁ ଆଦାୟ କରାଯିବ। ବିକ୍ରମ ମହାପାତ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱର ଏସଡିଜେଏମ କୋର୍ଟଙ୍କ ନାମରେ ଏକ ଜାଲ୍ ଗିରଫ ୱାରେଣ୍ଟ ଦେଖାଇ ପୁଲିସ ତାଙ୍କୁ ବେଆଇନ ଭାବେ ଗିରଫ କରିଥିଲା। ହାଜତ ମଧ୍ୟରେ ଓ କୋର୍ଟ ପରିସରରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ସେ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଏସଡିଜେଏମ କୋର୍ଟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଥିଲା ଯେ ଆବେଦନକାରୀଙ୍କ ନାମରେ କୌଣସି ଏନବିଡବ୍ଲୁ ଜାରି କରାଯାଇ ନଥିଲା। ସେହି ମାମଲାରେ ବିକ୍ରମ ଆସାମୀ କିମ୍ବା ଅଭିଯୋଗକାରୀ ନଥିଲେ। ଅପରପକ୍ଷରେ, ପୁଲିସ ଦର୍ଶାଇଥିଲା ଯେ ସ୍ପିଡ୍ ପୋଷ୍ଟ ମାଧ୍ୟମରେ କୋର୍ଟଙ୍କ ନକଲି ମୋହର ଥିବା ୱାରେଣ୍ଟ ଆସିବା ପରେ ଏହି ଗିରଫଦାରି ହୋଇଥିଲା। ଏହି ଘଟଣାରେ ଲାଲବାଗ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ଭୁବନେଶ୍ୱର ଏସଡିଜେଏମ କୋର୍ଟ ନକଲି ୱାରେଣ୍ଟ ଜାରି ଓ ମୋହର ଜାଲିଆତି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବେ। କଟକ ଡିସିପି ବେଆଇନ ଗିରଫଦାରି ଓ ପୁଲିସର ଭୂମିକା ନେଇ ବିସ୍ତୃତ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତଦନ୍ତ ରିପୋର୍ଟ ଆଧାରରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ନିଜ ଆଦେଶରେ ସ୍ପଷ୍ଟ କରି ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ପଦାଧିକାରୀଙ୍କ ସହ କମ୍ପାନି ମଧ୍ୟ ଅଭିଯୁକ୍ତ: ହାଇକୋର୍ଟ

କଟକ,୩୦।୭(ସମିସ): ଯଦି କୌଣସି କମ୍ପାନି ତରଫରୁ ଦିଆଯାଇଥିବା ଚେକ୍ ବାଉନ୍ସ କରେ, ଏଥିରେ ଦସ୍ତଖତ କରିଥିବା ପଦାଧିକାରୀଙ୍କୁ ମାମଲାରେ କେବଳ ପକ୍ଷଭୁକ୍ତ କରାଯାଏ ଓ କମ୍ପାନିକୁ ବାଦ



ଦିଆଯାଇଥାଏ ତେବେ ଏହା ଆଇନ ସମ୍ମତ ନୁହେଁ। ଏନ୍ଆଇ ଆକ୍ଟ ଅନୁସାରେ ଏଭଳି ଘଟଣାରେ ପଦାଧିକାରୀଙ୍କ ସହିତ କମ୍ପାନିକୁ ମଧ୍ୟ ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ କରି ଅଦାଲତରେ ମାମଲା ରୁଜୁ କରାଯିବା କଥା ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କମ୍ପାନିକୁ ପକ୍ଷଭୁକ୍ତ ନ କରି କେବଳ ଏହାର ନିର୍ବାହୀ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରି ସୋନପୁର ଏସଡିଜେଏମ ଅଦାଲତରେ ଦାୟର ଚେକ୍ ବାଉନ୍ସ ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଡି.କେ.ପଟେଲଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶିବ ଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡର ଏକ କମ୍ପାନି ତରଫରୁ ମାମଲାର ପ୍ରତିପକ୍ଷଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏହି ଚେକ୍‌ରେ କମ୍ପାନିର ପ୍ରାଧିକୃତ ଦସ୍ତଖତକାରୀ ଭାବେ ଆବେଦନକାରୀ ଦସ୍ତଖତ କରିଥିଲେ। ଏହି ଚେକ ବାଉନ୍ସ କରିବା ପରେ ପ୍ରତିପକ୍ଷଙ୍କ ତରଫରୁ ଆବେଦନକାରୀଙ୍କୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ନୋଟିସ ପାଇବା ପରେ ମଧ୍ୟ ଆବେଦନକାରୀ ଟଙ୍କା ନ ଦେବାରୁ ପ୍ରତିପକ୍ଷ ଏସଡିଜେଏମ ଅଦାଲତରେ ଚେକ ବାଉନ୍ସ ପାଇଁ ମାମଲା ରୁଜୁ କରିଥିଲେ। ଏହି ମାମଲା ଗ୍ରହଣୀୟ ନୁହେଁ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସୋମେଶ ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ ନିଯୁକ୍ତ

ଭୁବନେଶ୍ୱର,୩୦।୭(ସମିସ): ୨୦୧୭ ମସିହା ବ୍ୟାଚର ଆଇଏଏସ ତଥା ରାଜ୍ୟ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସୋମେଶ କୁମାର ଉପାଧ୍ୟାୟ ଭଦ୍ରକ ଜିଲ୍ଲାପାଳ ଭାବରେ ନିଯୁକ୍ତି ପାଇଛନ୍ତି। ଏନେଇ ଗୁରୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ବର୍ତ୍ତମାନର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ କାର୍ଯ୍ୟକାଳ ସମାପ୍ତ ହେଉଛି। ଶ୍ରୀ ରାଉତରାୟଙ୍କ ସ୍ଥାନରେ ଶ୍ରୀ ଉପାଧ୍ୟାୟ ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିବେ।

## ୧.୪୭ କୋଟିର ଋଣ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୭(ସମିସ): ଆଇସିଆଇସିଆଇ ବ୍ୟାଙ୍କ ଋଣ ଠକେଇ ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥ ନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମିହିର ପାଇକରାୟ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଇଓଡବ୍ଲ୍ୟୁ ସୂଚନା ମୁତାବକ ଆଇସିଆଇସିଆଇ ଭୁବନେଶ୍ୱର ମୁଖ୍ୟ ଶାଖା ବ୍ୟାଙ୍କରୁ ମିହିର ୧କୋଟି ୪୭ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲେ। ଏଥିପାଇଁ ସେ କିଛି ଜମିର କାଗଜପତ୍ର ବନ୍ଧକ ରଖିଥିଲେ। ଏହାପରେ ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର କରାଯାଇଥିଲା। ମାତ୍ର ସେ ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କ ଏହାକୁ ଏନ୍‌ପିଏ ଶ୍ରେଣୀଭୁକ୍ତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ କାଳରେ ଏହି ଜମିଗୁଡ଼ିକ ପୂର୍ବରୁ ବ୍ୟାଙ୍କ ଅଫ ବରୋଦାରେ ପୂର୍ବରୁ ବନ୍ଧକ ଦେଇ ସେ ୩୦ ଲକ୍ଷ ଟଙ୍କାର ଋଣ ଉଠାଇଥିବା ଜଣା ପଡ଼ିଥିଲା। ମାମଲା ଜଣାପଡ଼ିବା ପରେ ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରାଯାଇଥିଲା। ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଦସ୍ତାବିଜ ଅନୁଯାୟୀ ମିହିର ଋଣ ପାଇଁ ଜାଲିଆତି କରିଥିବା ଜଣା ପଡ଼ିଥିଲା। ଏହାପରେ ବ୍ୟାଙ୍କ ପକ୍ଷରୁ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା ଓ ଇଓଡବ୍ଲ୍ୟୁ ତାଙ୍କୁ ଗିରଫ କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗେରୁଆ ହେଲା...

ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟ ବିରୋଧୀ ଦଳ ସାଂସଦ ଅମର ସିଂହ, ତାରିକ ଅନୱାର ଏବଂ କିର୍ତ୍ତି ଆଜାଦ ମଧ୍ୟ ଏହାର ସମାଲୋଚନା କରି କହିଛନ୍ତି ଯେ ସରକାର ବିପଜ୍ଜନକ ଧାରା ଆରମ୍ଭ କରିଛନ୍ତି। ସରକାର ସେନାବାହିନୀ ପୋଷାକ ରଙ୍ଗ ଗେରୁଆ କରିଦେଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୪ ବିଶ୍ୱକପ୍ ସମୟରେ ଭାରତୀୟ ଦଳ ହଳଦିଆ ରଙ୍ଗର ଜର୍ସି ପିନ୍ଧିଥିବା ବେଳେ ୨୦୧୮ ବିଶ୍ୱକପ୍‌ରେ ଆକାଶୀ ନୀଳ ରଙ୍ଗର ପୋଷାକ ବ୍ୟବହାର କରାଯାଇଥିଲା। ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ବେଲଜିୟମ ଓ ନେଦରଲ୍ୟାଣ୍ଡସରେ ଆୟୋଜିତ ହେବାକୁ ଥିବା ୨୦୨୬ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଚଳାଇଛି। ୫୧ ବର୍ଷ ପରେ ଦ୍ୱିତୀୟ ଥର ବିଶ୍ୱକପ୍ ଟାଇଟଲ ଜିତିବା ଲକ୍ଷ୍ୟରେ ଥିବା ଭାରତୀୟ ଦଳ ପାଇଁ ଜର୍ସି ବିବାଦ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ହକି ଇଣ୍ଡିଆ ସଫେଇ ଦେଇଛି ଯେ, ଏହି ନିଷ୍ପତ୍ତି କୌଣସି ଆବେଗ କିମ୍ବା ସୌନ୍ଦର୍ଯ୍ୟ ପାଇଁ ନୁହେଁ, ବରଂ ବୈଷୟିକ ସୁବିଧାକୁ ଦୃଷ୍ଟିରେ ରଖି ନିଆଯାଇଛି।

### କ୍ରୀଡ଼ାପ୍ରେମୀଙ୍କ ଭାବନାକୁ...

ଯୋଡ଼ିହୋଇ ରହିଥିବା ଏକ ଆବେଗ। ଦଶନ୍ଧି ଦଶନ୍ଧି ଧରି ଏହି ରଙ୍ଗ ଆମକୁ ଆଶା, ବିଜୟ, ପରାଜୟ ଏବଂ କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟରେ ଏକାଠି ବାନ୍ଧି ରଖିଛି। ଆମେ ଆମର ନୀଳ ଜର୍ସି ପିନ୍ଧିଥିବା ପୁରୁଷ ଓ ମହିଳା ଖେଳାଳିମାନଙ୍କ ସହ ଆମେ କାନ୍ଦିଛୁ, ହସିଛୁ, ଉତ୍ସବ ପାଳନ କରିଛୁ ଏବଂ ଗର୍ବର ସହ ଛିଡ଼ା ହୋଇଛୁ। ଏହି ନୀଳ ଜର୍ସି ପିନ୍ଧି ଆମ ଟିମ୍ ଅଲିମ୍ପିକ୍ସ ପଦକ ଜିତିଛି ଏବଂ ବିଶ୍ୱ ମଞ୍ଚରେ ଆମ ଜାତୀୟ ସଙ୍ଗୀତ ଗୁଞ୍ଜରିତ ହୋଇଛି। ନୀଳ ରଙ୍ଗ ଆମ ଜାତୀୟ ପତାକାର ଅଶୋକ ଚକ୍ରରୁ ଅଣାଯାଇଛି। ଏହା ଆମ ଜାତୀୟ ଗୌରବ ଓ ପରିଚୟର ପ୍ରତୀକ। ଯେତେବେଳେ ଜାତୀୟ ହକି ଟିମ୍ ପ୍ରାୟୋଜକ ଅଭାବରେ ସଂଘର୍ଷ କରୁଥିଲା, ସେତେବେଳେ ଆମ ଜାତୀୟ ଦଳ ଏବଂ ପ୍ରିୟ ଖେଳକୁ ସହଯୋଗ କରିବାରେ ଓଡ଼ିଶା ପ୍ରଥମ ଓ ଏକମାତ୍ର ରାଜ୍ୟ ଭାବେ ଇତିହାସ ରଚିଥିଲା। ଜାତୀୟ ହକି ପ୍ରତି ରାଜ୍ୟର ଏହି ସହଯୋଗ ପାଇଁ ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଓଡ଼ିଆ ଗର୍ବିତ ଥିଲେ। ୪୧ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଆମ ପୁରୁଷ ଦଳ ଅଲିମ୍ପିକ୍ସ ପଦକ ଜିତିଥିଲା। କେବଳ ଓଡ଼ିଶାରେ ସରକାର ବଦଳିଯାଇଛି ବୋଲି ଆମ ଜାତୀୟ ଦଳର ରଙ୍ଗ ବଦଳାଯିବା ଉଚିତ୍ ନୁହେଁ। ଏହା ସବୁଠାରୁ ନିମ୍ନମାନର ରାଜନୀତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଆର୍ଜେଣ୍ଟିନାର ଆଇକନିକ୍ ଷ୍ଟ୍ରାଇପ୍ସ (ଗାର) ଏବଂ ବ୍ରାଜିଲ୍‌ର ହଳଦିଆ ଜର୍ସି ସେହି ଦେଶ ପାଇଁ ଯେତିକି ମହତ୍ୱ ରଖେ, ଭାରତୀୟ ହକି ଖେଳାଳିଙ୍କ ନୀଳ ଜର୍ସି ଆମ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। ଏହା ଆମ ସାମୂହିକ ସ୍ମୃତିରେ ସଦାସର୍ବଦା ଲିପିବଦ୍ଧ ହୋଇରହିଛି। ଏହି ରଙ୍ଗରେ କୌଣସି ବି ପରିବର୍ତ୍ତନ, ଆମ ଅମୂଲ୍ୟ କ୍ରୀଡ଼ା ଐତିହ୍ୟକୁ ପୋଛିଦେବାର ଏକ ଅତ୍ୟନ୍ତ ନିନ୍ଦନୀୟ ପ୍ରଚେଷ୍ଟା। ଓଡ଼ିଶାର ବିଜେପି ସରକାରଙ୍କ ଚାପରେ ଏହି ପଦକ୍ଷେପ ନିଆଯାଇଛି। କ୍ଷମତାରେ ଥିବା ବ୍ୟକ୍ତିମାନେ ଏହାକୁ ଅସ୍ୱୀକାର କରିପାରନ୍ତି; କିନ୍ତୁ ଗତ ଦୁଇ ବର୍ଷ ହେବ ଓଡ଼ିଶାରେ ସରକାରଙ୍କର ସରକାରୀ କୋଠା, ବସ୍ ଏବଂ ପୋଲଗୁଡ଼ିକର ରଙ୍ଗ ବଦଳାଇବାର ନିଶାକୁ ସମସ୍ତେ ଦେଖିଛନ୍ତି। ଆଜି ଓଡ଼ିଶାରେ କେବଳ ଏହି ଗୋଟିଏ କାମ ହିଁ ହେଉଛି। କିନ୍ତୁ ଏବେ ସେହି ସରକାର ଆମ ଜାତୀୟ ଦଳର ଜର୍ସି ରଙ୍ଗକୁ ମଧ୍ୟ ବଦଳାଇ ଦେଇଛନ୍ତି। ହକି ଭଳି ଏକ ଜାତୀୟ ଖେଳକୁ ରାଜନୀତିକରଣ କରିବାକୁ ବିଜେପି ଓଡ଼ିଶାର ଏହି ପ୍ରଚେଷ୍ଟାକୁ ମୁଁ ଦୃଢ଼ ନିନ୍ଦା କରୁଛି। ଏହା ସାରା ଦେଶର ଲକ୍ଷ ଲକ୍ଷ କ୍ରୀଡ଼ାପ୍ରେମୀଙ୍କ ଭାବନା ଏବଂ ଜାତୀୟ ହକିକୁ ଓଡ଼ିଶା ଯେଉଁ ଗର୍ବର ସହ ସହଯୋଗ କରିଆସିଛି, ତାହାକୁ ଗଭୀର ଆଘାତ ପହଞ୍ଚାଇଛି ବୋଲି ନବୀନ କ୍ଷୋଭର ସହ କହିଛନ୍ତି।

### ମାଡ଼ିଆସୁଛି 'ମହା'..

କ୍ୟୁସେକ ପର୍ଯ୍ୟନ୍ତ ଜଳ ପ୍ରବାହ ହୋଇଥିବାରୁ ବର୍ତ୍ତମାନ ସ୍ଥିତିକୁ ନିୟନ୍ତ୍ରଣଯୋଗ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି। ମାତ୍ର ମହାନଦୀର ଶାଖା ନଦୀଗୁଡ଼ିକରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଉଛି। କାଲି ସୁଦ୍ଧା ହୀରାକୁଦର ଆଉ ୧୦ରୁ ୧୨ଟି ଗେଟ୍ ଖୋଲାଯାଇପାରେ। ତେବେ ଏହି ପାଣି ମୁଣ୍ଡଳୀରେ ପହଞ୍ଚିବା ବେଳକୁ ୨୪ ଘଣ୍ଟା ଲାଗିବ ଓ ସେତବେଳକୁ ମୁଣ୍ଡଳୀଠାରେ ଜଳ ପ୍ରବାହ ହ୍ରାସ ପାଇଥିବା ବୋଲି ବିଭାଗ ପକ୍ଷରୁ ଆକଳନ କରିଛି।

ମହାନଦୀର ବଢ଼ୁଥିବା ଜଳସ୍ତର ସହ ଏହାର ଶାଖାନଦୀ ଲୁଣା, କରାଣ୍ଡିଆ, ପାଇକା, କୁଶଭଦ୍ରା, ଦେବୀ ଓ କୁଆଖାଇ ଓ ଚିତ୍ରୋତ୍ପଳା ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ନିମ୍ନାଞ୍ଚଳ ପ୍ରଭାବିତ ହୋଇପାରେ। ସେଥିପାଇଁ ଜିଲ୍ଲା ପ୍ରଶାସନକୁ ପୂର୍ବରୁ ସତର୍କ କରାଯାଇଛି ଏବଂ ଅଧିକାରୀମାନେ ଗତକାଲି ରାତିରୁ ମୈଦାନରେ କାମ ଆରମ୍ଭ କରିଛନ୍ତି ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ଜଗତସିଂହପୁରର ବିରିଡ଼ି, ନାଉଗାଁ, ତିର୍ତ୍ତୋଲ, କୁଜଙ୍ଗ, ରଘୁନାଥପୁର, ଏରସମା ଓ ବାଲିକୁଦା, କଟକର ବାଙ୍କୀ ଓ ଆଠଗଡ଼, ପୁରୀର କଣାସ, ଡେଲାଙ୍ଗ, ବ୍ରହ୍ମଗିରି, କାକଟପୁର, ନିମାପଡ଼ା ଓ ଗୋପ, କେନ୍ଦ୍ରାପଡ଼ାର ପାଟକୁରା, ଗରଦପୁର ଓ ଆଳି ଅଞ୍ଚଳ ଉପରେ ବିଶେଷ ନଜର ରଖାଯାଇଛି ବୋଲି ସେ କହିଛନ୍ତି।

ହୀରାକୁଦ ଡ୍ୟାମ୍ ତଳ ମୁଣ୍ଡରେ ବୌଦ୍ଧ ଜିଲ୍ଲାର ଖଇରମାଳ ଠାରେ ମହାନଦୀରେ ୭ ଲକ୍ଷ ୭୪ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ଠିକ ସେହିପରି ନୟାଗଡ଼ ଜିଲ୍ଲାର ବରମୂଳ ଠାରେ ମହାନଦୀରେ ୭ ଲକ୍ଷ ୭୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ମୁଣ୍ଡଳି ଠାରେ ୮ ଲକ୍ଷ ୫୦ ହଜାର କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେଉଛି। ରୁଲ୍ କର୍ଭ ଅନୁସାରେ ହୀରାକୁଦର ଜଳସ୍ତର ୧୩ ଫୁଟ୍ ଅଧିକ ଥିଲେ ମଧ୍ୟ ତଳମୁଣ୍ଡରେ ମାତ୍ରାଧିକ ପାଣି ରହିଥିବାରୁ ଅଧିକ ଗେଟ୍ ଖୋଲାଯାଇ ପାରୁନାହିଁ। ତଳ ମଣ୍ଡରେ ବନ୍ୟା ଜଳ ଅପସାରିତ ହେଲା ପରେ ଶୁକ୍ରବାର ଆଡକୁ ହୀରାକୁଦର ଅଧିକ ଗେଟ୍ ଖୋଲାଯିବାକୁ ନିଷ୍ପତି ହୋଇଥିବା ଜଣାପଡ଼ିଛି।

### ୬୨୧ ଫୁଟ୍ ଡେଇଁଲା...

ସୁଦ୍ଧା ୧୨ଟି ଗେଟ୍ ଖୋଲିବା ପାଇଁ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି। ତେବେ ତଳ ମୁଣ୍ଡରେ ବନ୍ୟା ସ୍ଥିତି ଗମ୍ଭୀର ଥିବାରୁ ଏହା ଉପରେ ନଜର ରଖାଯାଇଛି।

ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ପ୍ରବେଶ କରୁଛି ସେକେଣ୍ଡ ପ୍ରତି ୩,୦୮,୨୫୭ କ୍ୟୁସେକ୍ ଜଳ। ହୀରାକୁଦ ଜଳସ୍ତର ମଧ୍ୟ ୬୨୧.୩୫ ଫୁଟ୍‌ରେ ପହଞ୍ଚିଛି। ସମ୍ପ୍ରତି ହୀରାକୁଦର ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ବନ୍ୟା ଯୋଗୁଁ ସ୍ଥିତି ସୁଧୁରିବା ଯାଏ ଗେଟ୍ ଖୋଲାଯିବ ନାହିଁ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ଖଇରମାଳ, ବାରମୁଲ ଓ ମୁଣ୍ଡଳୀଠାରେ ୭ରୁ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୯ ତାରିଖ ଦ୍ୱିତୀୟଥର ପାଇଁ ହୀରାକୁଦ ନଦୀବନ୍ଧରୁ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିବାବେଳେ ଗତ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଥିଲା।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୦୮,୨୫୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୫,୨୩୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୧୫୧୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୩୪୯ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୨୧୧୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨,୦୯,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୪,୪୦,୮୨୫ କ୍ୟୁସେକ୍, ଖଇରମାଳଠାରେ ୭,୫୦,୦୦୦ କ୍ୟୁସେକ୍, ବାରମୁଲଠାରେ ୭,୭୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୮,୬୫,୪୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୧.୭୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୯.୩୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

### ସଂସଦରେ ହଟ୍ଟଗୋଳ...

ଦଳ ମାନେ ପୁଲିସ କାର୍ଯ୍ୟାନୁଷ୍ଠାନ ସହିତ ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ମାମଲା ମଧ୍ୟ ଉଠାଇ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ଚାଲିଥିବା ବେଳେ ବନ୍ଦେମାତରମ ବିଲକୁ ବାଚନିକ ଭୋଟରେ ପାରିତ କରାଇଥିଲେ ସରକାର। ଗତକାଲି ଏହା ରାଜ୍ୟସଭାରେ ପାସ୍ ହୋଇଥିଲା। ଏହି ବିଲ ଏବେ ଦସ୍ତଖତ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ଯିବ। ଆଜି ଏହି ବିଲ୍ ପାରିତ ହେବାପରେ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

### ମେଡିକାଲ ପିଜି...

ପରୀକ୍ଷା ଆରମ୍ଭର ମାତ୍ର କିଛି ସମୟ ପରେ ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ହ୍ୱାଟ୍ସଅପ ଗ୍ରୁପ୍ (ଏସ-୧), (ଏଲ-୧) ଓ (ଜେଡ-୧) ନାମରେ ଥିବା ଗ୍ରୁପରେ ସେୟାର କରାଯାଇଥିଲା। ଏହା ପରେ ଉକ୍ତ ହ୍ୱାଟ୍ସଅପ ଗ୍ରୁପ୍‌ରେ ପ୍ରଶ୍ନର ଉତ୍ତର ମଧ୍ୟ ପରୀକ୍ଷାର୍ଥୀଙ୍କୁ ପଠାଯାଉଥିବା ଅଭିଯୋଗ ହୋଇଛି। ଏହି ହ୍ୱାଟ୍ସଅପ ଗ୍ରୁପ୍‌କୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର କିଛି ଡାକ୍ତରୀ ଛାତ୍ର ପରିଚାଳନା କରୁଥିଲେ। ଏଥିସହ ପରୀକ୍ଷା କେନ୍ଦ୍ରକୁ ଏକାଧିକ ପରୀକ୍ଷାର୍ଥୀ ମୋବାଇଲ୍ ଫୋନ୍ ସହିତ ପ୍ରବେଶ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ପରୀକ୍ଷାରେ କପି, କେନ୍ଦ୍ର ମଧ୍ୟକୁ ମୋବାଇଲ ନେବା ଓ ପରିଚାଳନାରେ କୋହଳ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲ କଲେଜ ଓ ହସ୍ପିଟାଲର କିଛି ପରିକ୍ଷାର୍ଥୀଙ୍କୁ ମଧ୍ୟ ପ୍ରଶ୍ନପତ୍ର ବିକ୍ରି କରାଯାଇଥିବା ନେଇ ମଧ୍ୟ ସୂଚନା ରହିଛି। ଘଟଣାକୁ ନେଇ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ ବିଭିନ୍ନ ସ୍ଥାନରେ ଅଭିଯୋଗ ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ପିଜି ପରୀକ୍ଷାର ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନେଇଥିଲା। ଏହା ପୂର୍ବରୁ ଏହି ପରୀକ୍ଷା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ହେଉଥିଲା। ଅନ୍ୟପକ୍ଷରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କର୍ତ୍ତୃପକ୍ଷ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ତଦନ୍ତ ରିପୋର୍ଟ ପରେ ପ୍ରକୃତ ଘଟଣା ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ। ଅଭିଯୋଗ ପରେ ପରୀକ୍ଷା ସେଲ୍‌କୁ ଅଧିକ କଠୋର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଦୁଇଟି ପରୀକ୍ଷାରେ ଅନ୍ୟ କୌଣସି ପ୍ରକାର ଅନିୟମିତତାକୁ ରୋକିବା ପାଇଁ ସଜାଗ ହେବା ସହ ବର୍ତ୍ତମାନ ଏହି ପରୀକ୍ଷାପତ୍ର କିପରି ଅନ୍ୟ ଶିକ୍ଷାନୁଷ୍ଠାନକୁ ଗଲା ତାହାକୁ ନେଇ ତର୍ଜମା ଚାଲିଛି। ଘଟଣାର ତଦନ୍ତ ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିବା ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ କହିଛନ୍ତି।

### କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ...

ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମର ପକ୍ଷ ଦୃଢ଼ତାର ସହ ଉପସ୍ଥାପନ କରିଛୁ। ଉଭୟ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା, ପାରସ୍ପରିକ ସହଯୋଗ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ କିଭଳି ଭାବରେ ମହାନଦୀ ସମସ୍ୟାର ଏକ ସ୍ଥାୟୀ ଓ ସନ୍ତୋଷଜନକ ସମାଧାନ ହେବ, ସେନେଇ ଆଜି ଆଲୋଚନା ହୋଇଛି। ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ଆଲୋଚନା ବିଭିନ୍ନ ସ୍ତରରେ ଜାରି ରହିବ। ଏହି ୩ ମାସ ମଧ୍ୟରେ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ଜଳକୁ ନେଇ ଯେଉଁ ସମସ୍ୟା ରହିଛି ତାହାର ସମାଧାନ ନେଇ ମୁଁ ଆଶାବାଦୀ। ଆସନ୍ତା ଦୀପାବଳି ବେଳକୁ ସମସ୍ୟା ନିଶ୍ଚିତ ଭାବରେ ସମାଧାନ ହୋଇଥିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ଜୁଲାଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ମହାନଦୀ ଜଳ ବିବାଦରେ ଏକ ଚିଠି ଲେଖିଥିଲେ। ଏଥିରେ ସେ ମହାନଦୀ ଜଳବିବାଦରେ ଆପୋଷ ସମାଧାନ ଏବଂ ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ତଥା କେନ୍ଦ୍ରୀୟ ଜଳ ଆୟୋଗର ମଧ୍ୟସ୍ଥତା ନେଇ ପ୍ରସ୍ତାବ ରଖିଥିଲେ। ଗତ ଜୁଲାଇ ୨୨ ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏକ ବିସ୍ତୃତ ପତ୍ର ଜରିଆରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର ପ୍ରସ୍ତାବକୁ ସ୍ୱୀକାର କରିଥିଲେ। ଏହାପରେ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ମଧ୍ୟରେ ମଧ୍ୟସ୍ଥତା ପାଇଁ ଉଭୟ ସିଡବ୍ଲ୍ୟୁସି ଓ ଜଳଶକ୍ତି ମନ୍ତ୍ରାଳୟକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଆଜିର ବୈଠକ ଅନୁଷ୍ଠିତ ହୋଇଛି।

### ଶୀତରାତିରେ ଆହ୍ୱାନ...

ଶ୍ରମିକ ଓ ଶୀତଳୀକରଣ ସୁବିଧା ନ ଥିବା ଲୋକଙ୍କ ମଧ୍ୟରେ ଉତ୍ତାପଜନିତ ରୋଗ ଓ ମୃତ୍ୟୁର ଆଶଙ୍କା ବଢ଼ିଯାଏ। ୧୯୯୮ର ଭୟଙ୍କର ଉତ୍ତାପ ପ୍ରବାହରେ ଓଡ଼ିଶାରେ ୨ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଉଷ୍ଣ ରାତି ବଢ଼ିବା ସହ ବିଦ୍ୟୁତ ଚାହିଦା ମଧ୍ୟ ବଢୁଛି। ସେହିପରି ରାତିରେ ବାୟୁମଣ୍ଡଳ ଗରମ ରହିବାରୁ ପ୍ରଦୂଷକ କଣିକା ଭୂପୃଷ୍ଠ ନିକଟରେ ଅଧିକ ସମୟ ରହିଯାଉଛି। ଯାହା ବାୟୁ ପ୍ରଦୂଷଣକୁ ବଢ଼ାଉଛି। ଗବେଷଣାରେ ଏହି ପରିବର୍ତ୍ତନକୁ ଭୁବନେଶ୍ୱରର ଦ୍ରୁତ ସହରୀକରଣ ସହ ସିଧାସଳଖ ଭାବେ ଯୋଡ଼ାଯାଇଛି। ୨୦୦୦ରୁ ୨୦୨୫ ମଧ୍ୟରେ ସହରର ନିର୍ମିତ ଅଞ୍ଚଳ ୩୬ ବର୍ଗ କିଲୋମିଟରରୁ ବଢ଼ି ୧୨୨ ବର୍ଗ କିଲୋମିଟରରୁ ଅଧିକ ହୋଇଛି। ଅନ୍ୟପକ୍ଷରେ କୃଷି ଜମି ୮୩ ପ୍ରତିଶତ କମିଯାଇଥିବାବେଳେ ସବୁଜ ଆବରଣ ଅଧାରୁ ଅଧିକ ହ୍ରାସ ପାଇଛି। କଂକ୍ରିଟ, ପିଚୁ ରାସ୍ତା ଓ ବଡ଼ ବଡ଼ ଅଟ୍ଟାଳିକା ଦିନରେ ଉତ୍ତାପ ଶୋଷଣ କରି ରାତିରେ ଧୀରେ ଧୀରେ ଛାଡୁଥିବାରୁ ସହରର ରାତି ଅଧିକ ଗରମ ରହୁଛି। ଗବେଷକମାନେ କହିଛନ୍ତି ଯେ, ୧୯୯୦ ଦଶକ ପରଠାରୁ ଅତ୍ୟଧିକ ଉଷ୍ଣ ବର୍ଷର ସଂଖ୍ୟା ବହୁତ ବଢ଼ିଛି। ୨୦୦୯, ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ସବୁଠାରୁ ଅଧିକ ଉଷ୍ଣ ବର୍ଷ ମଧ୍ୟରେ ରହିଛି। ସେମାନଙ୍କ ମତରେ, ୨୦୨୦ ଦଶକର ମଧ୍ୟଭାଗ ସୁଦ୍ଧା ଭୁବନେଶ୍ୱରର ହାରାହାରି ଓ ସର୍ବନିମ୍ନ ତାପମାତ୍ରା ପୂର୍ବରୁ ସାଧାରଣ ବୋଲି ବିବେଚିତ ସୀମାକୁ ସ୍ଥାୟୀ ଭାବେ ଅତିକ୍ରମ କରିସାରିଛି। ଏହା ଏକ ସାମୟିକ ଉତ୍ତାପ ପ୍ରବାହ ନୁହେଁ, ବରଂ ଭୁବନେଶ୍ୱର ଏକ ସ୍ଥାୟୀ ଉଷ୍ଣ ଜଳବାୟୁ ପର୍ଯ୍ୟାୟରେ ପ୍ରବେଶ କରିଥିବା ସ୍ପଷ୍ଟ ସଙ୍କେତ ଦେଇଛି।


GOVERNMENT OF ODISHA — 19001/169/2627

**Panchayat Samiti, Junagarh**

E-Procurement Notice

Bid Identification No. PS-JNG-T-3/2026-27

| | | |
|---|---|---|
| 1 | No. of the work | Building works 1 nos. |
| 2 | Estimated cost | Rs. 17.47 lakh |
| 3 | Class of Contractor | "C" & "D" |
| 4 | Period of completion | 6 months |
| 5 | Date and time of availability of bid document in the portal | 11.00 hrs of 01.08.2026 to 17.00 hrs of 17.08.2026 |
| 6 | Last date/Time for receipt of bid in the portal | 17.00 hour of 17.08.2026 |
| 7 | Name and address of the Officer Inviting Bid | Block Development Officer, Junagarh |
| 8 | Date & Venue of Opening of the Single Cover Bid and Technical Bid (Cover 1) | On 18.08.2026 at 11.00 AM in the Office of the Panchayat Samiti, Junagarh |

Further details can be seen from the e-procurement portal: https://tendersodisha.gov.in

Block Development Officer
Junagarh

OIPR-19001/19180/1/26-27/0001

GOVERNMENT OF ODISHA — 32001/626/2627
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
CHHELIGADA HEADWORKS DIVISION, AT/PO: MAHENDRAGADA,
VIA: CHANDRAGIRI, DIST: GAJAPATI. PIN – 761017.
e-mail: eechwd@gmail.com

e-Procurement Notice No. SE-CHWD-01/2026-27

1. **Type of Work** :- Building work
2. **Total No of Works** :- 04 (Four) Nos.
3. **Amount put to tender** :- Varies from ₹13.61 Lakh to ₹13.38 Lakh
4. **Period of completion** :- 06 (Six) calendar months
5. **Paper Cost** :- ₹6000/- per each
6. **Class of Contractor** :- 'D' & 'C' Class of Contractor

| Sl. No. | Procurement Officer | Bid Identification No. | Name of the Work | Bid Amount (Rs. in lakh) | Availability & Submission of Bid Online | Date and Place of Opening of Technical Bids Online |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Superintending Engineer, Chheligada Headworks Division, Mahendragada | e-CHWD-01/2026-27 | Construction of Anganwadi center for R&R colony Bidyadharpur of Chheligada Irr. Project | 13.61 | From 03.08.2026, 11.00 A.M. to 14.08.2026, 5.00 P.M. | 17.08.2026 (11.30 A.M.) in the office of the Superintending Engineer, Chheligada Headworks Division, Mahendragada. |
| 2 | | e-CHWD-02/2026-27 | Construction of Anganwadi center for R&R colony Chakundapalli of Chheligada Irr. Project | 13.43 | | |
| 3 | | e-CHWD-03/2026-27 | Construction of Anganwadi center for R&R colony Balipata of Chheligada Irr. Project | 13.38 | | |
| 4 | | e-CHWD-04/2026-27 | Construction of Anganwadi center for R&R colony Babulibandha of Chheligada Irr. Project | 13.38 | | |

Bidders are to participate in online bidding only. Further details can be seen from the Govt. of Odisha e-Procurement Website www.tendersodisha.gov.in. Any addendum/corrigendum/cancellation of the tender can be seen in the above website only.

Superintending Engineer,
Chheligada Headworks Division,
Mahendragada

OIPR-32001/32109/1/26-27/0001

25001/846/2627 — E_maill: rw_bhawanipatna@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS, DIVISION, BHAWANIPATNA.
Letter No. 2265 Date: 24.07.2026
e-Procurement Notice
Bid identification No: SERWBPT/Online-05/2026-27

1. Class of Contractor
   a) Estimated cost more than Rs.20.00 lakhs And less than Rs.3.00 Crore : **B Class Contractor** of Odisha PWD) or relevant class of other licensing authorities.
   b) Estimated cost more than Rs.20.00 lakhs And less than Rs.40.00 Lakhs : **C Class & B Class Contractor** of Odisha PWD) or relevant class of other licensing authorities
   c) Estimated cost less than Rs.20.00 lakhs : **D Class & C Class Contractor** of Odisha PWD) or relevant
2. Period of Completion : **As mentioned in the Annexure column-07**
3. E.M.D. required : The bidders shall transfer on line the EMD of the Amount as specified for the work in the table Col no-4 in the Annexure-A.
4. Cost of tender Paper : **As mentioned in the Annexure column-05**
5. Mode of Submission of Tender : Tender should be submitted online in www.tendersorissa.gov.in
6. Period of availability of tenders on-line / Date and time of bidding online /last date of seeking clarification / date of opening of Tender Papers. : The details are as follows.
7. Other details : As per DTCN & www.tendersorissa.gov.in

| Procurement Officer | Bid Identification No | Availability of Tender on line for bidding | | Last date & time of seeking tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer R.W. Division, Bhawanipatna | SERWBPT-online-05/2026-27 | 05.08.2026 At 10.00 AM | 24.08.2026 Up to 5.00 PM | 24.08.2026 Up to 5.00 PM | 25.08.2026 At 11.00 AM | Will be intimated Separately |

Other details can be seen in the bidding documents, which is available in website www.tendersorissa.gov.in

Supereintending Engineer
Rural Works Division,Bhawanipatna

OIPR-25001/25070/1/26-27/0003

**AFFIDAVIT**

I, Ipsita Agrawal, D/o Pradeep Kumar Agrawal, Resident of Union Bank Pakha, Shankar Cinema Road, Po/Ps and Dist.-Angul, Pin-759122, Odisha declare by this affidavit No-19973 Dated 30 July 2026 that now onwards I shall be known as **IPSITA AGARWAL** for all future purposes.

**Change of Name (Minor)**

By virtue of an affidavit (CF No-144, Date: 30/07/2026) sworn before The Executive Magistrate, Jharbandh. I, Dinesh Sahu (applicant name), S/o Kapurchan Sahu, permanent & current resident of R/o-vill-Balangir, PO: Dava , PS/TAH-Jharbandh, Dist: Bargarh, State: Odisha declare that I have changed my minor son's name from Bhimesh Sahu to Bhabesh Sahu. Henceforth, he shall be known as **Bhabesh Sahu** (new name) for all purposes.

**NOTICE**

By virtue of an affidavit sworn before the Notary Public, Bhubaneswar, dated 22/06/2026 I, RASHMINANDITA JENA, W/o- SRIKANTA RAUT , Resident of of Duplex-104, Plot No-388 Nandan Villa, Raghunathpurjalli, Raghunathpur, Po-Kalarahanga, Bhubaneswar, Dist-Khordha, ODISHA-751024, I declare that my name changed from **RASMINANDITA RAUT** to **RASHMINANDITA JENA**. Henceforth, I Shall be known as **RASHMINANDITA JENA** for all future purposes.

**RASHMINANDITA JENA**

**AFFIDAVIT**

I, SANJAYA KUMAR SHARMA, aged about 42 years, S/o- PRAFULLA KUMAR NATH, Resident of AT-KAUPADA, PO-BAGHILO BABANPUR, PS-DERABIS, DIST- KENDRAPARA- 754208. ODISHA, declared by this Affidavit No.866/2026 Dated. 29.07.2026, That now onwards I shall Be Known as **SANJAY SHARMA** for all future Purposes.

**AFFIDAVIT**

By virtue of an affidavit no. 37 before the Executive Magistrate, Rairakhol, dtd-29/07/2026, I, Satyajit Meswa, Vill- Kadaligarh, P.S. Rairakhol, Dist. Sambalpur, hereby declare that the name of my minor son has been changed from Sajansip Meswa to Ritesh Meswa. Both names refer to the same person. Henceforth he shall be known as **Ritesh Meswa** for all purposes.

**Satyajit Meswa**

**AFFIDAVIT**

By virtue of an affidavit no. 826 before the Executive Magistrate, Nabarangpur, dtd-29/07/2026, I, Sri Sekhar Hial, Vill- Kangara, P.S. Tentulikhunti, Dist. Nabarangpur hereby declare that my name has been wrongly recorded as Sekhar Harijan, S/o Kurupasindhu Harijan, in my Driving Licence but my correct name is Sekhar Hial, S/o Moya Hial, as per my Aadhaar and PAN. Henceforth, I shall be known as **Sekhar Hial, S/o Moya Hial** for all purposes.

**Sd/- Sekhar Hial**

**AFFIDAVIT**

I, Phanindra Bhusan Sahu (59) S/o Gayadhar Sahu of GG-9, Civil Township, Rourkela-4, P.S : Raghunathpalli, Dist-Sundargarh do hereby declare vide affidavit No A/66, dtd 30. 07. 2026 sworn before the Executive Magistrate, Uditnagar, Rourkela that, my correct name is Phanindra Bhusan Sahu, which is mentioned in my Voter ID, Bank Passbook etc. whereas in my Aadhar card No.4366 9094 4315 the same is mentioned wrongly as Ffanindra kumar Sahu. Hence both the names stand for one and same person i.e. myself, which will be produced for Adhar correction before the competent authority. The facts stated above are true to my knowledge.

**LOST**

I jagannath sahu (31) son of Prabhakar Sahu of resident Brahmin Sahi, Rayagada PS/District Rayagada,i lost my certificate 1. B Tech electrical engineering bearing Regd No-1221317047 and issued with certificate SL No-DO8160122160 and Certificate No- BPC140121369 2. 10 th Board,Roll No- 04 PH 086,board of Secondary Education, 3. Diploma in Electrical bearing,No-F0956022141and issued with Certificate SL No- 12/378122. I have lodged a FIR at Rayagada police station vide GD No.006 dated 06/11/2025 time-12:13pm If anyone finds it kindly inform me on below mentioned contact no-9040959673.

# ବନ୍ୟା ଉଜାଡ଼ିଲା ଫସଲ | ୧୧ ହଜାର ହେକ୍ଟରରୁ ଅଧିକ ଚାଷଜମି ଜଳମଗ୍ନ

ବାଲେଶ୍ୱର, ୩୦।୭ (ସମିସ)



ଲଗାଣ ବର୍ଷା ଏବଂ ଉପରମୁଣ୍ଡରୁ ଆସିଥିବା ବନ୍ୟାଜଳ ଯୋଗୁଁ ଜିଲ୍ଲାର ବିସ୍ତୃତ ନଦୀକୂଳିଆ ଏବଂ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପ୍ରକୃତିର ଏହି କୋପ ଯୋଗୁଁ ସବୁଠାରୁ ବେଶି ପ୍ରଭାବିତ ହୋଇଛନ୍ତି ସାଧାରଣ ଚାଷୀ। ବର୍ଷାର ଆରମ୍ଭରୁ ହସୁଥିବା ସବୁଜ ଧାନ କ୍ଷେତ ଏବେ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ସମୁଦ୍ରର ରୂପ ଧାରଣ କରିଛି। ପ୍ରାଥମିକ ଆକଳନ ଅନୁଯାୟୀ, କେବଳ ବାଲେଶ୍ୱର ସଦର ବ୍ଲକରେ ହିଁ ପ୍ରାୟ ୧୧ ହଜାର ହେକ୍ଟରରୁ ଉଦ୍ଧ୍ୱର୍ ଚାଷ ଜମିରେ ବନ୍ୟା ପାଣି ଠିଆ ହୋଇ ରହିଛି, ଯାହାକି ଆଗାମୀ ଦିନରେ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯିବାର ବଡ଼ ଆଶଙ୍କା ସୃଷ୍ଟି କରିଛି। ବାଲେଶ୍ୱର ଜିଲ୍ଲା ପାଇଁ ବନ୍ୟା କୌଣସି ନୂଆ କଥା ନୁହେଁ। ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇଲେ ବାଲେଶ୍ୱର ସଦର, ବସ୍ତା, ଜଳେଶ୍ୱର, ଭୋଗରାଇ ଏବଂ ରେମୁଣା ବ୍ଲକର ବିସ୍ତୃତ ଚାଷ ଜମି ପ୍ରତିବର୍ଷ ଏହିପରି ଜଳମଗ୍ନ ହୋଇଥାଏ। ପୂର୍ବରୁ ଅନେକ ଥର ଭୟଙ୍କର ବନ୍ୟା ସମୟରେ ଚାଷୀଙ୍କ ହଜାର ହଜାର ହେକ୍ଟର ଚାଷ ଜମିରେ ଦୀର୍ଘ ଦିନ ଧରି ପାଣି ଜମି ରହିବା ଯୋଗୁଁ ଗଜା ରୁଆ ଓ ବୁଣା ଧାନ ଗଛ ପଚିନଷ୍ଟ ହୋଇଯାଇଥିବାର ନଜୀର ରହିଛି। ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ହେଉଥିବା ଏହି ବନ୍ୟା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥାଏ। ଚଳିତ ବର୍ଷ ମଧ୍ୟ ସେହି ସମାନ ସ୍ଥିତି ଦୋହରାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସଦର ବ୍ଲକର, ଏବେ ପାଣି ଘେରରେ ରହିଛି। ସଦର ବ୍ଲକର ବଇଁଚା, ହଳଦୀପଦା, ବୁଆଁଳ, ଚାନ୍ଦିପୁର, ଗୋପୀନାଥପୁର, କୁରାଡ଼ିଆ, ନଗ୍ରମ, ଓଲନ୍ଦା ସାରଗାଁ, ଓଡ଼ଙ୍ଗୀ, ପରାକ୍ଷୀ, ପାତ୍ରପଡା, ସିନ୍ଧିଆ ଓ ଶ୍ରୀକୋଣା ପଂଚାୟତର ସହ ବିଭିନ୍ନ ପଂଚାୟତ ସମେତ ତୋଟାପାଳ, ପାଖରାବାଡ, ରଘୁନାଥପୁର, ବଳରାମଗଡି, ମୀର୍ଜାପୁର, ଚାନ୍ଦିପୁର, ନଳକୂଳୀ, ମାଣିକୁଲା, କାଠପାଳ, ପରମାନନ୍ଦପୁର, ଫୁଲୱରକସବା, କଂଟାବଣିଆ ଆଦି ପ୍ରଭାବିତ ଅଞ୍ଚଳଗୁଡ଼ିକରେ ହଜାର ହଜାର ଏକର ଧାନ ଜମିରେ କେବଳ ପାଣିର ଲହଡ଼ି ଭାଙ୍ଗୁଛି। ଅନ୍ୟପଟରେ ଚାଷୀମାନେ ଧାର-କରଜ କରି, ସାର ଓ ବିହନ ପାଇଁ ଟଙ୍କା ଖର୍ଚ୍ଚ କରି ଯେଉଁ ଧାନ କ୍ଷେତକୁ ସଜାଡ଼ିଥିଲେ, ତାହା ଆଖି ପିଛୁଳାକେ ବନ୍ୟାଜଳରେ ଲୀନ ହୋଇଯାଇଛି। ଯଦି ଆଗାମୀ ୨ରୁ୩ ଦିନ ମଧ୍ୟରେ ଜଳସ୍ତର ହ୍ରାସ ନ ପାଏ, ତେବେ ବୁଡ଼ି ରହିଥିବା ତଳି ଧାନ ଗଛଗୁଡ଼ିକ ସମ୍ପୂର୍ଣ୍ଣ ପଚିଯିବ ଯାହା ଫଳରେ ସେମାନଙ୍କର ମେରୁଦଣ୍ଡ ଭାଙ୍ଗି ଯିବ। ଏହାଛଡା ସେମାନେ ବର୍ଷସାରା ପରିବାର ପ୍ରତିପୋଷଣ କରିବା ପାଇଁ କଷ୍ଟକର ହୋଇପଡ଼ିବ। ଫଳରେ ଚାଷ ଉଜୁଡ଼ିଯିବା ଭୟରେ ଚାଷୀକୂଳ ଏବେ ଚିନ୍ତାଗ୍ରସ୍ତରେ ରହିଛନ୍ତି। ଏହି ସଂକଟଜନକ ସ୍ଥିତିକୁ ଦୃଷ୍ଟିରେ ରଖି କୃଷି ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ କ୍ଷତି ଗ୍ରସ୍ତ ଅଞ୍ଚଳ ତଦାରଖ କରି ନଷ୍ଟ ହୋଇଥିବା ଚାଷ ଜମିର ଆକଳନ ସ୍ପଷ୍ଟ କରିବା ସହ ପ୍ରଭାବିତ ଚାଷୀମାନଙ୍କୁ ସରକାରୀ ସହାୟତା ଏବଂ ବିକଳ୍ପ ଚାଷ ପାଇଁ ବିହନ ଯୋଗାଇଦେବାକୁ ଦାବି ହେଉଛି। ଏ ନେଇ ଚାଷୀ ସତ୍ୟନାରାୟଣ ସାହୁ କହିଛନ୍ତି ଯେ, ଚଳିତ ବର୍ଷ ସେ ଦେଢ଼ ଏକର ଜମିରେ ଚାଷ କରିବା ପାଇଁ ୨୦କେଜି ବିହନ ବୁଣି ଥିଲେ। ବିହନ ବୁଣିବାର ଦୁଇ ଦିନ ପରେ ଲଘୁଚାପ ବର୍ଷା ହେଇଥିଲା ଏବଂ ପରେ ବନ୍ୟା ହେଲା। ସେଥିରେ ତାଙ୍କ ବିଲରେ ପାଣି ଠିଆ ହେଇ ରହିଛି ଯାହଫଳରେ ତାଙ୍କ ବିହନ ସବୁ ନଷ୍ଟ ହୋଇଯାଇଛି। ଏବେ କଣ କହିବେ ସେଇ ଚିନ୍ତାରେ ରହିଛନ୍ତି କହିଛନ୍ତି। ଅନ୍ୟପଟେ ସଦର ବ୍ଲକ କୃଷି ଅଧିକାରୀ ଅଳକା ସାହୁ କହିଛନ୍ତି ଯେ, ପ୍ରାଥମିକ ସ୍ତରରେ ୧୧ହଜାର ହେକ୍ଟର ଜମିରେ ପାଣି ମାଡ଼ି ରହିଛି ବୋଲି ତଥ୍ୟ ପ୍ରଦାନ କରାଯାଇଛି। ଏଥିରେ ରୁଆ ଆଉ ବୁଣା ସାମିଲ ଥିଲା। ତେବେ ବିଲରୁ ପାଣି ଛାଡିବା ପ୍ରକୃତ ତଥ୍ୟ ଜଣା ପଡ଼ିବ।

## ତଳିଆ ଅଞ୍ଚଳରେ ପଶିଲା ବନ୍ୟା ପାଣି



**କାଳିପଦା, ୩୦।୭ (ସମିସ):** ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ଆଜି ସୁବର୍ଣ୍ଣ ରେଖା ନଦୀର ଜଳ ପତନରେ ବୃଦ୍ଧି ଘଟିଛି। ନଦୀ ତଟ ତଳିଆ ଅଞ୍ଚଳରେ ସନ୍ଧ୍ୟା ବେଳକୁ ବନ୍ୟା ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। କ୍ରମାଗତ ଭାବରେ ପାଣି ବଢୁ ଥିବାରୁ ଲୋକେ ଶଙ୍କାରେ ରହିଛନ୍ତି। ଜଳେଶ୍ୱର ବ୍ଲକ ରାଜଘାଟ ଠାରେ ନଦୀର ଜଳ ପତନ ୮. ୫୪ ମିଟର ରହିଛି। ଏଠାରେ ସତର୍କ ସୂଚନା ୯. ୪୫ ମିଟର ରହିଥିବା ବେଳେ ବିପଦ ସଂକେତ ହେଉଛି ୧୦. ୩୬ ମିଟର। ବନ୍ୟା ପାଣି ବାଲିଆପାଳ ପଞ୍ଚାୟତର ମନୁ ନଗର, ତଳ ବାଲିଆପାଳ, ଗୁନାପୁର, ଆଠବାଟିଆ, ବିଷ୍ଣୁପୁର ପଞ୍ଚାୟତର ବିଷ୍ଣୁପୁର, ରସଲପୁର, ନୟାବାଲି, ଜାମ କୁଣ୍ଡା ପଞ୍ଚାୟତର କୁହ୍ଲାଚଡ଼, ତାଳପଦା , ଅସ୍ତି ପଞ୍ଚାୟତର ଚଡ଼ ବଢାପାଳ, ଛୋଟ ଖାନପୁର, ଘଣ୍ଟୁଆ ପଞ୍ଚାୟତ ର ଚଡ଼ ପାଳପଡ଼ା, ପାଳଚମ୍ପେଇ, ନିଖିରା ପଞ୍ଚାୟତର ପାଳପଡ଼ା, କୁମ୍ଭାରୀ ପଞ୍ଚାୟତର ଝଲ ଝଲିଆ ଆଦି ଗାଁ କୁ ବନ୍ୟା ପାଣି ପଶିଛି। ବଢାପାଳ ହାଟ ଓ ପାଳ ପଡ଼ା ନଦୀ ବନ୍ଧ ଦୁର୍ବଳ ଥିବାରୁ ସେହିସବୁ ତଳିଆ ଅଞ୍ଚଳର ଲୋକ ମାନେ ଭୟ ଭୀତ ଅବସ୍ଥାରେ ରହିଛନ୍ତି। ତେବେ ବନ୍ୟାର ଆଶୁ ମୁକାବିଲା ପାଇଁ ପ୍ରଶାସନ ସବୁ ପ୍ରକାର ବ୍ୟବସ୍ଥା କରିଛି ବୋଲି ବିଡ଼ିଓ ରାଜ କିଶୋର ଦାସଙ୍କ ସୂତ୍ରରୁ ପ୍ରକାଶ। ବନ୍ୟା ଅଞ୍ଚଳର ସମସ୍ତ ସରପଞ୍ଚ ମାନଙ୍କୁ ସଜାଗ ରହିବା ପାଇଁ କୁହାଯାଇଛି। ବାତ୍ୟା ଆଶ୍ରୟ ସ୍ଥଳୀକୁ ମଧ୍ୟ ପ୍ରସ୍ତୁତ କରି ରଖା ଯାଇଛି। ଲୋକେ ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆ ଯାଇଛି ବୋଲି ବିଡ଼ିଓ ମଧ୍ୟ କହିଛନ୍ତି।

## ରିଲିଫ୍ ବାଣ୍ଟିବାକୁ ଯାଇ ଗାଁରେ ରେମୁଣା ବିଧାୟକ ହଟହଟା



**ବାଲେଶ୍ୱର, ୩୦।୭ (ସମିସ):** ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସାଲପୁର ପଞ୍ଚାୟତର କୁସୁମୁଲି ପାହି ଗାଁରେ ବନ୍ୟା ଓ ଜଳବନ୍ଦୀ ସମସ୍ୟାର ସମୀକ୍ଷା କରିବା ସହ ରିଲିଫ ସାମଗ୍ରୀ ବାଣ୍ଟିବାକୁ ଯାଇ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ। ଗୁରୁବାର ବିଧାୟକ ନିଜର ଗାଡ଼ି ଓ ସୁରକ୍ଷାକର୍ମୀଙ୍କ ସହ କୁସୁମୁଲି ପାହି ଗାଁକୁ ଯାଇଥିଲେ। ମାତ୍ର ସେଠାରେ ପହଞ୍ଚିବା ପରେ ସ୍ଥାନୀୟ ମହିଳା ଓ ଗ୍ରାମବାସୀ ସଂଘବଦ୍ଧ ହୋଇ ତାଙ୍କୁ ଘେରିଥିଲେ। ଦୀର୍ଘଦିନ ହେବ ଜଳବନ୍ଦୀ ସମସ୍ୟା ଓ ଅନ୍ୟାନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଚଣ୍ଡ ଅସନ୍ତୋଷ ପ୍ରକାଶ ପାଇଥିଲା। ସେଠାରେ ପହଞ୍ଚିବା ପରେ ବିଧାୟକ ଗ୍ରାମବାସୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ହେଁ, ଲୋକମାନେ ନିଜ ନିଜର ଅଭିଯୋଗ ନେଇ ବିଧାୟକଙ୍କ ସହ ପାଟିତୁଣ୍ଡ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ବିଧାୟକ ଗାଡ଼ିରୁ ଓହ୍ଲାଇ ଲୋକଙ୍କୁ ଶାନ୍ତ କରିବାକୁ ବାଧ୍ୟ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କେବଳ ସଙ୍କଟ ସମୟରେ ଫଟୋ ଉଠାଇବା ଓ ଭିଡିଓ କରିବା ପାଇଁ ନେତାମାନେ ଗାଁକୁ ଆସୁଛନ୍ତି, ମାତ୍ର ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ବିଧାୟକଙ୍କ ସୁରକ୍ଷାକର୍ମୀ ଓ ପୁଲିସ କର୍ମଚାରୀମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ପାଣି ନିଷ୍କାସନ ବେଳେ ଜେସିବି ଉପରେ ଚଢ଼ିଲେ ମହିଳା

**ସୋର, ୩୦।୭ (ସମିସ):** ଚଳିତ ଲଗାଣ ବର୍ଷା ଫଳରେ ସୋରରେ ବନ୍ୟା ପରିସ୍ଥିତି ଉପୁଜିଛି। କିନ୍ତୁପୌର ପାଳିକା ଅନ୍ତର୍ଗତ କଲେଜ ଛକରେ ବିନା ଅନୁମତିରେ ପୋଲ ନିର୍ମାଣ ଦ୍ୱାରା ପାଣି ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଛି। ଏପରି ସ୍ଥଳେ ପ୍ରଶାସନ ତରଫରୁ ବେଆଇନ ପୋଲକୁ ଉଛେଦ କରାଯାଇ ଜଳ ନିଷ୍କାସନ କରାଯାଉଛି। ମାତ୍ର କେତେକ ମୁଷ୍ଟିମେୟ ଲୋକଙ୍କ ମନମାନି ପାଇଁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଆଜି ସୋର କଲେଜ ଛକସ୍ଥିତ ଗଳା ପୋଲ ନିକଟରେ ବର୍ଷା ଜଳ ନିଷ୍କାସନରେ ବାଧା ଉପୁଜିବାରୁ ତହସିଲ ପକ୍ଷରୁ ସେଠାରେ ବେଆଇନ ଓ ଅବୈଧ ପୋଲକୁ ଉଚ୍ଛେଦ କରାଯାଇଛି। ଏହି ସମୟରେ କଲେଜ ଛକରେ ଥିବା ଏକ ବହୁତଳ ଅଟ୍ଟାଳିକାରେ କାର୍ଯ୍ୟରତ କିଛି ମହିଳା ଉଚ୍ଛେଦକୁ ବିରୋଧ କରି ଜେସିବି ଉପରକୁ ଚଢି ଯାଇଥିଲେ। ଫଳରେ ଉଛେଦ କାର୍ଯ୍ୟରେ ବାଧା ଉପୁଜିବାରୁ ଜଳ ନିଷ୍କାସନ ହୋଇ ପାରି ନ ଥିଲା। ପରେ ଅତିରିକ୍ତ ତହସିଲଦାର ସଞ୍ଜୀବ



କୁମାର ପାତ୍ର ସୋର ପୋଲିସ ସହାୟତାରେ ସେମାନଙ୍କୁ ହଟାଇବା ପରେ ଜେସିବି ସହାୟତା ରେ ଅବରୋଧ ଉଚ୍ଛେଦ କରାଯାଇ ଜଳ ନିଷ୍କାସନ କରାଯାଇଥିଲା। ସେହିପରି ଶରଶଙ୍କ ଠାରେ ସ୍ଥାନୀୟ ଗ୍ରାମବାସୀମାନେ ବିନା ପ୍ରଶାସନିକ ଅନୁମତିରେ ବ୍ୟକ୍ତିଗତ ଅବୈଧ ପୋଲକୁ ଅବରୋଧ ହଟାଇ ଜଳ ନିଷ୍କାସନ କରିଥିଲେ। ଏହି ସମୟରେ କୁଡେଇ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କୁମାର ବାରିକ ଉପସ୍ଥିତ ରହି ବେଆଇନ ସରକାରୀ ଜାଗା ଗୁଡ଼ିକରେ ବେଆଇନ ନିର୍ମାଣ ଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥିଲେ।

## ବର୍ଷାରେ ଧୋଇଗଲା ରାସ୍ତା



**ବାଲେଶ୍ୱର, ୩୦।୭ (ସମିସ):** ଲଗାଣ ବର୍ଷାରେ ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ବେଶ୍ୱରପୁର ଗ୍ରାମର ପୂର୍ବପାଶ୍ୱର୍ ବଡଖୁଆଆଡି ଉପଜାତି ବସ୍ତିର ଲୋକମାନଙ୍କ ଦୀର୍ଘଦିନର ସମସ୍ୟା ପୁଣିଥରେ ପ୍ରକଟ ହୋଇଛି। ସ୍ଥାନୀୟ ଲୋକପ୍ରତିନିଧି ଓ ପ୍ରଶାସନର ଉଦାସୀନତା ଯୋଗୁଁ ବସ୍ତିବାସୀ ନିଜ ଉଦ୍ୟମରେ ନିର୍ମାଣ କରିଥିବା ରାସ୍ତାଟି ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ପରମାନନ୍ଦ ସେଠୀଙ୍କ ଘରଠାରୁ ଲାଇବ୍ରେରୀ ଖାଲ ପର୍ଯ୍ୟନ୍ତ ଥିବା ଏହି ରାସ୍ତା ଉପରେ ଦୀର୍ଘ ସମୟ ଧରି ବର୍ଷା ଓ ବନ୍ୟାଜଳ ପ୍ରବାହିତ ହେବାରୁ ତାହା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ରାସ୍ତାଟି ଚାଲିବା ଅବସ୍ଥାରେ ନଥିବାରୁ ସାଧାରଣ ଲୋକଙ୍କ ସହ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ରୋଗୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। ତେଣୁ ବସ୍ତିବାସୀମାନେ ତୁରନ୍ତ ରାସ୍ତାର ମରାମତି ସହ ବନ୍ୟାଜଳର ସ୍ଥାୟୀ ନିଷ୍କାସନ ବ୍ୟବସ୍ଥା କରି ଏକ ପକ୍କା ସଡ଼କ ନିର୍ମାଣ କରିବାକୁ ଦୃଢ଼ ଦାବି ଜଣାଇଛନ୍ତି। ଏ ନେଇ ସାମାଜିକ କର୍ମୀ ମୋନାଲିସା ମୋନାଲିସା ସେଠୀ, ଜୟନ୍ତୀ ସେଠୀ, ଶାନ୍ତିଲତା ସେଠୀ, ହରେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ବନପ୍ରଭା ଜେନା, ବାସନ୍ତୀ ପ୍ରଧାନ, ଲାଇସୁ ପ୍ରଧାନ ପ୍ରମୁଖ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଅବିଳମ୍ବେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ହସ୍ପିଟାଲ ସମ୍ମୁଖରେ ଗଣଧାରଣା

**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୩୦।୭ (ସମିସ):** ରବିବାର ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଜି. କେ. ଭଟ୍ଟର ହସ୍ପିଟାଲ ପରିସରରେ ଜଳେଶ୍ୱର ସରକାରୀ ମେଡିକାଲ କଲେଜ ଓ ହସପିଟାଲ ଏକ୍ସନ କମିଟି ପକ୍ଷରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତକୁ ନେଇ ଏକ ଗଣ ଧାରଣା



ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଶାଖାର ସଭାପତି କମଳ ଚକ୍ରବର୍ତ୍ତୀ ସଭାପତିତ୍ୱରେ ଆୟୋଜିତ ଏହି ଗଣ ଧାରଣାରେ ସମ୍ପାଦକ ଅଜିତ କୁମାର ମହାନ୍ତି, କେନ୍ଦ୍ରୀୟ କମିଟିର ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବାଲେଶ୍ୱର ଜିଲ୍ଲା ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ରମେଶ ଚନ୍ଦ୍ର ଜେନା, ଡଃ ରମାକାନ୍ତ ଭଞ୍ଜ, ଶରତ ଚନ୍ଦ୍ର ପରିଡ଼ା, ଭାସ୍କର ଚନ୍ଦ୍ର ମିଶ୍ର, ଡଃ ଲଳିତ ରଂଜନ ସେନାପତି, କାଳି ଚରଣ ପୁଷ୍ଟି, ମହେଶ୍ୱର ଜେନା, ଇଂ ରାମଚନ୍ଦ୍ର ସାହୁ, ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ସବିତା ଭୂୟାଁ, ରତ୍ନାକର ରାୟ, ଦୀପ୍ତିମାନ ଆଚାର୍ଯ୍ୟ, ପ୍ରଶାନ୍ତ ପାତ୍ର, ଜଗଦୀଶ ନନ୍ଦୀ, ପଲ୍ଟୁ ଦାସ, ସୁଦାମ ପାତ୍ର, ସୁକୁମାର ରଣା, ଡ. ରଜନୀ କାନ୍ତ ଭୂୟାଁ, ସୁମନ୍ତ ଘୋଷ, ରବିନ୍ଦ୍ର ନାଥ ବାରିକ, ସୁଶାନ୍ତ ରାଉତ, ସୁକୁମାର ଦତ୍ତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଜି କେ ଭଟ୍ଟର ହସ୍ପିଟାଲ, ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜଳେଶ୍ୱର ବ୍ଲକରେ ଥିବା ବିଭିନ୍ନ ଆରୋଗ୍ୟ ମନ୍ଦିରର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସୁଧାର, ଜି କେ ଭଟ୍ଟର ହସ୍ପିଟାଲରେ ହାର୍ଟ ପରୀକ୍ଷା ପାଇଁ ଇକୋ ମେସିନ, ଏମ ଆର ଆଇ ମେସିନ, ରକ୍ତ ସଂଗ୍ରହ କେନ୍ଦ୍ର ପାଇଁ ଜଳେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଥିଲା। ଶେଷରେ ୬ ଦଫା ସମ୍ବଳିତ ଏକ ଦାବିପତ୍ର ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲର ମୁଖ୍ୟ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

## ଔଷଧ ବ୍ୟବସାୟୀଙ୍କ ପରଲୋକ

**ସୋର, ୩୦।୭ (ସମିସ):** ସୋର ଅଡଙ୍ଗ ବଜାରସ୍ଥିତ ଅରୋ ଫାର୍ମାସିଟିକାଲ ଔଷଧ ଦୋକାନର ପ୍ରତିଷ୍ଠାତା ବ୍ରଜ କିଶୋର ପ୍ରଧାନଙ୍କ ଗତକାଲି ସନ୍ଧ୍ୟାରେ ସୋର ବାମ୍ପି ଛକସ୍ଥିତ ପୈତୃକ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ତାଙ୍କ ମରଶରୀର ପାଖରେ ପୁତ୍ର, ପୁତ୍ର ବୋଧୂ, ଝିଅ, ଜ୍ୱାଇଁ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ସୋର ବଣିକ ସଂଘର ସଭାପତି ଅଦ୍‌ୱୈତ କୁମାର କରଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶେଷ ଦର୍ଶନ କରିଥିଲେ। ଆଜି ସୋର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି। ସାନ ପୁଅ ରମେଶ ଚନ୍ଦ୍ର ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ତହସିଲ କାର୍ଯ୍ୟାଳୟ ଛାତରୁ ପାଣି ଗଳୁଛି



**ସିମୁଳିଆ,୩୦।୭ (ସମିସ):** ଲଗାଣ ବର୍ଷା ଯୋଗୁଁ ସିମୁଳିଆ ଅଞ୍ଚଳରେ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଭଳି ଅବସ୍ଥାରେ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ବିଭିନ୍ନ ଅଞ୍ଚଳ ବୁଲି ବୁଲି ପରିଦର୍ଶନ କରୁଛନ୍ତି । ହେଲେ ତହସିଲ କାର୍ଯ୍ୟାଳୟ ଛାତରୁ ପାଣି ପଡି କାର୍ଯ୍ୟାଳୟ କାର୍ଯ୍ୟ କରୁଥିବା କର୍ମଚାରୀ କାର୍ଯ୍ୟ କରି ପାରୁ ନ ଥିବା ଦେଖିବାକୁ ମିଳିଛି । ପାଣି ପଡୁଥିବା କିଛି ସ୍ଥାନରେ ବାଲଟି, ମାଡିଆ ଆଦି ବାସନ କୁସନ ରଖି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା । ଏପରିକି ଅତିରିକ୍ତ ତହସିଲଦାରଙ୍କ ରୁମରେ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଥିଲା । ଏ ସଂକ୍ରାନ୍ତରେ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ଏହି କାର୍ଯ୍ୟାଳୟଟି ବହୁ ପୁରୁଣା ହେତୁ ଏହାର ଛାତ ନଷ୍ଟ ହୋଇଯାଇଛି । ଏ ବାବଦରେ ଆର.ଡ଼ି ଅଧିକାରୀଙ୍କୁ ଅବଗତ କରାଯାଇଛି ଖୁବ୍‌ଶୀଘ୍ର ଘର କାର୍ଯ୍ୟ ହେବା କଥା ବର୍ଷା ହେତୁ ବିଳମ୍ବ ହୋଇଛି ବୋଲି ପ୍ରକାଶ କରିଥିଲେ।

## ବନ୍ୟା ବିପନ୍ନଙ୍କୁ ଖାଦ୍ୟ ଓ ପଲିଥିନ ବଣ୍ଟନ

**ବାଲେଶ୍ୱର,୩୦।୭ (ସମିସ):** ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ସହର ସମେତ ଉପକଣ୍ଠ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଜଳବନ୍ଦୀ ହୋଇଥିବାରୁ ଲୋକେ ରୋଷେଇ କରି ନପାରି ଭୋକିଲା ଅବସ୍ଥାରେ ରହିଛନ୍ତି। ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦେଖି ବିକ୍ରମ ପଣ୍ଡା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ରିଲିଫ୍ ବଣ୍ଟନ କରାଯାଇଛି। ଫାଉଣ୍ଡେସନର ମୁଖ୍ୟ ତଥା ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସଦସ୍ୟମାନେ ବାଲେଶ୍ୱର ମ୍ୟୁନିସିପାଲିଟି ୧୨ ନମ୍ବର ୱାର୍ଡର ଦୌଡ଼ିଭଙ୍ଗା ଅଞ୍ଚଳରେ ପହଞ୍ଚି ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ରନ୍ଧା ଖାଦ୍ୟ ବଣ୍ଟନ କରିଥିଲେ। ପରେ ୨୪ ନମ୍ବର ୱାର୍ଡ ଅନ୍ତର୍ଗତ ବାରବାଟୀ ବାଳିକା ସ୍କୁଲରେ ଆଶ୍ରୟ ନେଇଥିବା ବନ୍ୟାବିପନ୍ନଙ୍କୁ ମଧ୍ୟ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହା ପରେ ଶ୍ରୀ ପଣ୍ଡା ସଦର ବ୍ଲକ୍‌ର ହଳଦିପଦା ଓ ରାଇସୁଆଁ ପଞ୍ଚାୟତ ପରିଦର୍ଶନ କରି ସେଠାରେ ବାସହୀନ ପରିବାରଙ୍କୁ ରିଲିଫ୍ ଖାଦ୍ୟ ସହ ପଲିଥିନ ବଣ୍ଟନ କରିଥିଲେ।

## ଗାଧୋଇବା ବେଳେ ନଈରେ ବୁଡ଼ି ଯୁବକ ମୃତ

**ସୋର, ୩୦।୭ (ସମିସ):** ସୋର ବ୍ଲକ ଦହିସଡା ପଞ୍ଚାୟତ ସୁଲତାନପୁର ଗ୍ରାମରେ ଗାଧୋଇବା ବେଳେ ନଈରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ବିଶ୍ୱଜିତ ପାତ୍ର (୨୨) ଆଜି ପୂର୍ବାହ୍ନରେ ଗ୍ରାମ ନିକଟ ନୂଆଗାଁ ଜେଲ ନିକଟରେ ଥିବା ଚିକିଡ଼ି ନଈକୁ ଅନ୍ୟ ଦୁଇ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଗାଧୋଇବା ସମୟରେ ନଈର ପ୍ରଖର ସୁଅରେ ଭାସି ଯାଇଥିବା ବେଳେ ଅନ୍ୟ ଦୁଇ ସାଙ୍ଗ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିବା ବେଳେ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ସୋର ତହସିଲଦାର କୃଷ୍ଣମୋହନ ସିଂହ ଓ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ବିଶ୍ୱଜିତଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଆରମ୍ଭ କରିଛି।

## ଦୋକାନରେ ପଶି ଭଙ୍ଗାରୁଜା କଲା ହାତୀ

**ନୀଳଗିରି, ୩୦।୭ (ସମିସ):** କୁଲଡିହା ଜଙ୍ଗଲରୁ ଏକ ହାତୀ ତାଳଖାଇବାକୁ ଆସି ପାହାଡ଼ ପାଦଦେଶରେ ଅବସ୍ଥିତ ଗାଁ ଗୁଡିକରେ ଥିବା ତାଳଗଛ ନିକଟରେ ପଡ଼ିଥିବା ପାଚିଲା ତାଳ ଖାଉଥିବା ଦେଖିବାକୁ ମିଳିଥିଲା। ଦିନ ପ୍ରାୟ ସାଢେ ସାତଟା ବେଳେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗାର୍ଡ ଜୟଲକ୍ଷ୍ମୀ ପୁହାଣଙ୍କ ସହିତ ସବୁଜବାହିନୀ ଜୟନ୍ତ ସେଠୀ, ମହେଶ୍ୱର ବେହେରା, କ୍ଷୀତିଶ ପରିଡା, ସ୍ଥାନୀୟଯୁବକ ମନୋରଞ୍ଜନ ଦାସଙ୍କ ସହ ଗ୍ରାମବାସୀ ହାତୀଟିକୁ ଖେଦିବାକୁ ଚେଷ୍ଟା କରିଥିଲେ। ମାତ୍ର ଯିବାରାସ୍ତାରେ କିଛି ଦେଖଣାହାରୀ ହାତୀଟିକୁ ବିରକ୍ତ କରିବାରୁ ହାତୀଟି ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଆଡ଼କୁ ଯାଇଥିଲା। ଯିବା ବାଟରେ ଗୁରୁଶକ୍ତି ହୋଟେଲ ସାମ୍ନାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଭାଙ୍ଗିଦେବା ଫଳରେ ନିକଟରେ ଥିବା ଏକ ଚାରିଚକିଆ ଯାନ କ୍ଷତିଗ୍ରସ୍ତ ହୋଇଥିଲା। ପରେ ହାତୀଟି ବସନ୍ତ ପାତ୍ର ଓ ମହେଶ୍ୱର ବେହେରାଙ୍କ ଦୋକାନ ଭିତରେ ପଶି ଜିନିଷପତ୍ର ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ପରେ ହାତୀଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ ହେଁ ଦୀର୍ଘ ୧ଘଣ୍ଟା ଧରି ତାଣ୍ଡବ ରଚିଥିବା ଜଣାଯାଇଛି।

# ବନ୍ୟାଜଳ ନିଷ୍କାସନରେ ବାଧା ସାଜିଛି ବେଆଇନ ନିର୍ମାଣ

ବସ୍ତା ବ୍ଲକ, ୩୦।୭ (ସମିସ)



ବସ୍ତା ବ୍ଲକ ଦେଇ ପ୍ରବାହିତ ନଦୀ ଜଳକାର ବନ୍ୟା ପରିସ୍ଥିତି ବର୍ଷକୁ ବର୍ଷ ଗମ୍ଭୀର ହେଉଛି। ଜଳକା ନଦୀ ଛୋଟ ହେଲେବି ବନ୍ୟା ଆସିଲେ ଭୟଙ୍କର ହୋଇ ଉଠେ। ପ୍ରତ୍ୟେକ ବର୍ଷ ଚାଷୀଙ୍କ ମେରୁଦଣ୍ଡ କୁ ଭାଙ୍ଗି ଦେଇଥାଏ ଜଳକାର ଏକାଧିକ ଥର ବନ୍ୟା। ପୂର୍ବ ବର୍ଷ ମାନଙ୍କରେ ବନ୍ୟା ଆସୁଥିଲେ ମଧ୍ୟ ଚାଷ ଜମି କୁ ଅଳ୍ପ କ୍ଷତି କରୁଥିଲା। ମାତ୍ର ଏବେ ରାଜସ୍ୱ ବିଭାଗ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ସହିତ ମୋଟା ଅଙ୍କର ଅର୍ଥ ଉତ୍କୋଚ ଆଗରେ ସମୂହ ସ୍ୱାର୍ଥ ବଳି ପଡୁଥିବା ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ଜଳ ନିଷ୍କାସନର ରାସ୍ତା ଅବରୋଧ, ଜବର ଦାଖଲ, ଜମି ମାଫିଆଙ୍କ ଟଙ୍କା ଆଗରେ ରାଜସ୍ୱ ବିଭାଗ ବଙ୍କା ହୋଇ ଯାଉଥିବା ଚର୍ଚ୍ଚା ହେଉଛି। ଜଳ ଦାଣ୍ଡ ଜମିକୁ ଘରବାଡ଼ି କରିବା ସହିତ ସବୁ ନିୟମକୁ ଖୋଲା ଖୋଲି ଉଲଂଘନ କରି ବସ୍ତା ରାଜସ୍ୱ ବିଭାଗ ସଲା ସୁତୁରାରେ ଜମି ବିକ୍ରି ହେଉଛି। ଜବର ଦଖଲ ତ ଦୂରର କଥା ନଦୀ ପୋଲ ଆଗରେ ପାଣି ନିଷ୍କାସନ ରାସ୍ତାକୁ ଅବରୋଧ କରି ଚାଲିଛି କୋଠା ନିର୍ମାଣ। ଯାହା ଫଳରେ ବନ୍ୟା ପରିସ୍ଥିତି ଗମ୍ଭୀର ହେଉଛି। ଏହି ଭଳି ଘଟଣା ବସ୍ତା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଅଧିନସ୍ଥ ଅଞ୍ଚଳରେ ଦେଖିବାକୁ ମିଳିଛି। ବସ୍ତା ଏନ୍‌ଏସିରେ ଏହିଭଳି ଏକ ଘଟଣା ସାମ୍ନାକୁ ଆସିଛି। ବସ୍ତା ଏନ୍‌ଏସି ଅନ୍ତର୍ଭୁକ୍ତ ଗୁଣ୍ଡୁରି ସାହି ଏକ ବନ୍ୟା ପ୍ରପୀଡ଼ିତ ଗ୍ରାମ। ବସ୍ତା ହସ୍ପିଟାଲରୁ ଗାନ୍ଧିଛକ ରାସ୍ତାର ଗୁଣ୍ଡୁରୀ ସାହି ଛକ ନିକଟରେ ଥିବା ଏକ ପୋଲ ଦେଇ ବନ୍ୟାଜଳ ଦ୍ରୁତ ବେଗରେ ନିଷ୍କାସିତ ହୋଇ ଥାଏ। ମାତ୍ର ଠିକ୍ ପୋଲ ଆଗରେ ଏକ ନିର୍ମାଣ କାର୍ଯ୍ୟ ଚାଲିଛି। ଯାହା ଫଳରେ ବନ୍ୟାଜଳ କୁ ଅବରୋଧ କରୁଥିବା ରୁ ଚାଷ ଜମି ରେ ବନ୍ୟା ପାଣି ଛାଡୁ ନଥିବା ଅଭିଯୋଗ ହୋଇଛି। ଏଠାରେ ପ୍ରଶ୍ନ ଉଠୁଛି ପୋଲ ଆଗରେ ଥିବା ଜମିକୁ ଘର ବାଡ଼ି ଦେଲା କିଏ? ଯଦି ଘରବାଡ଼ି ନାହିଁ ତାହାଲେ କେଉଁ ଅଧିକାରୀଙ୍କ ଓ ବିଭାଗର ଅନୁମତିରେ ନିର୍ମାଣ ଚାଲିଛି। ଯଦି ଘର ବାଡ଼ି ଜମି ଅଛି ତାହାଲେ କେଉଁ ରାଜସ୍ୱ ନିରୀକ୍ଷକ ଏହାକୁ ଘରବାଡ଼ି କରିବା ପାଇଁ ରିପୋର୍ଟ ଦେଲେ। ଖାଲି ଏହି ଗୋଟିଏ ଘଟଣା ନୁହେଁ ଏହିଭଳି ବସ୍ତା ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଗ୍ରାମମାନଙ୍କରେ କିସମ ପରିବର୍ତ୍ତେ କରି ଘରବାଡ଼ି କରି ଜମି ଦଲାଲ ଜମି ବିକୁଛନ୍ତି। ମୋଟା ଅଙ୍କର ଅର୍ଥ ନେଇ ତହସିଲ ରେ ନଥିଲା କାମ କରାଯାଉଥିବା ଶୁଣିବାକୁ ମିଳିଛି। ଏହାର ମୁଖ୍ୟ କାର୍ପଟଦାର ସାଜୁଛନ୍ତି ସେହି ଅଞ୍ଚଳ ର ରାଜସ୍ୱ ନିରୀକ୍ଷକ। ଏହିଭଳି ଜବରଦଖଲ, ନିର୍ମାଣ କାର୍ଯ୍ୟ ଜଳନିଷ୍କାସନ ରେ ବାଧା ସୃଷ୍ଟି କରିବାରୁ ବସ୍ତା ଚାଷୀଙ୍କ ଭାତହାଣ୍ଡି ଉଜୁଡ଼ି ଯାଉଛି। ଅନ୍ୟ ପକ୍ଷେ ବସ୍ତା ଡ୍ରେନେଜ ବିଭାଗ ନୟନଯୋରିକୁ ସଫା ନ କରିବାରୁ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟ ପକ୍ଷେ ଧୀରେ ଧୀରେ ନୟନ ଯୋରୀକୁ ପୋତି, ଜବରଦଖଲ କରିବା ଓ ତାହା ଉପରେ ଅଣ ଓସାରିଆ ବେଆଇନ ପୋଲ ନିର୍ମାଣ ହେଉଥିବାରୁ ବନ୍ୟାଜଳ ନିଷ୍କାସନ ହୋଇ ନପାରି ଚାଷ ଜମି ଉପରେ ମାଡ଼ି ଚାଷ ନଷ୍ଟ କରୁଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ନିର୍ବାଚିତ ଜନପ୍ରତିନିଧିମାନେ ବନ୍ୟା ଅଞ୍ଚଳ ବୁଲିବା, ବନ୍ୟା ପ୍ରପୀଡ଼ିତଙ୍କ ଆଗରେ କୁମ୍ଭୀର କାନ୍ଦଣା କାନ୍ଦିବା ନିଜ ରାଜନୀତିର ଭୋଟ ବ୍ୟାଙ୍କକୁ ସାଇତି ରଖିବାର ଏକ ପ୍ରୟାସ ବୋଲି ଆଲୋଚନା ହେଉଛି। ଏହି ସମସ୍ୟା ଉପରେ ସରକାର ଧ୍ୟାନ ଦେବାକୁ ଲୋକେ ଦାବି କରିଛନ୍ତି।

## ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ବିଭୀଷିକା

# ପାଣିଘେରରେ ୭୨ ପଞ୍ଚାୟତର ୩୫୦ ଗାଁ





ଭଦ୍ରକ,୩୦।୭ (ସମିସ)

ଭଦ୍ରକ ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ଆସି ୭୨ ପଞ୍ଚାୟତର ୩୫୦ ଗାଁକୁ ବୁଡ଼ାଇ ରଖିଥିବାବେଳେ ୪ ଲକ୍ଷରୁ ଅଧିକ ଲୋକ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ରିଲିଫ୍ ସାମଗ୍ରୀ, ରନ୍ଧା ଖାଦ୍ୟ ବିପନ୍ନଙ୍କୁ ଦିଆଯାଉଥିବା ବେଳେ ଅନେକ ଲୋକ ବନ୍ୟା ପାଣିରେ ଫସି ରହିଛନ୍ତି। ଗୁରୁବାର ସକାଳେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ଜରୁରୀକାଳୀନ ସହାୟତା କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଜାରି ରହିଛି। ହଦଗଡ଼ ଡ୍ୟାମ୍‌ର ୪ଟି ଗେଟ୍ ଖୋଲି ଦିଆଯିବା ପରେ ଭଦ୍ରକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସାଳନ୍ଦୀ ନଦୀର ବନ୍ୟାରେ ଭଦ୍ରକ ସହର ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି।

ସାଳନ୍ଦୀ ନଦୀ ଭଦ୍ରକ ସହର ମଧ୍ୟ ଦେଇ ଯାଇଥିବା ବେଳେ ନଦୀବନ୍ଧ ଦୁର୍ବଳ ହୋଇଥିବାରୁ ବନ୍ୟା ଜଳ ସହର ଭିତରେ ଲୋକଙ୍କ ଘରେ ପଶିଛି। ଗତ ୩ ଦିନ ହେଲା ଲୋକେ ସାଳନ୍ଦୀ ବନ୍ୟା ଜଳରେ ଛଟପଟ ହେଉଛନ୍ତି। ଭଦ୍ରକ ସହରର ୧୧ଟି ୱାର୍ଡରେ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଅନେକ କଲୋନୀର ରାସ୍ତାଘାଟରେ ପାଣି ଲହଡ଼ି ଭାଙ୍ଗୁଛି। ବୈତରଣୀ ବିପଦ ସଂକେତ ତଳେ ବନ୍ୟା ଜଳ ପ୍ରବାହିତ ହେଉଥିବାବେଳେ ଦଳାଣ୍ଡି ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ସହରର ଚରମ୍ପା ଅଞ୍ଚଳର ୫ଟି ୱାର୍ଡ ଜଳମଗ୍ନ ହୋଇଥିବାବେଳେ ଭଦ୍ରକ ବ୍ଲକ୍‌ର ୧୪ଟି ପଞ୍ଚାୟତ ଜଳମଗ୍ନ ହୋଇଛି। ଭଦ୍ରକ ବ୍ଲକ୍‌ର କାଉପୁର, ଦୈସିଂ, ରାନ୍ଦିଆ, ବାଉଦପୁର, ଅଣ୍ଡେଇପଲ୍ଲୀ, କଲେଇ, ବ୍ରହ୍ମପୁର, ବିଷ୍ଣୁପୁର ବିନ୍ଧା, ଏରେଇ,

### ୪ ଲକ୍ଷରୁ ଅଧିକ ଲୋକ ବିପନ୍ନ

ଗୁଜିଦରଡ଼ା, ଖଣ୍ଡତଡ଼ା, ହରିପୁର, ଆର୍ଣ୍ଣପାଳ ଆଦି ପଞ୍ଚାୟତର ବନ୍ୟାଜଳ ପ୍ରବେଶ କରୁଛି। ଲଗାଣ ବର୍ଷା ସାଙ୍ଗକୁ ସାଳନ୍ଦୀ ବନ୍ୟା ଜଳ ଭଦ୍ରକ ବ୍ଲକ୍ ଓ ସହରବାସୀଙ୍କୁ ବନ୍ୟାରେ ବେହାଲ କରିଛି। ବିଭିନ୍ନ ସ୍ଥାନରେ ସ୍କୁଲ ଘରେ ତଳିଆ ଅଞ୍ଚଳର ଲୋକଙ୍କୁ ଉଦ୍ଧାର କରି ରଖାଯାଇଥିବାବେଳେ ଲୋକଙ୍କୁ



ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସାଳନ୍ଦୀ ଓ ବୈତରଣୀ ବନ୍ୟାଜଳରେ ଚାନ୍ଦବାଲି ବ୍ଲକ୍‌ର ୧୨ ପଞ୍ଚାୟତ ବୁଡ଼ିଯାଇଛି। ଏହି ବ୍ଲକ୍‌ର ଆରଡ଼ି, ନନ୍ଦପୁର, ଓଲଙ୍ଗ, ସୁନ୍ଦରପୁର ୪ ପଞ୍ଚାୟତ ବୈତରଣୀ ଓ ସାଳନ୍ଦୀ କୂଳରେ ରହୁଥିବାବେଳେ ଏହି ପଞ୍ଚାୟତରେ ଉଭୟ ନଦୀର ବନ୍ୟା ଜଳ ପ୍ରବେଶ କରି ଲୋକଙ୍କ ଚାଷଜମି, ଘରଦ୍ୱାର ସବୁ ବୁଡ଼ିଯାଇଛି। ଲୋକଙ୍କ ଘରେ ବନ୍ୟା ପାଣି ପ୍ରବେଶ କରିଥିବାରୁ ଅନେକ ଲୋକଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲ ଘର ଭଳି ନିରାପଦ ସ୍ଥାନକୁ ଅଣାଯାଇଛି। ଏମାନଙ୍କୁ ରିଲିଫ୍ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଅନେକ ସ୍ଥାନରେ ବିପନ୍ନଙ୍କ ପାଖରେ ମଧ୍ୟ ପ୍ରଶାସନ ପହଞ୍ଚିପାରି ନାହିଁ। ସେହିପରି ଏହି ବ୍ଲକ୍‌ର ସାଳନ୍ଦୀ କୂଳବର୍ତ୍ତୀ ଭୂଇଁବୃତ୍ତି, ତେନ୍ତୁଳିଡିହ, ଖେରଙ୍ଗ, ମଧୁପୁର, ବାଲିଗାଁ, ନାଲଗୁଣ୍ଡା, ଘଟପୁର, ମତୋ ଆଦି ପଞ୍ଚାୟତଗୁଡ଼ିକରେ ବନ୍ୟା ଜଳ ପ୍ରବେଶ କରି ଲୋକଙ୍କ ଚାଷ ଜମି ନଷ୍ଟ କରି ଦେଇଥିବାବେଳେ ରାସ୍ତାଘାଟ ଜଳମଗ୍ନ ହୋଇଛି। ଅନେକ ଲୋକଙ୍କ ଘରେ ବନ୍ୟା ଜଳ ପ୍ରବେଶ କରୁଛି।

### ଆଜି ବି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଛୁଟି

**ଭଦ୍ରକ,୩୦।୭ (ସମିସ):** ଭଦ୍ରକ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବଂ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠପଢ଼ା ସ୍ଥଗିତ ରଖାଯାଇଛି। ତେବେ ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀମାନେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବେ। ପ୍ରଶାସନର ଆବଶ୍ୟକତା ଅନୁଯାୟୀ, ସେମାନେ ତୁରନ୍ତ ଦାୟିତ୍ୱ ପାଳନ କରିବେ ବୋଲି ଆଦେଶ ହୋଇଛି। ସୂଚନାଯୋଗ୍ୟ, ଗତ ୨୮ ତାରିଖରୁ କ୍ରମାଗତ ଭାବେ ଜିଲ୍ଲାର ସବୁ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ବନ୍ଦ ରଖାଯାଇଛି।

## ୨୪ ଘଣ୍ଟା ଧରି ତାଳଗଛରେ ଫସି ରହିଥିବା ବୃଦ୍ଧଙ୍କୁ ଉଦ୍ଧାର କଲା ଓଡ୍ରାଫ୍ ଟିମ୍

ଭଦ୍ରକ,୩୦।୭ (ସମିସ)

ବନ୍ୟା ଜଳରେ ଫସି ଏକ ତାଳଗଛ ଉପରେ ଦୀର୍ଘ ୨୪ ଘଣ୍ଟା ବିତାଇବା ପରେ ଶେଷରେ ଜଣେ ବୃଦ୍ଧ ଚାଷୀଙ୍କୁ ସୁରକ୍ଷିତ




ଭାବେ ଉଦ୍ଧାର କରାଯାଇଛି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ବନ୍ୟାଞ୍ଚଳରେ ଘଟିଥିବା ଏହି ଅଭାବନୀୟ ଘଟଣାରେ ଓଡ୍ରାଫ୍ ଟିମ୍ ଏକ ସଫଳ ଉଦ୍ଧାର କାର୍ଯ୍ୟ କରିଛି।

ସୂଚନାଯୋଗ୍ୟ, ଧାମନଗର ବ୍ଲକ୍ ନଦୀଗାଁ ଅଞ୍ଚଳରେ ହଠାତ୍ ବନ୍ୟା ଜଳ ପଶିଯିବାରୁ ବୃଦ୍ଧ ଚାଷୀ ଜଣକ ଜୀବନ ବଞ୍ଚାଇବା ପାଇଁ ଏକ ତାଳଗଛ ଉପରେ ଆଶ୍ରୟ ନେଇଥିଲେ। ନଦୀଗାଁ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡିଚାସାହିର ଚାଷୀ ତ୍ରିଲୋଚନ ସାହୁ (୭୬) କୃଷି କାର୍ଯ୍ୟ ପାଇଁ ନିଜ ବିଲକୁ ଯାଇଥିଲେ। କିନ୍ତୁ ହଠାତ୍ ବନ୍ୟା ଜଳ ମାଡ଼ି ଆସିବାରୁ ସେ ଚାରିଆଡ଼ୁ ଘେରି ହୋଇଯାଇଥିଲେ। ଖସିଯିବାର କୌଣସି ଉପାୟ ନ ପାଇ ସେ ନିକଟରେ ଥିବା ଏକ ତାଳଗଛ ଉପରକୁ ଚଢ଼ିଯାଇଥିଲେ। ଭୋକ, ଭୟ ଏବଂ ଆଶଙ୍କା ଭିତରେ ସେ ସମ୍ପୂର୍ଣ୍ଣ ରାତିଟି ଗଛ ଉପରେ ହିଁ କାଟିଥିଲେ। ତ୍ରିଲୋଚନଙ୍କ ବିଷୟରେ କୌଣସି ଖବର ନ ପାଇ ପରିବାର ଲୋକେ ବ୍ୟସ୍ତ ହୋଇପଡ଼ିଥିଲେ। ପରେ ତାଙ୍କ ପୁଅ ସରୋଜ ସାହୁ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ ଏବଂ ତାଙ୍କ ବାପା ବନ୍ୟା ପାଣିରେ ଫସି ରହିଥିବା ଆଶଙ୍କା ପ୍ରକାଶ କରିଥିଲେ। ଏହାପରେ ତୁରନ୍ତ ଓଡ୍ରାଫ୍‌ର ୪ର୍ଥ ଆଇଆର୍‌ବି, ଦେବଗଡ଼ ଟିମ୍ ୩ଟି ଓଡ୍ରାଫ୍ ଟିମ୍ ଗଠନ କରାଯାଇ ରାତିତମାମ ଖୋଜାଖୋଜି ଆରମ୍ଭ ହୋଇଥିଲା। କିନ୍ତୁ ପ୍ରଥମେ ତାଙ୍କର କୌଣସି ପତା ମିଳି ନ ଥିଲା। ଶେଷରେ ଗୁରୁବାର ସକାଳ ପ୍ରାୟ ୯ଟାବେଳେ ଓଡ୍ରାଫ୍ ଯବାନ ଏବଂ ସ୍ଥାନୀୟ ପ୍ରଶାସନର ମିଳିତ ଉଦ୍ୟମରେ ତ୍ରିଲୋଚନଙ୍କୁ ଠାବ କରାଯାଇ ଗଛ ଉପରୁ ସୁରକ୍ଷିତ ଭାବେ ତଳକୁ ଅଣାଯାଇଥିଲା। ସେ ସୁରକ୍ଷିତ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି। ଗ୍ରାମାଞ୍ଚଳରେ ହଠାତ୍ ଆସୁଥିବା ବନ୍ୟା କିପରି ଚାଷୀ ଓ ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି, ଏହି ଘଟଣା ତା'ର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଅନୁରୂପଭାବେ ତିହିଡ଼ି ବ୍ଲକ୍ ତିଆଡ଼ିସାହିର ଜଣେ ସାପ କାମୁଡ଼ା ରୋଗୀଙ୍କୁ ମଧ୍ୟ ଉଦ୍ଧାରକାରୀ ଦଳ ସଫଳତାର ସହ ଉଦ୍ଧାର କରି ତିହିଡ଼ି ଗୋଷ୍ଠୀ

### ଜଣେ ଗର୍ଭବତୀ ମହିଳା ଓ ସର୍ପାଘାତ ରୋଗୀଙ୍କୁ ମେଡିକାଲରେ ଭର୍ତ୍ତି

ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହିଭଳି ବନ୍ୟା କବଳିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଯୋଗୁଁ ଗୁରୁବାର ଜଣେ ପ୍ରସବ ବେଦନାରେ ପୀଡ଼ିତ ଗର୍ଭବତୀ ମହିଳାଙ୍କୁ ସଫଳତାର ସହ ଉଦ୍ଧାର କରାଯାଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଦ୍ଧାର ହୋଇଥିବା ଗର୍ଭବତୀ ମହିଳା ହେଲେ ସବିନା ଖାତୁନ (୨୨)। ସେ ଧାମନଗର ବ୍ଲକ୍ ଦୋବଲ ଗାଁର ଶେଖ୍ ରୋସନଙ୍କ ପତ୍ନୀ। ସବିନା ନିଜ ବାପ ଘରକୁ ଯାଜପୁରରୁ ଆସିଥିବାବେଳେ ସନ୍ଧ୍ୟାରେ ପ୍ରସବ ବେଦନା ଆରମ୍ଭ ହୋଇଥିଲା।

ଖବର ପାଇବା ପରେ ଧାମନଗର ସିଏଚ୍‌ସିର ଅଧୀକ୍ଷକ ଡା. ମନ୍ମଥ ସାମନ୍ତସିଂହାର ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଓଡ୍ରାଫ୍ ଟିମ୍‌ର ସହଯୋଗରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସବିନାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଧାମନଗର ସିଏଚ୍‌ସିରେ ଭର୍ତ୍ତି କରାଯାଇଥିଲା।

## କାନପୁର ଡ୍ୟାମ୍ ପାଣିକୁ ନେଇ ଲୋକେ ଛାନିଆ

**ବାରିକପୁର,୩୦।୭ (ସମିସ):** ଗତ ୨ ସପ୍ତାହ ଧରି ଅବିଶ୍ରାନ୍ତ ବର୍ଷା ସହିତ ୩ ଦିନ କାଳ ବୈତରଣୀ ବନ୍ୟା ଜଳରେ ଜିଲ୍ଲାବାସୀ ହନ୍ତସନ୍ତ ହୋଇଛନ୍ତି। ଗତ ମଙ୍ଗଳବାର ନଦୀରେ ବନ୍ୟା ଜଳ ପ୍ରବେଶ କରି ଏହା ସିଧା ଜନବସତିମୁହାଁ ହୋଇଥିଲା। କଣ୍ଟି ଏସ୍କେପ୍ ଦେଇ ପାଣି ଗାଁଗଣ୍ଡା ଓ ବିଲବାଡ଼ିକୁ ମାଡ଼ିଯାଇଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ମଧ୍ୟ ହୋଇଥିଲା। ବନ୍ୟା ପାଣି ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍‌ର ବନ୍ଧାଲୋ-ମଢିଆଳି, ଝୁଟୁଣା, ବାଲିପୋଖରୀ, ରଣଜିତ, ନପଙ୍ଗ, ମାଳଦା, ଷୋଳମପୁର, ରହଣିଆ, କୁରିଗାଁ ପ୍ରମୁଖ ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହାଛଡ଼ା ଲଗାଣ ବର୍ଷା ଯୋଗୁଁ ରେବ, କପାଳୀ ନଦୀ ଫୁଲି ଉଠିଥିବାବେଳେ ବିଷ୍ଣୁପୁର, ଜଳମଣ୍ଡୁଆ, ନିର୍ଗୁଣ୍ଡି, ନଗୁଆଁ, ପାଟୁଳି, ସାନଶାସନ ପଞ୍ଚାୟତର କେତେକ ଅଂଶକୁ ବନ୍ୟା ପାଣି ମାଡ଼ିଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବୈତରଣୀ ନଦୀରେ ବନ୍ୟା ଜଳ ହ୍ରାସ ପାଉଥିଲେ ସୁଦ୍ଧା ତଳିଆ ଅଞ୍ଚଳରେ ଅଦ୍ୟାବଧି ପାଣି କମିନାହିଁ। ବନ୍ୟାକୁ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏବେ ବି ଅନେକ ଜନବସତି ଓ ଚାଷ ଜମିକୁ ବନ୍ୟା ପାଣି ଘେରି ରହିଛି। ବ୍ଲକ୍‌ର ନୌରଙ୍ଗପୁର, ରାମପୁର, ରାଣୀଗଡ଼ିଆ, ବିରୋଳି, ତିଖିଲିଆ, ସାରଣା ପ୍ରମୁଖ ଗାଁର ଶତାଧିକ ଲୋକ ଗୁରୁବାର ସନ୍ଧ୍ୟା ସୁଦ୍ଧା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ସନ୍ଧ୍ୟା ୭ଟା ସୁଦ୍ଧା ନଦୀର ଆଖୁଆପଦା ଆନିକଟଠାରେ ବିପଦ ସତର୍କ ସୂଚନା ୧୭.୯୨ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଛି। ଏପଟେ କାନପୁରଠାରେ ନିର୍ମାଣାଧୀନ କପର ଡ୍ୟାମ୍‌ର ଅସ୍ଥାୟୀ ବନ୍ଧ ଭାଙ୍ଗିଥିବାରୁ ପୁଣି ବୈତରଣୀରେ ଜଳସ୍ତର ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି। ଶୁକ୍ରବାର ସକାଳ



### ଆଖୁଆପଦା ଆନିକଟରେ ହ୍ରାସ ପାଉଛି ବୈତରଣୀ ବନ୍ୟା ଜଳ

୮ଟା ସୁଦ୍ଧା ଆନିକଟ ଜଳସ୍ତର ବୃଦ୍ଧି ପାଇପାରେ ବୋଲି ଜଳସମ୍ପଦ ବିଭାଗ ପୂର୍ବାନୁମାନ କରିଛି। ଡ୍ୟାମ୍‌ରେ ଯେତିକି ପାଣି ନିଷ୍କାସନ ହେବ ଏହାଦ୍ୱାରା ଯଦିଓ ବନ୍ୟାର ଆଶଙ୍କା ନାହିଁ ତଥାପି ଏହା ବିପଦ ସଂକେତ ୧୮.୩୩ ମିଟର ଛୁଇଁପାରେ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଖାଲୁଆ ଅଞ୍ଚଳ ଏବେ ବି ବନ୍ୟା ଜଳରେ ବୁଡ଼ି ରହିଥିବାବେଳେ କାନପୁର ପାଣି ପୁଣି ଚିନ୍ତା ବଢ଼ାଇଛି।

## ଚାରିଆଡ଼େ ପାଣି; କ୍ଷେତ, ପଥ ଓ ଗାଁ ସବୁ ଏକାକାର

**ଆରଡ଼ି,୩୦।୭ (ସମିସ):** କଥାରେ ଅଛି ଜଳ ବିହୁନେ ସୃଷ୍ଟି ନାଶ ଓ ଜଳ ବହୁଳେ ବି ସୃଷ୍ଟି ନାଶ। ଯାହାର ବିଭୀଷିକା ଦେଖିବାକୁ ମିଳିଛି ବୈତରଣୀ ଓ ସାଳନ୍ଦୀ ନଦୀରେ ଆସିଥିବା ବନ୍ୟା ବିପ୍ଳବରୁ। ପ୍ରଥମେ ବର୍ଷା ପ୍ରାୟ ୧ ସପ୍ତାହ ଧରି ତା'ର କରାଳ ରୂପ ଦେଖେଇବା ପରେ ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ବଢ଼ି ଭୟଙ୍କର ବନ୍ୟା ଆଣିଦେଲା। ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ଆରଡ଼ି, ନାନ୍ଦପୁର, ଓଲଙ୍ଗ ଓ ସୁନ୍ଦରପୁର ପଞ୍ଚାୟତର ୨୬ଟି ଗ୍ରାମ ବର୍ତ୍ତମାନ ସମ୍ପୂର୍ଣ୍ଣ ଜଳବନ୍ଦି, ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ, କୁଆଖିଆ-ଆରଡ଼ି ଜାତୀୟ ରାଜପଥ, ଚାନ୍ଦବାଲି-ଆରଡ଼ି ରାସ୍ତା, ତିହିଡ଼ି-ଆରଡ଼ି ରାସ୍ତା ଓ ମତୋ-ଆରଡ଼ି ରାସ୍ତା ଆଦି ସବୁ ରାସ୍ତାରେ ବର୍ତ୍ତମାନ ୪ ଫୁଟ୍ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଅଖ, ଚକ ସବୁ ବନ୍ଦ। ଆରଡ଼ି ଅଞ୍ଚଳରେ ଥିବା ପହଣା ବିଦ୍ୟାଳୟ, ସନ୍ତରା, ମୁଆଁ, ବାଟୋଲ, ସିଂପୁର, ଶୀତଳପୁର, ଭୂଇଁପୁର, ପାଳଟପୁର ନାନ୍ଦପୁର, ବାଙ୍କାମୁହାଣ, ପାରିଡିହା ଆଦି ବିଦ୍ୟାଳୟରେ ବନ୍ୟା ଜଳ ପଶି ବହୁତ କ୍ଷତି ହୋଇଛି। ଆରଡ଼ି ପୁଲିସ ଫାଣ୍ଡିରେ ମଧ୍ୟ ବନ୍ୟା ଜଳ ପଶିଛି। ରାସ୍ତା ପାର୍ଶ୍ୱରେ ଘର କରି ରହିଥିବା ଲୋକଙ୍କ ଘରେ ପାଣି ପଶି ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଛି। ତଳିଆ ଅଞ୍ଚଳରେ ଥିବା ଘରଗୁଡ଼ିକରେ ପାଣି ପଶି ବ୍ୟାପକ କ୍ଷତି ଘଟିଛି।

ବର୍ତ୍ତମାନ ଆଖୁଆପଦାରେ ଜଳସ୍ତର କମିଥିଲେ ବି ସେଇ ପାଣି ସବୁ ଗଡ଼ି ଆସି ତଳିଆ ଅଞ୍ଚଳରେ




- ଜନ ଜୀବନ ଅସ୍ତବ୍ୟସ୍ତ
- ଶୁଖିଲା ଖାଦ୍ୟ, ଗୋ-ଖାଦ୍ୟ ଓ ୭ ଦିନର ରିଲିଫ୍ ଲୋଡ଼ା

ବିରାଟ ବନ୍ୟା ସୃଷ୍ଟି କରିଛି। ସମୁଦ୍ରରେ ଉଠିଆ ମୁଣ୍ଡ ଥିବାରୁ ପ୍ରବଳ ଜୁଆର ଆସୁଥିବାରୁ ବନ୍ୟାଜଳ ସମୁଦ୍ର ଟାଣିପାରୁ ନାହିଁ। ଫଳରେ ଏହି ଅଞ୍ଚଳରେ ପାଣି ପ୍ରାୟତଃ ଏକ ସପ୍ତାହ ଧରି ରହିବ। ଜନଜୀବନ ପୂରା ଅସ୍ତବ୍ୟସ୍ତରେ ପରିଣତ ହୋଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ୪ ପଞ୍ଚାୟତରେ ଜଳବନ୍ଦି ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ସହିତ ୭ ଦିନର ରିଲିଫ୍ ଓ ଗୋଖାଦ୍ୟ ଦେବାର ଆବଶ୍ୟକତା ଅଛି। ବିଶେଷକରି ବିଲ ଅଞ୍ଚଳରେ ବସତି ସ୍ଥାପନ କରିଥିବା ଅଧିବାସୀମାନଙ୍କୁ ସହଯୋଗର ଆବଶ୍ୟକତା ନିହାତି ଜରୁରୀ। ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତୁତି ଠିକ୍ ଭାବେ ଏ ଅଞ୍ଚଳରେ ହୋଇନାହିଁ। ସରପଞ୍ଚମାନେ ଗୁରୁତ୍ୱ ସହକାରେ ଏ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଯେହେତୁ କ୍ଷେତରେ ଏହି ପାଣି ୧୦ ଦିନ ଧରି ରହିବା ସମ୍ଭାବନା ଅଛି, ଧାନ ତଳିଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଭୟରେ ଚାଷୀକୂଳ ନିରାଶ ହୋଇ ପଡ଼ିଛି।

### ୨ ଦିନ ହେଲା ଲକ୍ଷାଧିକ ଲୋକ ଜଳବନ୍ଦି

## ବାହ୍ୟଜଗତରୁ ବିଚ୍ଛିନ୍ନ ଅନେକ ଗାଁ

**ଧାମନଗର,୩୦।୭ (ସମିସ):** ଧାମନଗର ଅଞ୍ଚଳରେ ବୈତରଣୀ ଓ ଗେଙ୍ଗୁଟି ନଦୀରେ ଭୟଙ୍କର ବନ୍ୟାର ପ୍ରକୋପ ସାମାନ୍ୟ କମିଥିଲେ ମଧ୍ୟ ଦୁର୍ଦ୍ଦଶା କମିନାହିଁ। ୨ ଦିନରୁ ଅଧିକ ହେବ ଅନେକ ଗାଁ ଏବେ ବି ଜଳବନ୍ଦି ଅବସ୍ଥାରେ



ରହିଥିବାବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଚଳିତ ବନ୍ୟାରେ ଧାମନଗର ବ୍ଲକ୍‌ର ୩୦ଟି ପଞ୍ଚାୟତର ୧୪୩ଟି ଗାଁର ୧ ଲକ୍ଷ ୬୦ ହଜାର ୨୦୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏହାସହ ଧାମନଗର ଓ ଧୂଷୁରୀ ଏନ୍‌ଏସିର ଏକାଧିକ ୱାର୍ଡ ଜଳମଗ୍ନ ହୋଇଥିବାବେଳେ ହଜାର ହଜାର ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।

ବୁଧବାର ତୁଳନାରେ ଅଞ୍ଚଳରେ ମାତ୍ର ୩ ଫୁଟ୍ ଜଳସ୍ତର ହ୍ରାସ ପାଇଥିବାରୁ ସାଧାରଣ ଜନଜୀବନ ସ୍ୱାଭାବିକ ହୋଇପାରିନାହିଁ। ବୈତରଣୀ ନଦୀର ଆଖୁଆପଦାଠାରେ ଜଳସ୍ତର ବିପଦ ସଙ୍କେତ ତଳେ ରହିଥିଲେ ମଧ୍ୟ ବନ୍ୟା ଜଳର ପ୍ରଭାବ ଅବ୍ୟାହତ ରହିଛି। ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, କରଦା, ପଧାନି, ମୁସ୍ତଫାପୁର, ଅର୍ଜୁନପୁର, ହସନାବାଦ, ପାଳସାହି, କଟସାହି, ଖପରପଦା, କାଶିମପୁର, କୋଠାର, ଗଡ଼ିଆଳି ଓ ଅସୁରାଳି ପଞ୍ଚାୟତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ୩୫ ହଜାରରୁ ଅଧିକ ପଶୁସମ୍ପଦ ଜଳବନ୍ଦୀ ଅବସ୍ଥାରେ ରହିଥିବାରୁ ସେମାନଙ୍କ ପାଇଁ ୩ଟି ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ କରାଯାଇଛି। ବନ୍ୟା ଜଳ କମିଥିଲେ ମଧ୍ୟ ଅନେକ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ ଖଡ଼ିପଦା-ଆନନ୍ଦପୁର, ଦୋବଲ-କ୍ଷେଣ୍ଟପୁର, ବେଦପୁର-ସୋହଡ଼ା, ଯମଙ୍ଗଳପୁର-କଟସାହି ଏବଂ ଧାମନଗର-କୋଠାର ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଧାମନଗର-ଫଳପୁର ରାସ୍ତା ବୁଡ଼ି ରହିଥିବାରୁ ଦଳାଙ୍ଗ ଓ ନଦୀଗାଁ ପଞ୍ଚାୟତ ଏବେ ବି ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛି। ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ତଳିଆ ଅଞ୍ଚଳରୁ ୧୫ ହଜାର ୪୭୬ ଜଣଙ୍କୁ ସୁରକ୍ଷିତ ସ୍ଥାନ ଏବଂ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଗତ ୩ ଦିନ ଧରି ୧୪୦ଟି ରିଲିଫ୍ କେନ୍ଦ୍ରରେ ପ୍ରାୟ ୨୦ ହଜାର ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଛି। ବନ୍ୟା ଯୋଗୁଁ ଚାଷକାର୍ଯ୍ୟ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ, ୪୦ ହଜାର ହେକ୍ଟରରୁ ଅଧିକ ଚାଷଜମି ଜଳମଗ୍ନ ହୋଇଥିବାବେଳେ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଚାଷୀଙ୍କ ମୁଣ୍ଡରେ ଏବେ ଚାଷ କ୍ଷତିର ଚିନ୍ତା ଘାରିଛି। ବନ୍ୟା ପାଣି ଧୀରେ ଧୀରେ କମୁଥିଲେ ମଧ୍ୟ ଧାମନଗରରେ ଦୁର୍ଦ୍ଦଶା କମିନାହିଁ। ଅନେକ ଗାଁ ଏବେ ବି ଜଳବନ୍ଦି ଥିବାବେଳେ ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ ହେବା ପାଇଁ ଲୋକଙ୍କୁ ଆହୁରି କିଛି ଦିନ ଅପେକ୍ଷା କରିବାକୁ ପଡ଼ିପାରେ।

## ବନ୍ୟା ପୀଡ଼ିତଙ୍କୁ ଖାଦ୍ୟ ବଣ୍ଟନ

**ଦୋଳସାହି,୩୦।୭ (ସମିସ):** ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତିହିଡ଼ି ବ୍ଲକ୍ ବାରୋ ଦହପାଣିଆ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଆଶ୍ରୟସ୍ଥଳୀରେ ରହୁଥିବା ପ୍ରତ୍ୟେକ ପରିବାରକୁ ନିୟମିତ ଭାବେ ଖାଦ୍ୟ ଓ ଆବଶ୍ୟକୀୟ ସହାୟତା ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ପ୍ରଶାସନ ପକ୍ଷରୁ ଆଶ୍ରିତମାନଙ୍କ ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ



ସୁବିଧା ଉପରେ ନିରନ୍ତର ନଜର ରଖାଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି।

## ବାସୁଦେବପୁର ବ୍ଲକ୍‌ର ଜଳବନ୍ଦିରେ ଶହଶହ ପରିବାର

**ବାସୁଦେବପୁର,୩୦।୭ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବାସୁଦେବପୁର ବ୍ଲକ୍ ଓ ପୌରପାଳିକାର ବିଭିନ୍ନ ୱାର୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ପଡ଼ିଥିବାବେଳେ ଶହଶହ ପରିବାର ଜଳବନ୍ଦିରେ ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଟିମ୍‌କୁ ନିୟୋଜିତ କରାଯାଇଛି। ସୁରକ୍ଷିତ ଆଶ୍ରୟସ୍ଥଳୀର ଥଇଥାନ କରି ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି।

ବାସୁଦେବପୁର ବ୍ଲକ୍‌ର ବରଣ୍ଡୁଆ, ସୁଦର୍ଶନପୁର, ଜଗନ୍ନାଥପୁର, ଜଗନ୍ନାଥ ପ୍ରସାଦ, ଲୁଙ୍ଗା, ଚୂଡ଼ାମଣି ଓ ପୌରପାଳିକାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ପଡ଼ିଛି। ଉପର ମୁଣ୍ଡର ବନ୍ୟା ଜଳ ତଳକୁ ଗଡୁଛି। ଫଳରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ବାସୁଦେବପୁର ବ୍ଲକ୍ ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଦଧିବାମନପୁର ଗାଁର ସୁନାମୁହିଁ, ଡାଙ୍ଗମାଳ ଓ ବନ୍ଧସାହିରୁ ଶତାଧିକ ପରିବାରକୁ ସୁରକ୍ଷିତ ଆଶ୍ରୟସ୍ଥଳୀ ଦଧିବାମନପୁର ସ୍କୁଲରେ ଥଇଥାନ କରାଯାଇଛି। ବରଣ୍ଡୁଆ ପଞ୍ଚାୟତ ଓ ସୁଦର୍ଶନପୁର ପଞ୍ଚାୟତରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ରାତିରେ ଅଗ୍ନିଶମ ବିଭାଗ ଓ ପ୍ରଶାସନ ଉପସ୍ଥିତିରେ ବୋଟ୍‌ରେ ଉଦ୍ଧାର କରିଛନ୍ତି। ସେମାନଙ୍କୁ ଜଗନ୍ନାଥ ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରାଯାଇଛି। ପ୍ରଶାସନ ପକ୍ଷରୁ ଦଧିବାମନପୁର ସ୍କୁଲରେ ଆଶ୍ରୟ



### ସୁରକ୍ଷିତ ଆଶ୍ରୟସ୍ଥଳୀରେ ଥଇଥାନ କରି ରନ୍ଧା ଖାଦ୍ୟ ବଣ୍ଟନ

### ବନ୍ୟାବେଳେ ପ୍ରାଣିଧନ ଚିକିତ୍ସା ବିଭାଗର ନିଦ ଭାଙ୍ଗୁନାହିଁ

ନେଇଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଉଦ୍ଧାର କରିବାକୁ ଓଡ୍ରାଫ୍ ଟିମ୍ ପହଞ୍ଚିଛନ୍ତି। ଜଗନ୍ନାଥପ୍ରସାଦ ସରପଞ୍ଚ ବାସୁଦେବ କାଣ୍ଡି, ପିଇଓ ଦେବୀ ଅସୀମା ବିଶ୍ୱାଳ, ଏଡିଓ ସସ୍ମିତା ପାଣିଗ୍ରାହୀ ବନ୍ୟାବିପନ୍ନ ଲୋକମାନଙ୍କୁ ଦଧିବାମନପୁର ସୁରକ୍ଷିତ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ଯୋଗାଇ ଦେଉଛନ୍ତି। ବାସୁଦେବପୁର ବିଧାୟକ ଅଶୋକ ଦାସ, ବିଡିଓ ତନ୍ମିତା କର, ତହସିଲ୍‌ଦାର ପ୍ରିୟବ୍ରତ ଦାସ ବୁଲି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ସୁନାମୁହିଁ, ବନ୍ଧସାହି, ଡାଙ୍ଗମାଳ ଓ ଦାସଡିହ ଗ୍ରାମର ଶହଶହ ପରିବାର ଜଳବନ୍ଦିରେ ରହିଛନ୍ତି। ଗୋରୁଗାଈ ଥିବାରୁ ଘର ଛାଡ଼ି ଆସିବାକୁ ନାରାଜ ହେଉଛନ୍ତି। ଘରୁ ବାହାରିଲେ ୫/୬ ଫୁଟ୍‌ର ପାଣି। କିଏ ଭେଳା ନେଇ ଆସୁଛି ତ ପୁଣି କିଏ ଜୀବନକୁ ବାଜି ଲଗାଇ ପାଣିରେ ପହଁରି ପହଁରି ଅତ୍ୟାବଶ୍ୟକ ଜିନିଷ କିଣିବାକୁ ଆସୁଛନ୍ତି। ବନ୍ୟା ୧୦ ଦିନ ଧରି ତାଣ୍ଡବ ରଚୁଥିବାବେଳେ ହଜାର ହଜାର ଗୋରୁଗାଈ ଉପାସରେ ଦିନ କାଟୁଛନ୍ତି। ପ୍ରାଣିଧନ ଚିକିତ୍ସା ବିଭାଗର ଅଧିକାରୀଙ୍କ ନିଦ ଏ ପର୍ଯ୍ୟନ୍ତ ଭାଙ୍ଗୁନାହିଁ ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ବିଧାୟକଙ୍କଠାରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକ ଗୋ-ଖାଦ୍ୟ ଯୋଗାଇଦେବାକୁ ଦାବି କରିଥିଲେ।

### ଫୁଲୁଛି ସାଳନ୍ଦୀ, ବଢୁଛି ବୈତରଣୀ

# ତିହିଡ଼ି ବ୍ଲକ୍‌ର ୩୦ ପଞ୍ଚାୟତର ୧୦୨ ଗାଁ ପ୍ରଭାବିତ



ତିହିଡ଼ି,୩୦।୭ (ସମିସ): ବନ୍ୟାର ପ୍ରକୋପ ବଢ଼ିବାରେ ଲାଗିଛି। ସାଳନ୍ଦୀ ନଦୀ ଫୁଲୁଥିବାବେଳେ ବୈତରଣୀ ନଦୀ ମଧ୍ୟ ବଢୁଛି। ସାଳନ୍ଦୀ ନଦୀରେ ବନ୍ୟା ପାଣି ବିପଦ ସଂକେତ ଟପିଛି। ତିହିଡ଼ି ବ୍ଲକ୍‌ର ୮ ପଞ୍ଚାୟତ ବନ୍ୟା ପାଣିରେ ଉବୁଟୁବୁ ହେଉଥିବାବେଳେ ଅନ୍ୟ ୨୨ ପଞ୍ଚାୟତ ପ୍ରଭାବିତ ହୋଇଛି। ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ବ୍ଲକ୍‌ର ୪ ପଞ୍ଚାୟତ ଜଳମଗ୍ନ ହେବା ସହିତ ୩ ପଞ୍ଚାୟତ ଆଂଶିକ ପ୍ରଭାବିତ ହୋଇଥିଲା। ତେବେ ବୁଧବାର ରାତିରେ ବୈତରଣୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ସହିତ ରେବ ଓ ନାଳିଆ ନଦୀରେ ବନ୍ୟା ଜଳ ପ୍ରବେଶ କରିବାରୁ ବ୍ଲକ୍‌ର ଅଧିକ ୪ ପଞ୍ଚାୟତରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ୧୯ ପଞ୍ଚାୟତ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ବ୍ଲକ୍‌ର ୧୦୨ ଗାଁର ଲକ୍ଷାଧିକ ଲୋକ ପାଣିଘେରରେ ରହିଥିବା ଜଣାଯାଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ଯେଉଁଥିପାଇଁ ସେହିସବୁ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବରିଷ୍ଠ ପ୍ରଶାସନିକ ଅଧିକାରୀ ସୋମେଶ ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦନେଇ ଚରଣ ଟୁଡୁ, ତହସିଲ୍‌ଦାର ସୁଭାଶିଷ ସାହୁ, ବିଡିଓ ନିରଞ୍ଜନ ବାରିକ ପ୍ରମୁଖ ଗୁରୁବାର ବନ୍ୟା ପ୍ରଭାବିତ ବାରସର ଓ ଗୋବିନ୍ଦପୁର ପଞ୍ଚାୟତକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଳନ୍ଦୀ ନଦୀରେ ବନ୍ୟା ଆସିବା ଯୋଗୁଁ ବାରୋ, ବିଲଣା, ବୋଡ଼କ ଓ ତଳଗୋପବିନ୍ଧା ପଞ୍ଚାୟତ ସମ୍ପୂର୍ଣ୍ଣ ରୂପେ ବନ୍ୟାପାଣି ଘେରରେ ରହିଛି। ମୁକୁନ୍ଦପୁର, କୋହ୍ଲ, ସିଦୋଳ ପଞ୍ଚାୟତର କିଛି ଗାଁ ପାଣି ଘେରରେ ଥିଲା। ତେବେ ବନ୍ୟା

**ପାଣିଘେରରେ ଲକ୍ଷାଧିକ ଲୋକ**

**୧୦ ହଜାର ବିପନ୍ନଙ୍କୁ ରନ୍ଧା ଖାଦ୍ୟ**

**୮ ପଞ୍ଚାୟତରେ ରିଲିଫ୍ ବଣ୍ଟନ**

ପାଣି କୁଣ୍ଡି ନଦୀରେ ପ୍ରବେଶ କରିବାରୁ ଗୁରୁବାର ଦୋଳସାହି ପଞ୍ଚାୟତର ଗାଜିପୁର, ରାଢ଼ଙ୍ଗ ଆଦି ଗ୍ରାମ ଜଳମଗ୍ନ ହୋଇଥିବା ଜଣାଯାଇଛି। ତେବେ ବୈତରଣୀ ନଦୀରେ ବନ୍ୟା ପାଣି ମାଡ଼ିବା ଫଳରେ କାଁପଡ଼ା, ଶ୍ୟାମସୁନ୍ଦରପୁର, ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ପରିସ୍ଥିତି ଜଟିଳ ହୋଇଛି। କାଁପଡ଼ା, ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ପଞ୍ଚାୟତର ୮ଟି ଲେଖାଏଁ ଗ୍ରାମ, ବାରସର ପଞ୍ଚାୟତର ୧୨ଟି ଗ୍ରାମ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଜଣାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମଙ୍ଗରାଜପୁର-ଶ୍ୟାମସୁନ୍ଦରପୁର ଭାୟା ଈଶ୍ୱରପୁର, ସିଦୋଳ-ନୂଆସାହି, କୋହ୍ଲ-ତିଆଡ଼ିସାହି ଭାୟା ଦପା, ଅର୍ଜୁନବିନ୍ଧା-ମଧୁପୁର ଭାୟା ତିଆଡ଼ିସାହି, କାଁପଡ଼ା-ଚକରାସାହି ରାସ୍ତା ବନ୍ୟା ପାଣିରେ ବୁଡ଼ିଯାଇଛି। ଏହିସବୁ ପଞ୍ଚାୟତରେ ଉଦ୍ଧାର କାର୍ଯ୍ୟ ପାଇଁ ୧୧ଟି ଡଙ୍ଗା ନିୟୋଜିତ ହୋଇଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବିଭିନ୍ନ ସ୍କୁଲ ଏବଂ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ୧୦ହଜାର ବିପନ୍ନଙ୍କୁ ଗୋଟିଏ ଓଳି ପାଇଁ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି। ଏହାଛଡ଼ା ବନ୍ୟାରେ ସବୁଠୁ ଅଧିକ ପ୍ରଭାବିତ ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା, ବାରସର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର ଓ କାଁପଡ଼ା ପଞ୍ଚାୟତରେ ଗୁରୁବାର ଶୁଖିଲା ଖାଦ୍ୟ ଚୁଡ଼ା ଓ ଗୁଡ଼ ବଣ୍ଟନ କରାଯାଇଛି। ତେବେ ବନ୍ୟାରେ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ଉପୁଜିଛି। ଧାନ ଚାଷ ହୋଇଥିବା ଜମିରେ ୫ ଫୁଟ୍ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ବ୍ଲକ୍‌ର ୧୦ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ସମ୍ପୂର୍ଣ୍ଣ ରୂପେ ଉଜୁଡ଼ିଯିବାର ସମ୍ଭାବନା ଥିବାରୁ ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବା ନିଶ୍ଚିତ ହୋଇଛି। ଏ ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାରୀ ସହାୟତା ପ୍ରଦାନ କରିବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

# ବନ୍ୟା ପରିଚାଳନାରେ ସରକାର ବିଫଳ: ପ୍ରମିଳା

ମଙ୍ଗଳପୁର/କୟାଁଗୋଲା, ୩୦।୭ (ସମିସ):



ଲଗାଣ ବର୍ଷା ହେବା ଯୋଗୁଁ ବୈତରଣୀରେ ବନ୍ୟା ସୃଷ୍ଟି ହୋଇ କ୍ରମଶଃ ଏହି ବନ୍ୟା ଏତେ ଭୟଙ୍କର ହୋଇଥିଲା ଯେ ଦଶରଥପୁର ବ୍ଲକ୍‌ର ଅନେକ ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରି ବହୁ କ୍ଷୟକ୍ଷତି କରିଥିଲା। ବନ୍ୟା ହେବା ଫଳରେ ବ୍ଲକର ସବୁଠାରୁ ବେଶି କ୍ଷତି ହେଉଥିବା କୟାଁ ପଞ୍ଚାୟତରେ ବନ୍ୟା ଜଳ ପ୍ରବେଶ କରି ଧରମପୁର, ଇଚ୍ଛାପୁର, ଲକ୍ଷ୍ମୀପୁର, କୟାଁ, ମାଧପୁର, ଗରବନ୍ଧ, ଦରବା, ଦୁବକଣ, ମଲ୍ଲିପୁର ଆଦି ଗ୍ରାମଗୁଡ଼ିକ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିବା ବେଳେ କମାରଡିହି ପଞ୍ଚାୟତର କେଳାଙ୍ଗ, ଇଟାପଡ଼ା, ସହିମାଡ଼, ଯୋଗୀମଠ, କମାରଡ଼ିହି ସମେତ ସାରା ପଞ୍ଚାୟତ ଜଳମଗ୍ନ ହେବା ସହ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଖାନନଗର ପଞ୍ଚାୟତର କୁନ୍ଦୁପୁର, ରାମପୁର, ନୂଆପାଟଣା, ବିମ୍ବାଧରପୁର, ଲାଲବାଗ, ଖାନନଗର ଆଦି ଗ୍ରାମଗୁଡ଼ିକ ଜଳମଗ୍ନ ହେବା ସହ ନିଜାମପୁର ପଞ୍ଚାୟତର ଦୁବକଣ ଆମ୍ବଖିଆ, କଣ୍ଟାପାରୀ, କୁଳସାହି, ରଢ଼ଙ୍ଗା ଭଳି କେତେକ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଲରେ ବନ୍ୟାଜଳ ଥିବାରୁ ଗୋରୁଗାଈ ଖାଦ୍ୟ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଆଜି ଅପରାହ୍ଣରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଦଶରଥପୁର ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ପଞ୍ଚାୟତ କୟାଁ ପଞ୍ଚାୟତ ଗସ୍ତ କରିବା ସହ ବନ୍ୟା ବିପନ୍ନଙ୍କ ସହ ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିପନ୍ନଙ୍କ ଅଭିଯୋଗ ଅନୁଯାୟୀ ୩ ଦିନ ହେବ ବନ୍ୟାରେ ଲୋକ ମାନେ ଜଳବନ୍ଦୀ ହୋଇ ରହିଥିବା ବେଳେ ବନ୍ୟା ଜଳରେ ଅନେକ ମାଟି ଘର ଭାଙ୍ଗି ଯାଇଛି। କୋଠା ଘର ଭିତରେ ମଧ୍ୟ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଲୋକମାନେ ଘରର

**ବନ୍ୟାଞ୍ଚଳ ବୁଲି ବିପନ୍ନଙ୍କ ସମସ୍ୟା ବୁଝିଲେ ବିଧାୟିକା ପ୍ରମିଳା ମଲ୍ଲିକ**

**ରିଲିଫ ନେଇ ଅସନ୍ତୋଷ, ପାଲ ଯୋଗାଇ ଦେବାକୁ ଦାବି**

ଛାତ ଉପରେ ଆଶ୍ରୟ ନେଇଛନ୍ତି। ତହସିଲ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ବିପନ୍ନଙ୍କୁ ପାଲ ଖଣ୍ଡିଏ ମିଳି ପାରିନଥିବା ବେଳେ ବର୍ଷା ହେଲେ ବିପନ୍ନଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି। ସେହିପରି ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ଯୋଗେଇ ଦିଆଯାଇ ଥିବା ବେଳେ ଗୋରୁ ପିଛା ମାତ୍ର ୨୫୦ ଗ୍ରାମ ଗୋଖାଦ୍ୟ ଓ ଲୋକମାନଙ୍କ ପାଇଁ ଚୁଡ଼ା ଯୋଗେଇ ଦିଆଯାଇ ଥିବା ବେଳେ ଜଣ ପିଛା ପ୍ରାୟ ୨୭୦ ଗ୍ରାମ ଚୁଡ଼ା ସମୁଦ୍ରକୁ ଶଙ୍ଖେ ବୋଲି ବିପନ୍ନମାନେ ଅଭିଯୋଗ କରିଥିଲେ। ବନ୍ୟା ବିପନ୍ନଙ୍କୁ ୩୦୦୦ ପାଲ ଯୋଗାଇଦେବାକୁ ବିଧାୟିକା ପ୍ରଶାସନ ଓ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ପିଇବା ପାଣିର କୌଣସି ବ୍ୟବସ୍ଥା କରାଯାଇ ନଥିବା ବେଳେ ବନ୍ୟା ସମୟରେ ବିଷାକ୍ତ ସାପଙ୍କ ଭୟରେ ଲୋକମାନେ ଭୟଭୀତ ହୋଇଛନ୍ତି। ୨୪ ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା ପାଇଁ ବିପନ୍ନମାନେ ଦାବି କରିଥିଲେ। ବିପନ୍ନମାନଙ୍କ ସମସ୍ୟା ଶୁଣିବା ପରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଦଶରଥପୁର ତହସିଲଦାର ଓ ଦଶରଥପୁର ବିଡିଓଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ କୟାଁ ପଞ୍ଚାୟତକୁ ୩ ହଜାର ପାଲ ଯୋଗେଇ ଦେବା ସହ ଆବଶ୍ୟକ ମୁତାବକ ଗୋଖାଦ୍ୟ ଓ ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ, ସ୍ୱଚ୍ଛ ପାନୀୟଜଳ ଓ ୨୪ ଘଣ୍ଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କୌଣସି ତ୍ରୁଟି ହେଲେ ବନ୍ୟା ସମୟରେ ଯଦି କୌଣସି କ୍ଷତି ହୁଏ ତେବେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ବିଧାୟିକା ଚେତାବନୀ ଦେଇଥିଲେ। ଏହାପରେ କମାରଡ଼ିହି, ଖାନନଗର, ନିଜାମପୁର ଆଦି ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ବନ୍ୟା ସ୍ଥିତି ବୁଲି ଦେଖିବା ସହ ବିପନ୍ନମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ବିପନ୍ନମାନଙ୍କ ସମସ୍ୟା ବୁଝିବାରେ ବିଜେପି ସରକାର ବିଫଳ ବୋଲି କହିବା ସହ କେବଳ ଫଟୋ ଉଠା ରାଜନୀତିରେ ବ୍ୟସ୍ତ ବିଜେପି ନେତା ଓ କର୍ମୀ ବୋଲି ଅଭିଯୋଗ କରିଥିଲେ ବିଧାୟିକା। ବିଧାୟିକାଙ୍କ ଏହି ଗସ୍ତ ସମୟରେ କମାରଡିହି ପାକ୍ସ ସଭାପତି ଭାଗୀରଥି ସାହୁ, କୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ୬ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ୭ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, କୟାଁ ସମିତିସଭ୍ୟ ରୋଶନ ଦାସ। ସେହିପରି ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଯୁବନେତା ବିରଜା ମଲ୍ଲିକ, ପଞ୍ଚାନନ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାନସଭା ଗୃହ କମିଟି ବୈଠକ

# ଶଙ୍ଖାମେଦୀ ପ୍ରସଙ୍ଗ ଉଠାଇଲେ ବିଧାୟକ



ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩୦।୭ (ସମିସ): ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରିଚୟର ସୁରକ୍ଷା ପ୍ରସଙ୍ଗକୁ ନେଇ ବିଧାନସଭାର ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟି ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଠାଇଛନ୍ତି। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ଭୋଗରାଇ ସୀମାନ୍ତବର୍ତ୍ତୀ ଶଙ୍ଖାମେଦୀ ଗ୍ରାମର ପ୍ରସଙ୍ଗ, ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଶିକ୍ଷାର ସମସ୍ୟା ଏବଂ ଓଡ଼ିଆ ଭାଷା ଓ ସଂସ୍କୃତିର ସଂରକ୍ଷଣ ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବୈଠକରେ ବିଧାୟକ କହିଥିଲେ ଯେ, ଭୋଗରାଇ ସୀମାନ୍ତରେ ଅବସ୍ଥିତ ଶଙ୍ଖାମେଦୀ ଗ୍ରାମର ସମସ୍ତ ଅଧିବାସୀ ଓଡ଼ିଆ ଭାଷାଭାଷୀ ହୋଇଥିବା ସତ୍ତ୍ୱେ କେଉଁ ପରିସ୍ଥିତିରେ ସେମାନଙ୍କ ନାମ ଏସ୍‌ଆଇଆର୍ ପ୍ରକ୍ରିୟାରେ ପଶ୍ଚିମବଙ୍ଗର ଭୋଟର ତାଲିକାରେ ସ୍ଥାନ ପାଇଲା ଏବଂ କେଉଁ ଆଧାରରେ ଏହି ଗ୍ରାମ ପଶ୍ଚିମବଙ୍ଗ ସହ ସମ୍ପୃକ୍ତ ହେଲା, ତାହାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ ଦଳ ଗଠନ କରିବା ଆବଶ୍ୟକ। ସୀମାନ୍ତ ଅଞ୍ଚଳର ଲୋକଙ୍କ ଭାଷାଗତ ଓ ପ୍ରଶାସନିକ ସ୍ୱାର୍ଥ ସୁରକ୍ଷା ପାଇଁ ଏହି ବିଷୟର ସ୍ପଷ୍ଟୀକରଣ ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। ଏହା ସହିତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀଙ୍କ ପାଇଁ ଚାଲୁଥିବା ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସ୍ଥିତିକୁ ନେଇ ମଧ୍ୟ ସେ ଗଭୀର ଉଦବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଓଡ଼ିଆ ଭାଷା ଶିକ୍ଷା ପାଇଁ ନିଯୁକ୍ତ ଶିକ୍ଷକ ଓ ସୁପରଭାଇଜରମାନେ ଗତ ଦୁଇ ବର୍ଷ ଧରି ଦରମା ପାଇନଥିବାରୁ ସେମାନେ ଆର୍ଥିକ ସଙ୍କଟରେ ଜୀବନ ବିତାଉଛନ୍ତି। ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ସରକାର ତୁରନ୍ତ ବକେୟା ଦରମା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ବୈଠକରେ ସେ ଆହୁରି ପ୍ରଶ୍ନ ଉଠାଇଥିଲେ ଯେ, ସୀମାନ୍ତ ରାଜ୍ୟଗୁଡ଼ିକରେ ଚାଲୁଥିବା ଓଡ଼ିଆ ବିଦ୍ୟାଳୟମାନଙ୍କୁ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଆ ପାଠ୍ୟପୁସ୍ତକ ଯୋଗାଣ କରାଯାଇଛି କି ନାହିଁ। ଏହି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ବୈଠକରେ ଉପସ୍ଥିତ ଗଣଶିକ୍ଷା ବିଭାଗର ସଚିବଙ୍କ ପକ୍ଷରୁ ମିଳିନଥିବା ବୋଲି ସେ ଉଲ୍ଲେଖ କରିଥିଲେ। ଭାଷା ଓ ସଂସ୍କୃତିର ସଂରକ୍ଷଣକୁ ଦୃଷ୍ଟିରେ ରଖି ବିଧାୟକ ଏକ ଦୂରଦର୍ଶୀ ପ୍ରସ୍ତାବ ମଧ୍ୟ ରଖିଥିଲେ।

# କମୁଛି ନଦୀର ଜଳସ୍ତର; ବଢୁଛି ଦୁର୍ଦ୍ଦଶା

**୫୪ଟି ପଞ୍ଚାୟତର ୭୪ଟି ଗ୍ରାମ ଓ ଉଦଳା ଏନଏସିର ୬ଟି ୱାର୍ଡ ପ୍ରଭାବିତ ■ ୩୦୪ଟି ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ**



ବାରିପଦା, ୩୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରବର୍ତ୍ତୀ ସ୍ଥିତି ଶୋଚନୀୟ ହୋଇପଡିଛି। ବିଭିନ୍ନ ନଦୀର ଜଳସ୍ତର କମିଥିବାବେଳେ ବିପନ୍ନ ପରିବାରଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି। ବୁଧବାର ଓ ଗୁରୁବାର ବର୍ଷାର ପରିମାଣ କମିବାରୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀର ବନ୍ୟାଜଳ କମିବା ପରେ ନଦୀ ସଂଲଗ୍ନ ଅଞ୍ଚଳର ଧାନଚାଷ ପ୍ରଭାବିତ ହୋଇଥିବାବେଳେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି।

ଜିଲ୍ଲାର ସାରସକଣାକୁ ଛାଡ଼ିଦେଲେ ବାକି ୨୫ଟି ବ୍ଲକ ବିଶେଷ ପ୍ରଭାବିତ ହୋଇଛି। ବ୍ଲକର ୫୪ଟି ପଞ୍ଚାୟତର ୭୪ଟି ଗ୍ରାମ ଓ ଉଦଳା ଏନଏସିର ୬ଟି ୱାର୍ଡ ଲୋକେ ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଲୋକଙ୍କୁ ୩୭ଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ୩୦୪ଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ୩ଟି ବେ-ଛପର ଘର, ୧୫ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ଆକଳନ ଜାରି ରହିଥିବାରୁ ସଂଖ୍ୟା ବୃଦ୍ଧି ପାଇପାରେ।

ସେହିପରି ବନ୍ୟା ଟଳି ନ ଥିବାରୁ ରାସଗୋବିନ୍ଦପୁର ଓ ବେତନଟୀ ବ୍ଲକ୍‌ରେ ଗୋଟିଏ ଲେଖାଏଁ ଓ ବଡ଼ସାହି ବ୍ଲକରେ ୨ଟି ଓଡ୍ରାଫ ଟିମକୁ ମୃତୟନ କରାଯାଇଛି। ସମସ୍ତ ବ୍ଲକ୍‌ରେ ଦମକଳ ବାହିନୀ ସଜାଗ ରହିଥିବାବେଳେ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାଏକ ଓ ଈଶ୍ୱର ଚନ୍ଦ୍ର ନାଏକ, ସଦର ଉପଜିଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲାର ଥିବା ଦେଓ, କାଳ ଓ ସୁନେଇ ଡ୍ୟାମର ଜଳ ବିପଦ ସଙ୍କେତଠାରୁ କମରେ ରହିଛି। ମାଣତ୍ରୀ-ବୈଶିଙ୍ଗା ରାସ୍ତାର ନାଖରା ପୋଲର ୫ ଫୁଟ ତଳେ ବୁଢ଼ାବଳଙ୍ଗ ନଦୀ ଜଳ ପ୍ରବାହିତ ହେଉଥିବାରୁ ବନ୍ୟା ଆଶଙ୍କା ଟଳିଯାଇଛି। ଜଳ ହ୍ରାସ ପାଇବା ପରେ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଚାଷ ଜମିର କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲ୍ଲା ଜରୁରିକାଳୀନ ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଅଗ୍ନିଶମ ବିଭାଗର ଉଦ୍ଧାର କାର୍ଯ୍ୟ

ବାରିକପୁର,୩୦।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବୈତରଣୀ ନଦୀ କୂଳରେ ଅବସ୍ଥିତ ବନ୍ଧାଲୋ-ମଢ଼ିଆଳି ଓ ଝୁଟୁଣା ପଞ୍ଚାୟତ ଅଞ୍ଚଳକୁ ୨ ଦିନ ବନ୍ୟା ପାଣି ଘେରି ରହିଥିଲା। ଏହି ଅଞ୍ଚଳର ୪ଜଣ ବ୍ୟକ୍ତି ବନ୍ୟା ପାଣିରେ ଫସି ରହିଥିଲେ। ସ୍ଥାନୀୟ ଲୋକ ଚେଷ୍ଟା କରି ମଧ୍ୟ ସେମାନଙ୍କୁ ଉଦ୍ଧାର କରିପାରି ନ ଥିଲେ। ଏନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ କର୍ମଚାରୀମାନେ ଉକ୍ତ ସ୍ଥାନରେ ପହଞ୍ଚି ଫସିଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳରେ କିଛି ବୃକ୍ଷ ଉପୁଡ଼ି ପଡ଼ିଥିବାବେଳେ ସେଗୁଡ଼ିକୁ ମଧ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ହଟାଯାଇଛି।



# ରେଙ୍ଗାଳି ଜଳଭଣ୍ଡାରରୁ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ



କଣିହାଁ, ୩୦।୭ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଳି ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଇବା ପରେ ଗୁରୁବାର ଅପରାହ୍ଣ ୧ଟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ପୂଜାର୍ଚ୍ଚନା ପରେ ବ୍ରାହ୍ମଣୀ ନଦୀ ବନ୍ଧ ଯୋଜନାର ମୁଖ୍ୟ ଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ ୮ ନମ୍ବର ସ୍ପିଲ୍‌ୱେ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଏହି ଗୋଟିଏ ସ୍ପିଲ୍‌ୱେ ଗେଟ୍ ଓ ପାୱାର ଚ୍ୟାନେଲ ମାଧ୍ୟମରେ ପ୍ରତି ସେକେଣ୍ଡ ୧,୬୫୦ ଘନମିଟର ଜଳ ନିଷ୍କାସନ କରାଯାଉଛି। ଅନ୍ୟପକ୍ଷରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡ ୨,୭୩୫ ଘନମିଟର ଜଳ ପ୍ରବେଶ କରୁଛି। ଫଳରେ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି। ରେଙ୍ଗାଳି ଜଳଭଣ୍ଡାରର ସର୍ବାଧିକ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୧୨୨.୨୮ ମିଟରରେ ପହଞ୍ଚିଛି। ଜଳପ୍ରବାହ ଆହୁରି ବୃଦ୍ଧି ପାଇବା ସମ୍ଭାବନା ଥିବାରୁ ପରିସ୍ଥିତିକୁ କ୍ରମାଗତ ଭାବେ ନଜରରେ ରଖାଯାଉଛି। ବନ୍ୟାଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ବ୍ରାହ୍ମଣୀ ନଦୀର ତଳମୁଣ୍ଡରେ ଥିବା ଲୋକଙ୍କୁ ସତର୍କ କରାଯିବା ସହ ନଦୀ ନିକଟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ତେବେ ବର୍ତ୍ତମାନ ଯେତିକି ପରିମାଣରେ ଜଳ ନିଷ୍କାସନ କରାଯାଉଛି, ସେଥିପାଇଁ ତଳମୁଣ୍ଡରେ କୌଣସି ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ନାହିଁ ବୋଲି ବ୍ରାହ୍ମଣୀ ନଦୀବନ୍ଧ ଯୋଜନାର ମୁଖ୍ୟ ଯନ୍ତ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

**ଖୋଲିଲା ୮ ନମ୍ବର ଗେଟ୍**

**ସତର୍କ ରହିବାକୁ ପରାମର୍ଶ**


### ଭୋଗରାଇର ପ୍ରବଳ ବର୍ଷାଜନିତ ଜଳବନ୍ଦି ଓ ଫସଲହାନି ପ୍ରସଙ୍ଗ

# ରାଜସ୍ୱମନ୍ତ୍ରୀଙ୍କୁ ଅବଗତ କଲେ ବିଧାୟକ ଗୌତମବୁଦ୍ଧ ଦାସ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୩୦।୭ (ସମିସ): ଗଭୀର ଅବପାତ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଭୋଗରାଇ ବ୍ଲକରେ ସୃଷ୍ଟି ହୋଇଥିବା ଜଳବନ୍ଦୀ ସ୍ଥିତି, ବ୍ୟାପକ ଫସଲହାନି ଓ ଭିତ୍ତିଭୂମି କ୍ଷୟକ୍ଷତିକୁ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଗୁରୁବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲଙ୍କ କାର୍ଯ୍ୟାଳୟକୁ ଯାଇ ଭୋଗରାଇର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଥିବା ଜଣାପଡ଼ିଛି। ଏଥି ସହ ସମସ୍ୟା ର ସମାଧାନ ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରବଳ ବର୍ଷା ପ୍ରଭାବରେ ଭୋଗରାଇ ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ ଦୀର୍ଘ ସମୟ ଧରି ଜଳମଗ୍ନ ରହିଛି। ହଜାର ହଜାର ଏକର ଧାନ ଚାଷ ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ଗଭୀର ନିରାଶା ଦେଖାଦେଇଛି। ଏହି ସହ ବହୁ ଗ୍ରାମର ରାସ୍ତାଘାଟ, ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥା ଓ ଅନ୍ୟାନ୍ୟ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନଥିଲେ ମଧ୍ୟ, କେବଳ ବର୍ଷାଜଳ ଜମି ରହିବା ଯୋଗୁଁ ଭୋଗରାଇ ବ୍ଲକର ୩୫ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପ୍ରାୟ ୨୦୦ଟି ଗ୍ରାମରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଯୋଗୁଁ କୃଷି ଅର୍ଥନୀତି, ଗ୍ରାମୀଣ ଜୀବନଯାତ୍ରା ଏବଂ ସାଧାରଣ ଜନଜୀବନ ଗଭୀର ଭାବେ ପ୍ରଭାବିତ ହୋଇଛି। ବିଧାୟକ ଶ୍ରୀ ଦାସ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, କେତେକ ସ୍ଥାନରେ ପ୍ରାକୃତିକ ଜଳ ନିଷ୍କାସନ ପଥକୁ ବନ୍ଦ କରାଯିବା, ସରକାରୀ ଜମି ଉପରେ ବେଆଇନ ଜବରଦଖଲ ଓ ଜଳପଥରେ ଅବରୋଧ ସୃଷ୍ଟି ହେବା ଫଳରେ ବର୍ଷାଜଳର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହୋଇଛି। ଏହି ସବୁ କାରଣରୁ ବହୁ ଅଞ୍ଚଳରେ କୃତ୍ରିମ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇ ଚାଷଜମି, ବସତି ଅଞ୍ଚଳ ଓ ରାସ୍ତାଘାଟ ଦୀର୍ଘ ସମୟ ଧରି ପାଣି ଘେରରେ ରହିଛି। ଏହି ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ ଦାସ ପ୍ରଭାବିତ ଅଞ୍ଚଳରେ ତୁରନ୍ତ କ୍ଷୟକ୍ଷତିର ସର୍ବେକ୍ଷଣ କରିବା, ଜଳ ନିଷ୍କାସନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା, ବେଆଇନ ଜବରଦଖଲ ଉଚ୍ଛେଦ କରିବା ଏବଂ ପ୍ରଭାବିତ ଚାଷୀମାନଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି, ସ୍ଥାନୀୟ ପ୍ରଶାସନକୁ କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଓ କ୍ଷତିପୂରଣ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ରାଜସ୍ୱମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଭୋଗରାଇରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଜଳବନ୍ଦୀ ଓ ଫସଲହାନି ସମସ୍ୟାକୁ ନେଇ ବିଧାୟକଙ୍କ ଏହି ପଦକ୍ଷେପକୁ ପ୍ରଭାବିତ ଅଞ୍ଚଳର ଚାଷୀ ଓ ସାଧାରଣ ଲୋକ ସ୍ୱାଗତ କରିଥିବାବେଳେ, ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ କରି ଲୋକଙ୍କୁ ଆଶ୍ୱସ୍ତ କରିବେ ବୋଲି ଆଶା ପ୍ରକାଶ ପାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅନନ୍ତ କିଶୋର ଜେନା

ଇମାମନଗର, ଧର୍ମଶାଳା, ଯାଜପୁର

ଆବିର୍ଭାବ - ୧୯/୦୯/୧୯୫୬

ତିରୋଧାନ - ୨୧/୦୭/୨୦୨୬

ତୁମ ଅବର୍ତ୍ତମାନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଅବିସ୍ମରଣୀୟ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବଡଭାଇ-ରମାକାନ୍ତ ଜେନା, ସାନଭାଇ - ପବିତ୍ର, ପତ୍ନୀ - ନିର୍ମଳା, ପୁତ୍ର - ପୁତ୍ରବଧୂ- ଅଜିତରଞ୍ଜନ, ଲୋପାମୁଦ୍ରା, ଝିଅ - ଜ୍ୱାଇଁ - ଅନିତା - ଦିଲିପ, ପୁତୁରା, ନାତି - ନାତୁଣୀ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ

MISSING PERSON



NAME: Karnam Lachumamma

AGE: 62 years

HEIGHT: 5.2 Inch

COLOUR: Fare

MISSING FROM: Puri, Odisha

LAST SEEN LOCATION: Near Jagannath Temple / Grand Road area, Puri.

PERMANENT ADDRESS: Kashinagar, Gajapati District, Odisha.

IF FOUND OR IF YOU HAVE ANY INFORMATION, PLEASE CONTACT

8144956420, 8658211106, 9078445508

OR REPORT NEAREST POLICE STATION.

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ଶିକ୍ଷାରେ ସଫଳତା ମିଳିବ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

## ଆଜିର ଇତିହାସ

- ୧୮୮୦- ସୁପ୍ରସିଦ୍ଧ ହିନ୍ଦୀ ଔପନ୍ୟାସିକ ମୁନ୍‌ସି ପ୍ରେମଚାନ୍ଦଙ୍କ ଜନ୍ମ ।
- ୧୯୩୩- ମହାତ୍ମା ଗାନ୍ଧୀ ସ୍ଥାୟୀ ଭାବେ ସାବରମତୀ ଆଶ୍ରମ ଛାଡ଼ିଲେ ।
- ୧୯୫୬- ଭାରତ ଓ ନେପାଳ ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ ।
- ୧୯୮୨- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା ।
- ୧୯୯୩- ଭାରତର ପ୍ରଥମ ସାମୁଦ୍ରିକ ସଂଗ୍ରହାଳୟ କଲିକତାରେ ଉଦ୍‌ଘାଟନ ହେଲା ।

# ଆସିବ 'ମମ୍'ର ସିକ୍ୱେଲ




ଶ୍ରୀଦେବୀଙ୍କ ଅଭିନୀତ ଚଳଚ୍ଚିତ୍ର 'ମମ୍' ୨୦୧୭ ମସିହାରେ ମୁକ୍ତିଲାଭ କରିଥିଲା । ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା । ଏବେ ଏହାକୁ ନେଇ ଏକ ଖବର ଆସିଛି । ପାଖାପାଖି ୯ ବର୍ଷ ପରେ ଏହାର ସିକ୍ୱେଲ୍ ଆସିବାକୁ ଯାଉଛି । ଶ୍ରୀଦେବୀଙ୍କ ଝିଅ ଖୁସି କପୁର 'ମମ୍ ୨' ଚଳଚ୍ଚିତ୍ରରେ ଲିଡ୍ ରୋଲରେ ନଜର ଆସିବେ । ଏହା ଆସନ୍ତା ନଭେମ୍ବରରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ । ଏହି ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱରେ ବୋନି କପୁର ଅଛନ୍ତି । ଏହାର ସୁଟିଂ ନୋଏଡା ଓ ଗ୍ରୀସ୍‌ରେ ହୋଇଛି । 'ମମ୍' ଶ୍ରୀଦେବୀଙ୍କର ଶେଷ ଚଳଚ୍ଚିତ୍ର ଥିଲା, ଏଭଳି ପରିସ୍ଥିତିରେ ଏହି ପ୍ରୋଜେକ୍ଟ ଖୁସିଙ୍କ ପାଇଁ ବହୁତ ସ୍ୱତନ୍ତ୍ର ହେବ ବୋଲି ଚର୍ଚ୍ଚା ହେଉଛି । ଏହି ଫିଲ୍ମ ମାଧ୍ୟମରେ ଖୁସି ତାଙ୍କ ମାଆଙ୍କ ସ୍ମୃତି ଓ ଅଭିନୟର ସାମ୍ରାଜ୍ୟକୁ ଆଗକୁ ବଢ଼ାଉଥିବାର ନଜର ଆସିବେ । ଏଥିରେ କରିଶ୍ମା ତନ୍ନା ଏବଂ ଯୀଶୁ ସେନଗୁପ୍ତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ଗିରିଶ କୋହଲି ଏହାର ନିର୍ଦ୍ଦେଶନା ଦେଉଛନ୍ତି । 'ମମ୍ ୨' ପ୍ରଥମ ଚଳଚ୍ଚିତ୍ରର କାହାଣୀକୁ ଆଗକୁ ବଢ଼ାଇବ ନାହିଁ, ବରଂ ଏକ ନୂଆ କାହାଣୀ ସହିତ ଆସିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୁହାଯାଉଛି । ଚଳଚ୍ଚିତ୍ରରେ ସସ୍‌ପେନ୍ସ, ଡ୍ରାମା ଏବଂ ଶକ୍ତିଶାଳୀ ମହିଳା ଚରିତ୍ର ମାଧ୍ୟମରେ ନ୍ୟାୟର କାହାଣୀକୁ ଦେଖାଯିବ ।

# ପ୍ୟାଣ୍ଟ ପିନ୍ଧା ଗଧ



ସାଧାରଣତଃ ଲୋକେ ନିଜ ରୁଚି ଅନୁସାରେ ସାର୍ଟ, ଟିସାର୍ଟ, ପ୍ୟାଣ୍ଟ, ପାଇଜାମା ଆଦି ପିନ୍ଧିଥାନ୍ତି । ହେଲେ ଗଧ ପ୍ୟାଣ୍ଟ ପିନ୍ଧିବା କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ । ତେବେ ଫ୍ରାନ୍ସର ପଶ୍ଚିମ ଉପକୂଳ ସ୍ଥିତ 'ଇଲ ଦେ ରେ' ନାମକ ଦ୍ୱୀପରେ ଏଭଳି ଭିନ୍ନତା ଦେଖିବାକୁ ମିଳିଥାଏ । ଏଠାରେ ଗଧଗୁଡ଼ିକ ଭଳିକି ଭଳି ରଙ୍ଗିନ ଚେକ୍ ପ୍ୟାଣ୍ଟ ପିନ୍ଧି ରାସ୍ତା ଏବଂ ପାର୍କରେ ବୁଲୁଥିବାର ନଜର ଆସିଥାନ୍ତି । ତେବେ ଏଠାରେ ଗଧମାନଙ୍କୁ ଚେକ୍ ପ୍ୟାଣ୍ଟ କିମ୍ବା ପାଇଜାମା ପିନ୍ଧାଇବା ପଛରେ ଏକ ଐତିହାସିକ କାରଣ ରହିଛି । ଏହି ପରମ୍ପରା ଫ୍ୟାଶନ କିମ୍ବା ମନୋରଞ୍ଜନ ଉଦ୍ଦେଶ୍ୟରେ ନୁହେଁ, ବରଂ ପଶୁମାନଙ୍କ ସୁରକ୍ଷା ପାଇଁ ଆରମ୍ଭ ହୋଇଥିଲା । ଅତୀତରେ ଏହି ଦ୍ୱୀପରେ ଗଧମାନଙ୍କୁ ଲୁଣ ଚାଷ ଏବଂ କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଥିଲା । ଲୁଣ କ୍ଷେତରେ ଥିବା ବିଷାକ୍ତ ମଶା ଏବଂ ପୋକ-ଜୋକଗୁଡ଼ିକ କାମୁଡ଼ିବା ଯୋଗୁଁ ଗଧମାନଙ୍କ ଗୋଡ଼ରେ ଗମ୍ଭୀର ସଂକ୍ରମଣ ହେଉଥିଲା । ଏହାର ସମାଧାନ ବାହାର କରି, ମାଲିକମାନେ ପୁରୁଣା ସ୍କ୍ରିନ୍ କିମ୍ବା ଗଦି କଭର କପଡ଼ାରୁ ଗଧଙ୍କ ପାଇଁ ପାଇଜାମା ତିଆରି କଲେ । କାମକୁ ଯିବା ପୂର୍ବରୁ ପ୍ରତିଦିନ ସକାଳେ ଗଧମାନଙ୍କୁ ଏହି ପ୍ୟାଣ୍ଟ ପିନ୍ଧାଇ ଦିଆଯାଉଥିଲା, ଯାହାଫଳରେ ପୋକଗୁଡ଼ିକ ସେମାନଙ୍କ ଗୋଡ଼ରେ ପହଞ୍ଚି ପାରିବେ ନାହିଁ । ଏହି ଗଧମାନେ 'ପୋଇତୁ' ପ୍ରଜାତିର । ଏମାନଙ୍କର ଆକାର ବହୁତ ବଡ଼ ହୋଇଥାଏ ଏବଂ ଶରୀରରେ ଲମ୍ବା ଲମ୍ବା ଜଟା ଭଳି କେଶ ଥାଏ । ଏହି ଲମ୍ବା କେଶ ଯୋଗୁଁ ଏମାନଙ୍କୁ ମଶା ଅଧିକ କାମୁଡ଼ନ୍ତି । ଆଜିକାଲି କୃଷି କାର୍ଯ୍ୟ ପାଇଁ ଆଧୁନିକ ମେସିନ୍ ବ୍ୟବହାର ହେଉଥିବାରୁ ଏଠାରେ ଆଉ ପୂର୍ବଭଳି ଗଧମାନଙ୍କୁ କ୍ଷେତରେ କାମ କରିବାକୁ ପଡୁନାହିଁ । ହେଲେ ନିଜର ପୁରୁଣା ସଂସ୍କୃତିକୁ ବଞ୍ଚାଇ ରଖିବା ଏବଂ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ଆଜି ବି ଏଠାରେ ଗଧମାନଙ୍କୁ ପ୍ୟାଣ୍ଟ ପିନ୍ଧାଯାଏ । ସ୍ଥାନୀୟ ସେଣ୍ଟ-ମାର୍ଟିନ-ଦେ-ରେ ସ୍ଥିତ ବାରବେଟ୍ ପାର୍କରେ ପର୍ଯ୍ୟଟକମାନେ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ଏହି ପ୍ୟାଣ୍ଟ ପିନ୍ଧିଥିବା ଗଧମାନଙ୍କୁ ଦେଖିପାରିବେ, ସେମାନଙ୍କ ସହ ଫଟୋ ଉଠାଇ ପାରିବେ ଏବଂ ସେମାନଙ୍କ ପିଠିରେ ବସି ବୁଲିପାରିବେ ।

# ଦାଢ଼ି ପାଇଁ ୧୦ ଲକ୍ଷ



ଆଜିକାଲି ଦାଢ଼ି ରଖିବା ଯୁବକଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟରେ ପରିଣତ ହୋଇଛି । ସେହିପରି ଦାଢ଼ି ଥିବା ଯୁବକ ଅଧିକ ପରିପକ୍ୱ ଲାଗନ୍ତି । ଏହି କ୍ରମରେ ଜଣେ ବ୍ୟକ୍ତି ଦାଢ଼ି ପ୍ରତ୍ୟାରୋପଣ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଅବଶ୍ୟ ଏହା ପଛରେ କାରଣ ଥିବା କୁହାଯାଉଛି । ସମ୍ପୃକ୍ତ ଯୁବକ ଜଣକ ପ୍ରାଇଭେଟ୍ ଇକ୍ୟୁଟି ଏବଂ ଭେଞ୍ଚର କ୍ୟାପିଟାଲ ସେକ୍ଟରରେ କାମ କରନ୍ତି । ଯୁବକ ଜଣକ ତାଙ୍କ ବୟସ ତୁଳନାରେ ବେଶ୍ କମ୍ ବୟସର ଦେଖାଯାଉଥିଲେ । ଏହା ଯୋଗୁଁ ଅନେକ ସମୟରେ ଅଫିସ୍ ମିଟିଂରେ ତାଙ୍କ ମତକୁ ଅଣଦେଖା କରାଯାଏ । ଲୋକେ ତାଙ୍କୁ ଫ୍ରେଶର ବୋଲି ଭାବନ୍ତି । ହେଲେ ଲଗାତାର ଏଭଳି ଟିପ୍ପଣୀ ମିଳିବାରୁ ସେ ଅସହଜ ଓ ଅସୁରକ୍ଷିତ ମନେ କଲେ । ବେଳେ ବେଳେ ଯେଉଁ ପଦବୀ ପାଇଁ ସେ ଯୋଗ୍ୟ ଥାନ୍ତି, ତାଙ୍କର ପିଲାଳିଆ ମୁହଁ ଯୋଗୁଁ ସେଥିରୁ ସେ ବଞ୍ଚିତ ହୋଇଥାନ୍ତି । ଅବଶ୍ୟ ଭଲ ଲୁକ୍ ପାଇବା ପାଇଁ ସେ ପ୍ରଥମେ ପ୍ରାକୃତିକ ଉପାୟକୁ ଆପଣାଇଲେ । ସେ ଦାଢ଼ି ପାଇଁ ପ୍ରଥମେ ତେଲ, ଭିଟାମିନ ଏବଂ କେଶ ଉଠିବା ଔଷଧ ବି ବ୍ୟବହାର କଲେ । ହେଲେ ଶତ ପ୍ରଚେଷ୍ଟା ସତ୍ତ୍ୱେ ବି ତାଙ୍କର ଦାଢ଼ି ଉଠିଲା ନାହିଁ । ଏହାପରେ ସେ ଦାଢ଼ି ପ୍ରତ୍ୟାରୋପଣ କରିବା ନିଷ୍ପତ୍ତି ନେଲେ । ଏହି ପ୍ରକ୍ରିୟାରେ ମୁଣ୍ଡ ପଛ ପାର୍ଶ୍ୱରୁ କେଶ ବାହାର କରାଯାଇ, ମୁହଁର ସେହି ସ୍ଥାନରେ ଲଗାଗଲା, ଯେଉଁଠି ଦାଢ଼ି କମ୍ ଥିଲା । ତାଙ୍କର ପୂରା ସର୍ଜରୀ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଚାଲିଲା । ଅପରେସନ୍ ୧୦ ଦିନ ପର୍ଯ୍ୟନ୍ତ ତାଙ୍କ ମୁହଁରେ ଛୋଟ ଛୋଟ କ୍ଷତ ଚିହ୍ନ ରହିଲା । ଧୀରେ ଧୀରେ ନୂଆ ଦାଢ଼ି ଉଠିବା ଆରମ୍ଭ ହେଲା ଏବଂ କିଛି ଦିନ ପରେ ତାଙ୍କ ଚେହେରା ସମ୍ପୂର୍ଣ୍ଣ ବଦଳିଗଲା । ସେ କହିଛନ୍ତି, ଦାଢ଼ି ଆସିବା ପରେ ତାଙ୍କୁ ଆଉ କମ୍ ବୟସ୍କ ନେଇ ପରିହାସ କଲେ ନାହିଁ । ସହକର୍ମୀମାନେ ତାଙ୍କ କଥାକୁ ପୂର୍ବ ତୁଳନାରେ ଗୁରୁତର ସହକାରେ ଶୁଣିବା ଆରମ୍ଭ କଲେ । ଏପରିକି ପୂର୍ବ ତୁଳନାରେ ସେ ଅଧିକ ପରିପକ୍ୱ ଏବଂ ଆତ୍ମବିଶ୍ୱାସୀ ଲାଗୁଥିବା ଅନେକ ତାଙ୍କୁ କହିଲେ । ଏହି ପରିବର୍ତ୍ତନ ତାଙ୍କର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଇଥିବା ସେ କହିଛନ୍ତି । ଦାଢ଼ି ପ୍ରତ୍ୟାରୋପଣ ପାଇଁ ସେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଏହା ସତ୍ତ୍ୱେ ବି ଏଭଳି ଏକ ନିଷ୍ପତ୍ତିକୁ ନେଇ ସେ ଅନୁଶୋଚନା କରୁ ନ ଥିବା କହିଛନ୍ତି । ଏହାଦ୍ୱାରା ତାଙ୍କ ଆତ୍ମବିଶ୍ୱାସ ଫେରିଛି ଏବଂ ନିଜକୁ ନେଇ ଥିବା ଅସୁରକ୍ଷିତ ମନୋଭାବନା ବି ଅନେକ ପରିମାଣରେ ହ୍ରାସ ପାଇଛି ।

# ବର୍ଷାଦିନେ ବ୍ୟାଧିର ବିପଦ

## ସଚେତନତା ହିଁ ସର୍ବୋତ୍ତମ ସୁରକ୍ଷା କବଚ

**ବର୍ଷାଋତୁରେ ସାମାନ୍ୟ ଅସାବଧାନତା ଅନେକ ସଂକ୍ରାମକ ରୋଗକୁ ଆମନ୍ତ୍ରଣ କରିଥାଏ । ତେଣୁ ଏହିଦିନେ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସଚେତନ ରହିବା ଏକାନ୍ତ ଆବଶ୍ୟକ ।**

ଡା. ରାଜାରାମ ଷଡ଼ଙ୍ଗୀ



ବର୍ଷା ହେଲେ ଜମି ରହୁଥିବା ପାଣି ମଶାଙ୍କ ପାଇଁ ପ୍ରଜନନ କ୍ଷେତ୍ର ପାଲଟିଯାଏ । ଫଳରେ ଡେଙ୍ଗୁ, ମ୍ୟାଲେରିଆ ଓ ଚିକୁନଗୁନିଆ ଭଳି ରୋଗ ଦ୍ରୁତ ଗତିରେ ବ୍ୟାପିଥାଏ । ଅନ୍ୟପଟେ ଦୂଷିତ ପାନୀୟ ଜଳ ଓ ଅପରିଷ୍କାର ଖାଦ୍ୟ ଡାଇରିଆ, କଲେରା, ଟାଇଫଏଡ୍ ଓ ଜଣ୍ଡିସ ଭଳି ରୋଗର କାରଣ ସାଜିଥାଏ । ସର୍ଦ୍ଦି, କାଶ, ଭାଇରାଲ୍ ଜ୍ୱର, ଚର୍ମରୋଗ ଓ ଫଙ୍ଗାଲ୍ ସଂକ୍ରମଣ ମଧ୍ୟ ଏହି ଋତୁରେ ସାଧାରଣ ଘଟଣା ।

ଆୟୁର୍ବେଦ କହେ, ବର୍ଷାଋତୁରେ 'ଅଗ୍ନି' ବା ପାଚନଶକ୍ତି ଦୁର୍ବଳ ହୋଇଯାଏ । ତେଣୁ ଏହି ସମୟରେ ଅଧିକ ତେଲ-ମସଲା, ବାସି ଓ ଅପରିଷ୍କାର ଖାଦ୍ୟ ପରିହାର କରିବା ଆବଶ୍ୟକ । ଉଷୁମ ପାଣି ପିଇବା, ହାଲୁକା ଓ ସହଜପାଚ୍ୟ ଖାଦ୍ୟ ସେବନ କରିବା ଏବଂ ଋତୁ ଅନୁକୂଳ ଜୀବନଶୈଳୀ ଅବଲମ୍ବନ କରିବା ଶରୀରର ପ୍ରତିରୋଧକ କ୍ଷମତାକୁ ସୁଦୃଢ଼ କରିଥାଏ ।


ବ୍ୟକ୍ତିଗତ ସଚେତନତା ସହ ସାମାଜିକ ସଚେତନତା ମଧ୍ୟ ସମାନ ଭାବେ ଆବଶ୍ୟକ । ଘର ଓ ଆଖପାଖରେ ପାଣି ଜମିବାକୁ ନ ଦେବା, ନାଳ ନର୍ଦ୍ଦମାକୁ ପରିଷ୍କାର ରଖିବା, ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବା, ଖାଇବା ପୂର୍ବରୁ ଓ ଶୌଚାଳୟ ବ୍ୟବହାର ପରେ ହାତ ଧୋଇବା ଏବଂ ମଶାରି ବ୍ୟବହାର କରିବା ଭଳି ଅଭ୍ୟାସ ଅନେକ ଗୁରୁତର ରୋଗକୁ ରୋକିପାରେ ।

ଆଜିକାଲି ସାମାନ୍ୟ ଜ୍ୱର ହେଲେ ଅନେକେ ନିଜ ଇଚ୍ଛାରେ ଔଷଧ କିଣି ଖାଇ ଦେଉଛନ୍ତି । ଏହି ପ୍ରବୃତ୍ତି ବିପଜ୍ଜନକ । ବିଶେଷକରି ଡେଙ୍ଗୁ ଭଳି ରୋଗରେ ବିଳମ୍ବ କିମ୍ବା ଭୁଲ୍ ଚିକିତ୍ସା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ତେଣୁ ଦୁଇ ଦିନରୁ ଅଧିକ ଜ୍ୱର, ତୀବ୍ର ମୁଣ୍ଡବିନ୍ଧା, ବାରମ୍ବାର ବାନ୍ତି, ଅତ୍ୟଧିକ ଦୁର୍ବଳତା କିମ୍ବା ରକ୍ତସ୍ରାବର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ । ସ୍ୱଚ୍ଛତା, ସନ୍ତୁଳିତ ଖାଦ୍ୟ, ନିରାପଦ ପାନୀୟ ଜଳ, ନିୟମିତ ବ୍ୟାୟାମ ଓ ସମୟୋପଯୋଗୀ ଚିକିତ୍ସା ପରାମର୍ଶ ଉପରେ ବର୍ଷାଋତୁର ସୁସ୍ଥ ଜୀବନ ନିର୍ଭର କରେ । ଏଥିପାଇଁ ଆବଶ୍ୟକ କେବଳ ସଚେତନତା, ସ୍ୱଚ୍ଛତା ଓ ସମୟୋପଯୋଗୀ ସତର୍କତା ।

- ପଡିଆବାହାଲ, ସମ୍ବଲପୁର

# ପ୍ଲେଟ୍‌ଲେଟ୍ ବୃଦ୍ଧି ପାଇଁ

**ବର୍ଷାଋତୁରେ ଡେଙ୍ଗୁ, ମ୍ୟାଲେରିଆ, ଟାଇଫଏଡ୍ ବହୁଳ ଭାବେ ବ୍ୟାପିଥାଏ । ଏହାଦ୍ୱାରା ବ୍ଲଡ୍ ପ୍ଲେଟ୍‌ଲେଟ୍ ହ୍ରାସ ପାଇଯାଏ । ତେଣୁ ପ୍ଲେଟ୍‌ଲେଟ୍ ସଂଖ୍ୟା ବୃଦ୍ଧି ପାଇଁ କିଛି ଉପାୟ ଆପଣାଇ ପାରିବେ ।**



- ଖାଦ୍ୟରେ ଭିଟାମିନ୍ ସି, ବି ୧୨, ଲୌହସାରଯୁକ୍ତ ଖାଦ୍ୟ, ଡାଳିମ୍ବ, ଅଙ୍ଗୁର, କମଳା, ବ୍ରୋକୋଲି, କିୱି, କଦଳୀ, ପାଳଙ୍ଗ ଆଦି ସବୁଜ ପନିପରିବା ସାମିଲ କରିବା ଆବଶ୍ୟକ ।
- ଚିକିତ୍ସକଙ୍କ ପରାମର୍ଶରେ କଞ୍ଚା ଅମୃତଭଣ୍ଡା ପତ୍ରର ରସ ବହୁତ ସହାୟକ ହୋଇଥାଏ । ଆଜିକାଲି ଅମୃତଭଣ୍ଡା ପତ୍ରରୁ ମଧ୍ୟ ଔଷଧ, ସିରପ, ବଟିକା, ପାଉଡର ଆଦି ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହେଉଛି । ପ୍ଲେଟ୍‌ଲେଟ୍ ବୃଦ୍ଧି ପାଇଁ ପଇଡ଼ପାଣି ସାହାଯ୍ୟ କରେ ।
- ନିୟମିତ ଖାଲି ପେଟରେ ୩ରୁ୪ଟି ଅଁଳା ସେବନ କରିପାରିବେ । ନିୟମିତ ବ୍ୟବଧାନରେ ଏକ ଗ୍ଲାସ ଡାଳିମ୍ବ ରସ ପିଇଲେ ପ୍ଲେଟ୍‌ଲେଟ୍ ସଂଖ୍ୟା ବଢ଼େ । ଏକ ଗ୍ଲାସ ଗାଜର ରସରେ ତିନି ଚାମଚ ବିଟ୍ ରସ ମିଶାଇ ସେବନ କରିପାରିବେ । ଶରୀରର ଜଳୀୟଅଂଶକୁ ବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକୀୟ ତରଳ ପଦାର୍ଥ ଗ୍ରହଣ କରିବା ଆବଶ୍ୟକ ।

## ଘରୋଇ ଉପଚାର

### ପେଟଫମ୍ପାର ଉପଚାର

- ଦୁଇ ଚାମଚ ଲେମ୍ବୁରସରେ ଦୁଇ ଅଣି ଓଜନ ପାନମହୁରୀ ବଟା ମିଶାଇ ୩/୪ ରତି ବିଟ ଲବଣ ଦେଇ ଖାଇଲେ ପେଟଫମ୍ପା ଆରୋଗ୍ୟ ହୁଏ ।
- ଆମିଳିତ ଶାଗ ରସରେ ଯବକ୍ଷାର ଗୋଳି ପେଟ ଉପରେ ପ୍ରଲେପ ଦେଇ ଅଥବା ଏହି ରସ ସହିତ ଖସା ଅଭାବେ ସୋରିଷ ତେଲ ଫେଣାଇ ପେଟରେ ମାଲିସ୍ କଲେ ପେଟଫମ୍ପା ଭଲ ହୁଏ ।
- ହିଙ୍ଗୁଳ ମଞ୍ଜି ପାଣିରେ ବାଟି ପେଟରେ ଲେପ ଦେଲେ ପେଟ ଫମ୍ପା ଓ ଶୂଳ ଭଲ ହୁଏ । ବକ୍ଷରେ ଲେପ ଦେଲେ ବକ୍ଷ ବେଦନା ଭଲ ହୁଏ ।
- କଦମ୍ବପତ୍ର ରସ ଏକ ତୋଳା ଖାଇଲେ ପେଟଫମ୍ପା ଭଲ ହୋଇ ଝାଡ଼ା ସଫା ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ସଞ୍ଜୀବନୀ

# "ମା' କ୍ଷୀର ଶିଶୁ ପାଇଁ ସର୍ବୋତ୍କୃଷ୍ଟ"



**ମା' କ୍ଷୀର ଶିଶୁ ପାଇଁ ଅମୃତ ସମାନ । ଏହା ଶିଶୁ ଶରୀର ପାଇଁ ଏକ ସର୍ବୋତ୍କୃଷ୍ଟ ପୌଷ୍ଟିକ ଉପାଦାନ । ତେଣୁ ସ୍ତନ୍ୟପାନର ଉପାଦେୟତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ପହିଲାରୁ ସାତ ତାରିଖ ପର୍ଯ୍ୟନ୍ତ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ପାଳନ କରାଯାଉଛି । ଏ ବର୍ଷର ବାର୍ତ୍ତା ରହିଛି "ଜୀବନର ଏକ ସ୍ଥାୟୀ ଆରମ୍ଭ ପାଇଁ ମାଆ କ୍ଷୀର: କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥାକୁ ଦୃଢ଼ କରନ୍ତୁ" । ତେବେ ସ୍ତନ୍ୟପାନର ଉପକାରିତା ସମ୍ବନ୍ଧରେ ଜାଣିବା ପାଇଁ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା.ନୀଳମାଧବ ଜେନାଙ୍କ ସହ ସ୍ୱତନ୍ତ୍ର ଆଳାପ ।**

**ମା'ର ପ୍ରଥମ କ୍ଷୀର ହଳଦିଆ ଏବଂ ବହଳିଆ, ଏହି କ୍ଷୀର ଶିଶୁକୁ ଦେବା ଉଚିତ କି?**

- ପ୍ରଥମ କ୍ଷୀରକୁ କଷ କ୍ଷୀର, କୋଲୋଷ୍ଟ୍ରମ୍ କୁହାଯାଏ । ଏହି କ୍ଷୀରର ପ୍ରତିଟି ବିନ୍ଦୁ ଶିଶୁ ପାଇଁ ମୂଲ୍ୟବାନ । ପ୍ରଥମ ତିନିଦିନ ଏହି କଷ କ୍ଷୀର ନିର୍ଗତ ହୋଇଥାଏ । ଏଥିରେ ସମସ୍ତ ପ୍ରକାରର ରୋଗ ପ୍ରତିରୋଧକ ଶକ୍ତି ଭରି ରହିଥାଏ । ଏହି କ୍ଷୀର ଶିଶୁକୁ ଝାଡ଼ା, ବାନ୍ତି, ନିମୋନିଆ, ଆଲର୍ଜି ପରି ଅନେକ ରୋଗରୁ ରକ୍ଷା କରିଥାଏ । ଏ କ୍ଷୀର ପ୍ରଥମ ପ୍ରତିଷେଧକ ଟିକା ବୋଲି କୁହାଯାଏ । ପରିମାଣରେ କମ୍ ହେଲେ ମଧ୍ୟ ଏହା ପୁଷ୍ଟିସାର ଏବଂ ଭିଟାମିନ୍‌ରେ ଭରପୁର ।

**ଶିଶୁ ଜନ୍ମ ହେବାର କେତେ ସମୟ ପରେ ମା' କ୍ଷୀର ଦେବା ଦରକାର?**

- ଜନ୍ମପୂର୍ବରୁ ଶିଶୁ ମା'ଠାରୁ ସମସ୍ତ ଆହାର ନାଭି ବାଟେ ଗ୍ରହଣ କରିଥାଏ, ମାତ୍ର ଜନ୍ମ ପରେ ଶିଶୁ ମା'ଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ହୋଇଯାଏ । ତେଣୁ ଜନ୍ମ ପରେ ଯେତେ ଶୀଘ୍ର ସମ୍ଭବ ମା' କ୍ଷୀର ଦେବା ଆବଶ୍ୟକ । ବିଶେଷକରି ଜନ୍ମର ଏକ ଘଣ୍ଟା ମଧ୍ୟରେ ମା' ଶିଶୁକୁ କୋଳରେ ସ୍ତନ୍ୟପାନ କରାଇବା ଉଚିତ ।

**ମା' ଯଦି କୌଣସି ରୋଗରେ ଆକ୍ରାନ୍ତ ହୁଏ ତେବେ ସେ ସ୍ତନ୍ୟପାନ କରାଇ ପାରିବ କି?**


- ନିଶ୍ଚୟ । ମା' ରୋଗାକ୍ରାନ୍ତ ହେଉ ପଛେ ଶିଶୁକୁ କ୍ଷୀର ପିଆଇବା ଚାଲୁ ରଖିବା ଦରକାର । କାରଣ ମା' ଯେଉଁ ରୋଗରେ ଆକ୍ରାନ୍ତ ତା ଶରୀରରେ ସେହି ରୋଗ ବିରୁଦ୍ଧରେ ରୋଗ ପ୍ରତିରୋଧକ ଶକ୍ତି ଜାତ ହୋଇଥାଏ । ମା' କ୍ଷୀର ଜରିଆରେ ଏହି ଶକ୍ତି ଶିଶୁ ଶରୀରକୁ ଯାଇଥାଏ ।

**ଶିଶୁକୁ କେତେଦିନ ପର୍ଯ୍ୟନ୍ତ ମା' କ୍ଷୀର ଖୁଆଇବା ଆବଶ୍ୟକ?**

- ଅତନ୍ତ ପକ୍ଷେ ଶିଶୁକୁ ପ୍ରଥମ ଛଅମାସ କେବଳ ମା' କ୍ଷୀର ଦେବା ଦରକାର । ତା'ପରେ ଶିଶୁକୁ ଅନ୍ୟ ବହଳିଆ ଖାଦ୍ୟ ଦିଆଯିବା ଉଚିତ । କିନ୍ତୁ ମା' କ୍ଷୀର ବନ୍ଦ ନ କରି ଦୁଇ ବର୍ଷ ପର୍ଯ୍ୟନ୍ତ ଦେବା ଆବଶ୍ୟକ ।

## 'ସକାଳ'ର ସ୍ୱାସ୍ଥ୍ୟ

# ହାଇପରଟେନ୍‌ସିଭ୍ ରେଟିନୋପାଥି



ବିଶୃଙ୍ଖଳିତ ଜୀବନଶୈଳୀ, ଚାପ, ଓଜନ ବୃଦ୍ଧି, ବଂଶଗତ ରୋଗ ଆଦି କାରଣରୁ ଅଧିକାଂଶ ଉଚ୍ଚ ରକ୍ତଚାପରେ ପୀଡ଼ିତ । ଉଚ୍ଚରକ୍ତଚାପ ନିୟନ୍ତ୍ରଣରେ ନ ରହିଲେ ରକ୍ତନଳୀ ଏବଂ ହୃଦୟ ଉପରେ ଚାପ ପଡ଼ି ହୃଦ୍‌ଘାତ, ଷ୍ଟ୍ରୋକ୍, କ୍ରନିକ କିଡନୀ ରୋଗ ସୃଷ୍ଟି କରିପାରେ । ଅନିୟନ୍ତ୍ରିତ ଓ ଦୀର୍ଘ ଦିନ ଧରି ଥିବା ଉଚ୍ଚ ରକ୍ତଚାପ ଯୋଗୁଁ ଆଖିର ରେଟିନାରେ ଥିବା ରକ୍ତନଳୀ କ୍ଷତିଗ୍ରସ୍ତ ହୋଇ ଦୃଷ୍ଟିଶକ୍ତି କମିଯାଇପାରେ । ଏହି ସ୍ଥିତିକୁ ହାଇପରଟେନ୍‌ସିଭ ରେଟିନୋପାଥି କୁହାଯାଏ ।


ଏହି ରୋଗରେ ଆଖିକୁ ଝାପ୍‌ସା ଦିଶିବା, ଦୃଷ୍ଟିଶକ୍ତି ହ୍ରାସ, ମୁଣ୍ଡବୁଲାଇବା ଓ ଯନ୍ତ୍ରଣା, ଆଖି ସାମ୍ନାରେ କଳା ଦାଗ ଦେଖାଯିବା, ରଙ୍ଗ ଚିହ୍ନିବାରେ ସମସ୍ୟା, କିଛି ମାମଲାରେ ଅନ୍ଧକାର ଦିଶିବା ପରି ଲକ୍ଷଣ ଦେଖାଯାଇଥାଏ । ଉପରୋକ୍ତ ଲକ୍ଷଣ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ସେବନ କରିବା ଆବଶ୍ୟକ ।

**ପ୍ରତିକାର:** ଏହି ସମସ୍ୟା ଦୂର କରିବାର ଏକମାତ୍ର ଉପାୟ ହେଉଛି ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା । ଔଷଧ ସେବନ ସହିତ ନିୟମିତ ସନ୍ତୁଳିତ ଖାଦ୍ୟସେବନ, ବ୍ୟାୟାମ କରିବା ଆବଶ୍ୟକ । ମଧୁମେହପୀଡ଼ିତ ରକ୍ତଚାପ ଓ ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ । ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଆଖିର ସ୍ଥିତି ଜାଣିବାକୁ ନିୟମିତ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ ।

## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଫାଇନାଲରେ ନୀରଜ

ଗ୍ଲାସ୍‌ଗୋ,୩୦।୭ (ଏଜେନ୍ସି)



ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଭାରତର ତାରକା ଆଥ୍‌ଲେଟ ନୀରଜ ଚୋପ୍ରା ଏଠାରେ ଚାଲିଥିବା ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ଜାଭେଲିନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ କ୍ୱାଲିଫାଇଂ ଇଭେଣ୍ଟରେ ସେ ୭୯.୨୮ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି କ୍ୱାଲିଫାଇଙ୍ଗ ରାଉଣ୍ଡରେ ୫ମସ୍ଥାନରେ ରହିଥିଲେ। ତାଙ୍କ ସହ ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟ ଦୁଇ ଭାରତୀୟ ରୋହିତ ଯାଦବ ଓ ଯଶବୀର ସିଂହ ମଧ୍ୟ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇ ଫାଇନାଲରେ ପ୍ରବେଶ କରିଛନ୍ତି। ନୀରଜଙ୍କ ପରି ରୋହିତ ତାଙ୍କ ଦ୍ୱିତୀୟ ଆଟେମ୍ପଟରେ ୭୮.୩୭ ମିଟରକୁ ଏବଂ ଯଶବୀର ତାଙ୍କ ଶେଷ ଆଟେମ୍ପଟରେ ୭୮.୩୬ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଯଥାକ୍ରମେ ୭ମ ଓ ୧୦ମ ସ୍ଥାନ ଅଧିକାର କରି ଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ଡିଗ୍ରୀ ତାପମାତ୍ରାରେ ଜଣେ ହେଲେ ଜାଭେଲିନ୍ ଫିଙ୍ଗାଳି ୮୪ ମିଟର ଦୂରତାର ସିଧାସଳଖ କ୍ୱାଲିଫାଇଙ୍ଗ ମାର୍କକୁ ଅତିକ୍ରମ କରିପାରି ନ ଥିଲେ। ଚଳିତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରୀଲଙ୍କାର ରୁମେଶ ତରଙ୍ଗା ସର୍ବାଧିକ ୮୨.୮୪ ମିଟରକୁ ଫିଙ୍ଗି ପ୍ରଥମ ଓ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୧.୨୯ମି.) ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିକ୍ ତଥା ରାଜ୍ୟଗୋଷ୍ଠୀ ପଦକ ବିଜେତା ଅର୍ଶାଦ ନଦୀମ (୭୮.୬୩ମି.) ୫ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ରାତି ୧୨ଟା ୪୫ ମିନିଟରେ ଫାଇନାଲ ଲଢ଼େଇ ଅନୁଷ୍ଠିତ ହେବ।

### ତାଜିନ୍ଦରପାଲ, ସମରଦୀପଙ୍କ ଉପରେ ଆଶା

ପୁରୁଷ ସଟ୍‌ପୁଟରେ ଭାରତର ଏସିଆନ୍ ଗୋଲ୍ଡ ମେଡାଲିଷ୍ଟ ତାଜିନ୍ଦର ପାଲ ସିଂହ ତୁର ଓ ସମରଦୀପ ଗିଲ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଇଭେଣ୍ଟରେ ଉଭୟ ପ୍ରତିଯୋଗୀଙ୍କଠାରୁ ଭାରତ ପଦକ ଆଶା ରଖିଛି। କ୍ୱାଲିଫାଇଙ୍ଗରେ ତାଜିନ୍ଦର ୨୦.୧୪ ମିଟରକୁ ସଟ୍‌ପୁଟ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ନ୍ୟୁଜିଲାଣ୍ଡର ଟମ୍ ୱାଲ୍‌ଶ ୨୧.୦୩ ମିଟର ଦୂରତାକୁ ସଟପୁଟ ଫିଙ୍ଗି ପ୍ରଥମ ହୋଇଥିଲେ। ସେହିପରି ପୁରୁଷ ୨୦୦ ମିଟର ସେମିଫାଇନାଲ ଅନିମେଶ କୁଜୁର ପହଞ୍ଚିଛନ୍ତି।

### ମୁରଲୀଙ୍କ କ୍ରମାଗତ ରୌପ୍ୟ

ଗୁରୁବାର ଅନୁଷ୍ଠିତ ପୁରୁଷ ଲଙ୍ଗ ଜମ୍ପରେ ୮.୦୯ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ମୁରଲୀ ଶ୍ରୀଶଙ୍କର ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଜାମାଇକାର ତାଜୟ ଗେଲ ୮.୧୫ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପ୍ରଥମ ଜାମାଇକା ଆଥଲେଟ୍ ଭାବେ ଗେଲ୍ ପୁରୁଷ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଭାଗନେଇଥିବା ଅନ୍ୟ ଭାରତୀୟ ଲୋକେଶ ସତ୍ୟନାଥନ ୭.୯୭ ମିଟରକୁ ଡେଇଁ ୫ମ ସ୍ଥାନରେ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ମୁରଲୀଙ୍କର କ୍ରମାଗତ ଦ୍ୱିତୀୟ ରୌପ୍ୟ ପଦକ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦୌଡ଼କୁଦରେ ଭାରତର ମଧ୍ୟ ଏହା ଦ୍ୱିତୀୟ ତଥା ରୌପ୍ୟ ପଦକ।

### ଫାଇନାଲ୍‌ରେ ପ୍ରବୀଣ ଓ ପ୍ରଭୁ

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ଟ୍ରିପଲ ଜମ୍ପରେ ଭାରତର ଦୁଇ ପ୍ରତିଯୋଗୀ ପ୍ରବୀଣ ଚିତ୍ରାଭେଲ ଓ ସେଲଭା ପ୍ରଭୁ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏହି ଇଭେଂଟରେ ପ୍ରବୀଣ ୧୬.୪୧ ମିଟର ଓ ପ୍ରଭୁ ୧୬.୨୬ ମିଟର ଦୂରତାକୁ ଡେଇଁ ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ସହ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶୁକ୍ରବାର ରାତିରେ ଫାଇନାଲ ମୁକାବିଲା ହେବ।

### ଦିଲୀପ, ବାସିଲଙ୍କୁ ଐତିହାସିକ ପଦକ



ରାଜ୍ୟଗୋଷ୍ଠୀ ପାରା ଆଥଲେଟିକ୍ସର ଟି୪୭ ପୁରୁଷ ୧୦୦ ମିଟର ରେସ୍‌ରେ ଦିଲୀପ ଗାଭିଟ୍ ସ୍ୱର୍ଣ୍ଣ ଓ ମହମ୍ମଦ୍ ବାସିଲ୍ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦିଲୀପ ଏହି ଦୂରତାକୁ ୧୦.୭୧ ସେକେଣ୍ଡରେ ଅତିକ୍ରମ କରି ଏକ ଗେମସ ରେକର୍ଡ ପ୍ରତିଷ୍ଠା କରିବା ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ବାସିଲ ୧୦.୮୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ହେବା ସହ ରୌପ୍ୟ ପଦକ ହାସଲ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଗୋଟିଏ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ଏମାନେ ପ୍ରଥମ ଭାରତୀୟ ଯୋଡି ହୋଇ ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ପାରା ଆଥଲେଟ ଶର୍ମିଳା ଧନକଡ଼ ମହିଳା ସଟ୍‌ପୁଟରେ ଏବଂ ମହିଳା ଭାରୋତୋଳନରେ ମିରାବାଇ ଚାନୁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

# ରାହାଣେଙ୍କ ଅବସର



ମୁମ୍ବଇ,୩୦।୭ (ଏଜେନ୍ସି): ଭେଟେରାନ ବ୍ୟାଟର ଆଜିଙ୍କ୍ୟ ରାହାଣେ ଗୁରୁବାର ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୩୮ ବର୍ଷୀୟ ରାହାଣେ ବିଦେଶ ମାଟିରେ ଜଣେ ଟାଣୁଆ ବ୍ୟାଟର ଭାବେ ପରିଚିତ ଓ ନେତୃତ୍ୱ ନେବାର ଅସାମାନ୍ୟ ଦକ୍ଷତା ରଖିଥିଲେ। ୧୫ ବର୍ଷର କ୍ୟାରିୟରରେ ଭାରତ ପକ୍ଷରୁ ସେ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଓ ୨୦ଟି ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ଟେଷ୍ଟରେ ସେ ୫,୦୭୭, ଦିନିକିଆରେ ୨,୯୬୨ ଓ ଟି-୨୦ରେ ୩୭୫ ରନ୍ ସଂଗ୍ରହ କରି ଜଣେ ଦମ୍‌ଦାର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଶେଷଥର ଲାଗି ୨୦୨୩ରେ ସେ ଭାରତ ପକ୍ଷରୁ ଏକ ଟେଷ୍ଟ ଖେଳିଥିଲେ। ସେହିଭଳି ଗତ ସଂସ୍କରଣରେ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନେଇଥିବା ରାହାଣେ ଆଇପିଏଲ୍‌ରେ ମଧ୍ୟ ଆଉ ଖେଳିବେନି ବୋଲି ଜଣାପଡ଼ିଛି।

**ସଂକ୍ଷେପରେ କ୍ୟାରିୟର**

| ଫର୍ମାଟ | ମ୍ୟାଚ୍ | ରନ | ଆଭରେଜ | ୧୦୦/୫୦ |
|---|---|---|---|---|
| ଟେଷ୍ଟ | ୮୫ | ୫୦୭୭ | ୩୮.୪୬ | ୧୨/୨୬ |
| ଦିନିକିଆ | ୯୦ | ୨୯୬୨ | ୩୫.୨୬ | ୩/୨୪ |
| ଟି-୨୦ | ୨୦ | ୩୭୫ | ୨୦.୮୩ | ୦/୧ |
| ପ୍ରଥମଶ୍ରେଣୀ | ୨୦୫ | ୧୪୨୦୯ | ୪୪.୯୬ | ୪୨/୫୯ |
| ଲିଷ୍ଟ-ଏ | ୧୯୨ | ୬୮୫୩ | ୩୯.୮୪ | ୧୦/୪୯ |
| ଆଇପିଏଲ | ୨୧୨ | ୫୩୬୭ | ୩୦.୧୫ | ୨/୩୫ |

'ଯେତେବେଳେ ସମୟ ଆସିବ, ନିଜେ ସମ୍ମାନର ସହ ଆଗକୁ ଯିବାକୁ ଚେଷ୍ଟା କରିବ। ମୁଁ ଯେପରି ନିର୍ଦ୍ଧାରିତ ସମୟରେ ବ୍ୟାଟିଂ କରିଥାଏ, ଠିକ୍ ସେହିପରି ଜୀବନକୁ ମଧ୍ୟ ଗୁରୁତ୍ୱ ଦେଇଥାଏ। ଅବସର ନେବା ଏହା ମୋ ଲାଗି ପ୍ରକୃଷ୍ଟ ସମୟ' ବୋଲି ବୋଲି ରାହାଣେ ତାଙ୍କ ଅବସର ବାର୍ତ୍ତାରେ କହିଛନ୍ତି। ବିଦେଶ ମାଟିରେ ନିଜର ଦୃଢ଼ ଟେକ୍‌ନିକ ବ୍ୟାଟିଂ ଲାଗି ସମ୍ମାନ ସାଉଁଟିଥିବା ରାହାଣେ ୨୦୨୦-୨୧ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇତିହାସ ସୃଷ୍ଟି କରିଥିଲେ। ପ୍ରଥମ ଟେଷ୍ଟରେ ଶୋଚନୀୟ ପରାଜୟ ପରେ ଅଧିନାୟକ ବିରାଟ କୋହଲି ସ୍ୱଦେଶ ଫେରିଆସିଥିଲେ। ସେହିଭଳି ପ୍ରମୁଖ ବ୍ୟାଟର ଆହତ ହେବା ସତ୍ତ୍ୱେ ମେଲବୋର୍ଣ୍ଣରେ ସେ ଦଳର ନେତୃତ୍ୱ ନେବା, ଶତକ ହାସଲ କରିବା ଓ ବିଜୟୀ କରାଇଥିବା କୌଣସି ଭାରତୀୟ ଭୁଲି ପାରିବେ ନାହିଁ। ଏହାପରେ ଗାବ୍‌ବାରେ ଖେଳାଯାଇଥିବା ତୃତୀୟ ଟେଷ୍ଟକୁ ଚମତ୍କାର ଶୈଳୀରେ ଜିତିବା ସହ ୨-୧ରେ ସିରିଜ୍ କବ୍‌ଜା କରି ଇତିହାସ ସୃଷ୍ଟି କରିଥିଲେ।

## ଫ୍ଲେମିଂ ଇଂଲଣ୍ଡର ନୂଆ କୋଚ୍, ରୁଟ୍‌ଙ୍କୁ ନେତୃତ୍ୱ



ଲଣ୍ଡନ,୩୦।୭ (ଏଜେନ୍ସି): ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର୍ ଷ୍ଟିଫେନ ଫ୍ଲେମିଂଙ୍କୁ ଇଂଲଣ୍ଡ ଟେଷ୍ଟ କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଛି। ଅନ୍ୟତମ ନ୍ୟୁଜିଲାଣ୍ଡ ଖେଳାଳି ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ସ୍ଥାନରେ ଫ୍ଲେମିଂ ଏହି ଦାୟିତ୍ୱ ଗ୍ରହଣ କରିବେ। ସେହିପରି ବେନ୍ ଷ୍ଟୋକ୍ସ ହଠାତ୍ ଅବସର ଗ୍ରହଣ କରିବା ପରେ ଦଳ ସର୍ବାଧିକ ଅଭିଜ୍ଞ ଖେଳାଳି ଜୋ ରୁଟ୍‌ଙ୍କୁ ପୁଣିଥରେ ଟେଷ୍ଟ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଫ୍ଲେମିଂ ଓ ରୁଟ୍‌ଙ୍କ ଯୋଡି ଲାଗି ଦକ୍ଷିଣ ଆଫ୍ରିକା ଗସ୍ତ ପ୍ରଥମ ଚ୍ୟାଲେଞ୍ଜ ହେବ। ତେବେ ପାକିସ୍ତାନ ବିପକ୍ଷ ଆଗାମୀ ସିରିଜ୍‌ରେ ମାର୍କସ ଟ୍ରେସ୍କୋଥିକ ଦଳର କାମଚଳା କୋଚ୍ ଦାୟିତ୍ୱରେ ରହିବେ। ଦୀର୍ଘ ୧୮ ବର୍ଷଧରି ଚେନ୍ନାଇ ସୁପର କିଙ୍ଗ୍‌ସର ମୁଖ୍ୟ କୋଚ୍ ରହିବା ପରେ ଇଂଲଣ୍ଡକୁ ଏକ ନୂଆ ଟେଷ୍ଟ ଟିମ୍ ଗଠନ କରିବାରେ ୫୩ ବର୍ଷୀୟ ଫ୍ଲେମିଂ ସହାୟତା କରିବେ। ମ୍ୟାକ୍‌କୁଲାମ ପୂର୍ବପରି ସୀମିତ ଓଭର ଟିମ (ଦିନିକିଆ ଓ ଟି-୨୦)ର ପ୍ରଶିକ୍ଷକ ଦାୟିତ୍ୱ ବହନ କରିବେ।

## ଟାଇପେଇ ଓପନ୍: କ୍ୱାର୍ଟରରେ ଉନ୍ନତି, ତନଭୀ ଓ କିରଣ

ଟାଇପେଇ ସିଟି, ୩୦।୭ (ଏଜେନ୍ସି): ଉଦୀୟମାନ ଖେଳାଳି ଉନ୍ନତି ହୁଡା, ତନଭୀ ଶର୍ମା, ଦେବୀକା ସିହାଗ ଓ କିରନ ଜର୍ଜ ଏଠାରେ ଚାଲିଥିବା ଟାଇପେଇ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଉନ୍ନତି ୨୧-୧୯, ୨୧-୧୨ ସିଧାସଳଖ ଗେମରେ ନିଜ ଦେଶର ତନ୍ୟା ହେମନ୍ତଙ୍କୁ ହରାଇଥିଲେ। ତେବେ ପୁରୁଷ ସିଙ୍ଗଲ୍ସରେ ୭ମ ସିଡ୍ ଏଚଏସ ପ୍ରଣୟ ରାଉଣ୍ଡ-୧୬ରେ ହାରି ବିଦାୟ ନେଇଛନ୍ତି। ପ୍ରଣୟ ୯-୨୧, ୧୯-୨୧ ଗେମରେ ହଂକଂର ଜାସନ ଗୁନାୱାନଙ୍କ ନିକଟରୁ ପରାସ୍ତ ହୋଇଥିଲେ।

## ● ଦୁଲୀପ ଟ୍ରଫି କ୍ରିକେଟ

# ଚର୍ଚ୍ଚାରେ ଉପଅଧିନାୟକ ସୂର୍ଯ୍ୟବଂଶୀ

କୋଲକାତା,୩୦।୭ (ଏଜେନ୍ସି): ଅଗଷ୍ଟ ୨୩ରୁ ଉତ୍ତରାଞ୍ଚଳ ସହ ଖେଳାଯିବାକୁ ଥିବା ଦୁଲୀପ୍ ଟ୍ରଫିର ଉଦ୍‌ଘାଟନୀ ମୁକାବିଲା ଲାଗି ଇଶାନ କିଶାନଙ୍କୁ ପୂର୍ବାଞ୍ଚଳର ଅଧିନାୟକ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିବାରୁ ଅନେକ ପୂରାତନ ଖେଳାଳି ପୂର୍ବାଞ୍ଚଳ ଚୟନ କମିଟିକୁ ସମାଲୋଚନା କରିଛନ୍ତି। ସେମାନଙ୍କ କହିବା କଥା ହେଲା ଉପଅଧିନାୟକ ଦିଆଯିବା ଅର୍ଥ ଏତେ କମ୍ ବୟସରୁ ତାଙ୍କୁ ଚାପ ଦେବା। ଫଳରେ ସେ ତାଙ୍କ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରିବେ ନାହିଁ। ଏହାକୁ କିନ୍ତୁ ଖଣ୍ଡନ କରିଛି କମିଟି। କମିଟିର କହିବା କଥା ହେଲା, ସୂର୍ଯ୍ୟବଂଶୀ ବିହାର ଓ ୧୯ ବର୍ଷର କମ୍ ଦଳର ଉପଅଧିନାୟକ ଦାୟିତ୍ୱ ସମ୍ଭାଳିଛନ୍ତି। ଏଠାରେ ନିଜ ସହରର ଖେଳାଳି ଇଶାନ ଅଧିନାୟକ ରହିଛନ୍ତି। ଏଣୁ ସେ ଚାପରେ ପଡ଼ିବେ ନାହିଁ ବୋଲି କମିଟି ଯୁକ୍ତି ବାଢ଼ିଛି। ଘୋଷିତ ୧୫ ଜଣିଆ ଦଳରେ ଝାଡଖଣ୍ଡରୁ ୫, ବେଙ୍ଗଲରୁ ସର୍ବାଧିକ ୬, ଓଡ଼ିଶା, ଆସାମ, ବିହାର ଓ ତ୍ରିପୁରାରୁ ଜଣେ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାରୁ ଏକା ଶୁଭ୍ରାଂଶୁ ସେନାପତିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ସମ୍ବିତ ଏସ୍ ବରାଳ ଓ ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡବାଇରେ ରଖାଯାଇଛି।

## ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରଫାଇନାଲରୁ ଓଡ଼ିଶାର ବିଦାୟ

ଭୁବନେଶ୍ୱର,୩୦।୭ (ଏଜେନ୍ସି)



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଜୁନିଅର ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଓଡ଼ିଶାର ସମସ୍ତ ପ୍ରତିଯୋଗୀ ବିଦାୟ ନେଇଛନ୍ତି। ଫଳରେ ଏଠାରେ ପୋଡିୟମ୍ ଫିନସ କରିବାକୁ ଆଶାୟୀ ଥିବା ଓଡ଼ିଆଙ୍କ ଲାଗି ଏହା ଶକ୍ତ ଧକ୍କା ଦେଇଛି। ଓଡ଼ିଶାର ଶ୍ରେଷ୍ଠ ଆଶା ତଥା ୧୯ ବର୍ଷରୁ କମ୍ ଜାତୀୟ ଚାମ୍ପିଅନ ତନ୍ୱି ପତ୍ରି ମଧ୍ୟ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ୧୦ ନମ୍ବର ସିଡ୍ ତାମିଲନାଡୁର ଦୀକ୍ଷା ଏସ୍‌ଆର୍‌ଙ୍କଠାରୁ ୧୫-୧୦, ୮-୧୫ ଓ ୧୬-୧୪ରେ ସଂଘର୍ଷ କରି ତନ୍ୱି ପରାଜିତ ହୋଇଥିଲେ। ତାଙ୍କ ବ୍ୟତୀତ ମିକ୍ସଡ ଓ ବାଳକ ଡବଲ୍ସ ଯୋଡିରେ ଖେଳୁଥିବା ଦିବ୍ୟମ କେଜରିୱାଲ ମଧ୍ୟ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଦିବ୍ୟମଙ୍କ ଯୁଗଳ ପାର୍ଟନର ଥିଲେ ଶୁଭ୍ରକେତନ ମଲ୍ଲିକ ଓ ମିକ୍ସଡ ଡବଲ୍ସରେ ପାର୍ଟନର ଥିଲେ ସ୍ୱିଟିପ୍ରିୟା ପ୍ରଧାନ। ଆଜି ମହିଳା ଏକକ ସେମିରେ ତାମିଲନାଡୁର ଦୀକ୍ଷାଙ୍କ ସହ ଆଦର୍ଶିନୀ ଶ୍ରୀ, ରାଜସ୍ଥାନର ପାରୁଲ ଚୌଧୁରୀ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେହିପରି ବାଳକ ଏକକରେ ଉତରାଖଣ୍ଡର ନିଶ୍ଚଳ ଚାନ୍ଦ, ତେଲଙ୍ଗାନାର ଶଶାଙ୍କ ଭାନମାଳା ଓ ଟି ଜ୍ଞାନଦତ, କର୍ଣ୍ଣାଟକର ହାର୍ଦ୍ଦିକ ଦିବ୍ୟନାସ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। ଆସନ୍ତାକାଲି ସମସ୍ତ ସେମିଫାଇନାଲ ଓ ଅଗଷ୍ଟ ୧ରେ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପନ ହେବ ବୋଲି ଆୟୋଜକ ସଂଘର ସମ୍ପାଦକ ନୀଳିକ କୁମାର ଜଣାଇଛନ୍ତି।

# ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚ୍‌ପିସିର ଦୁଇବର୍ଷ ପୂରଣ



ଭୁବନେଶ୍ୱର, ୩୦।୭ (ସମିସ): ପୁରୀସ୍ଥିତ ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ନିଜର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା କେନ୍ଦ୍ରର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଖୋ ଖୋ ଚୟନ ପରୀକ୍ଷଣ-୨୦୨୬ ମାଧ୍ୟମରେ ୧୯ଜଣ ନୂତନ ପ୍ରତିଭାଶାଳୀ ଆଥଲେଟମାନଙ୍କୁ କେନ୍ଦ୍ରରେ ସାମିଲ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଭାରତୀୟ ଖୋ ଖୋ ଦଳର ଅଧିନାୟକ ପ୍ରତୀକ ୱାଇକର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ ଖୋ ମହାସଂଘର ଉପସଭାପତି ତଥା ରାଜ୍ୟ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଏଏମ/ଏନଏସ ଇଣ୍ଡିଆ ମାନବ ସମ୍ବଳ ବିଭାଗ ମୁଖ୍ୟ ଦେବବ୍ରତ ଦାଶ, ସିଏସଆର ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ ଓ ଓଡ଼ିଶା ଏଚପିସିର ପ୍ରକଳ୍ପ ମୁଖ୍ୟ ସାଗର ସାମଲ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏଏମ/ଏନଏସ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଆଶୁତୋଷ ଡେଲାଙ୍ଗ କହିଛନ୍ତି ଯେ ଦୁଇ ବର୍ଷ ମଧ୍ୟରେ ଏହି ଏଚପିସି ଏକ ଅଗ୍ରଣୀ କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଖୋ ଖୋ କ୍ରୀଡ଼ାରେ ଭାରତର ଗୌରବ ବଢ଼ାଇବାରେ ସକ୍ଷମ ଚାମ୍ପିଅନ ଆଥଲେଟ ସୃଷ୍ଟି କରିବା ଦିଗରେ ଆମର ପ୍ରୟାସ ଅବ୍ୟାହତ ରହିବ।

## ବ୍ରାଜିଲ ସହ ଫୁଟ୍‌ବଲ୍ ଖେଳିବ ଭାରତ

କୋଲକାତା, ୩୦।୭ (ଏଜେନ୍ସି): ପାଞ୍ଚଥର ବିଶ୍ୱକପ୍ ବିଜେତା ବ୍ରାଜିଲ ସହ ଭାରତ ଏକ ଫୁଟବଲ୍ ମ୍ୟାଚ୍ ଖେଳିବ। ଅକ୍ଟୋବର ୩ରେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ବ୍ରାଜିଲ ଫୁଟବଲ୍ ଫେଡେରେସନ (ସିବିଏଫ) ପକ୍ଷରୁ ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ଫିଫା ମାନ୍ୟତାରେ ଭାରତ ବର୍ତ୍ତମାନ ୧୩୮ତମ ସ୍ଥାନରେ ରହିଛି। ସେହିଭଳି ବିଶ୍ୱ ଫୁଟବଲର ପାୱାର ହାଉସ୍ ବ୍ରାଜିଲ ୫ମ ମାନ୍ୟତା ଦଳ। ଫଳରେ ୧୯୯୨ରେ ଫିଫା ର୍‍ୟାଙ୍କିଙ୍ଗ ପ୍ରଚଳନ ହେବା ପରଠାରୁ ଭାରତ ପ୍ରଥମଥର ଲାଗି ଏକ ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ଦଳ ବିପକ୍ଷରେ ଖେଳିବାକୁ ଯାଉଛି। ତେବେ ଏହି ପ୍ରତୀକ୍ଷିତ ମ୍ୟାଚରେ ବ୍ରାଜିଲର ସର୍ବକାଳୀନ ଶ୍ରେଷ୍ଠ ତାରକା ନେମାରଙ୍କୁ ଦେଖିବାକୁ ମିଳିବ ନାହିଁ। ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପରେ ରାଉଣ୍ଡ-୩୨ରେ ହାରିବା ପରେ ନେମାର ଗତକାଲି ତାଙ୍କ ଅବସର ସ୍ପଷ୍ଟ କରିଥିଲେ। ଉଲ୍ଲେଖଯୋଗ୍ୟ, ବ୍ରାଜିଲ୍ ବାହାରେ ସର୍ବାଧିକ ବ୍ରାଜିଲୀୟ ପ୍ରଶଂସକ ଭାରତରେ ରହିଛନ୍ତି।

## ଆରସିବିର ବ୍ରାଣ୍ଡ ଭାଲ୍ୟୁ ୩୦୦ ମିଲିୟନ ଟପିଲା

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲରେ ସବୁଠାରୁ ମୂଲ୍ୟବାନ ଫ୍ରାଞ୍ଚାଇଜ୍ ହେବାର ରେକର୍ଡ ବଜାୟ ରଖିଛି। ଯାହାର ବ୍ରାଣ୍ଡ ମୂଲ୍ୟ ୩୧୨ ମିଲିୟନ ଡଲାର (୨ ହଜାର ୯୮୭ କୋଟି ୫୭ ଲକ୍ଷ ଟଙ୍କା)ରେ ପହଞ୍ଚିଛି। ୩୦୦ ମିଲିୟନ ଡଲାର ବ୍ରାଣ୍ଡ ଭାଲ୍ୟୁ ହେବାରେ ଆରସିବି ଆଇପିଏଲ୍‌ର ପ୍ରଥମ ଦଳ ହୋଇଛି। ସେହିଭଳି ଏହି ତାଲିକାରେ ମୁମ୍ବଇ ଇଣ୍ଡିଆନ୍ସ ୨୬୪ ମିଲିୟନ ଡଲାର ସହ ଦ୍ୱିତୀୟ, କୋଲକାତା ନାଇଟ୍ ରାଇଡର୍ସ ୨୪୫ ମିଲିୟନ ଡଲାର ସହ ୩ୟ ସ୍ଥାନରେ ରହିଛି।


FOR RENT

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

ସକାଳ THE SAKALA
www.thesakala.in

The Sakala require the following post for Head Office urgently.

ADVERTISEMENT EXECUTIVE

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

NANDIGHOSHA TV RECRUITMENT

Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.

POSITION OPEN

1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.

2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.

HOW TO APPLY

Interested candidates may send their updated resume to: hr@nandighoshatv.com by 31st July 2026

Note: Only shortlisted candidates will be contacted for the selection process.

Contact No. 9437016499 HR Dept.



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS